R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୨
ତିଥି: ଅମାବାସ୍ୟା
୧୭ ଏପ୍ରିଲ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 192
17 April 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ଲୋକସଭାରେ ମହିଳା ସଂରକ୍ଷଣ, ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ

# ବିଲ୍‌କୁ ବିରୋଧ କଲେ ନାରୀ ଶକ୍ତି କ୍ଷମା ଦେବେନି : ମୋଦୀ

## ସୀମା ପୁନଃନିର୍ଦ୍ଧାରଣ ବିଲ୍ ଗଣତନ୍ତ୍ରକୁ ହତ୍ୟା କରିବ : ପ୍ରିୟଙ୍କା

ନୂଆଦିଲ୍ଲୀ, ୧୬ ।୪ : ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କଲେ ନାରୀ ଶକ୍ତି କ୍ଷମା ଦେବେନାହିଁ। ବହୁଦିନ ଯାଏ ପରିଣାମ ଭୋଗିବାକୁ ପଡ଼ିବ। ଦେଶର ନାରୀ ଶକ୍ତି ସଂସଦରେ ହେଉଥିବା ଆଲୋଚନାକୁ ଅତି ନିକଟରୁ ଦେଖୁଛନ୍ତି। ତେଣୁ ଆମ ଉଦ୍ଦେଶ୍ୟରେ ସାଧୁତା ନ ରହିଲେ ନାରୀ ଶକ୍ତି କ୍ଷମା ଦେବେନାହିଁ। ମୋର ଶ୍ରେୟ ଦରକାର ନାହିଁ। ବିରୋଧୀ ଦଳଙ୍କୁ ମୁଁ ବ୍ଲାଙ୍କ୍ ଚେକ୍ ଦେଉଛି। ସେମାନଙ୍କ ଫଟୋ ହୋର୍ଡିଂରେ ଏହି ବିଲ୍ ପାରିତ ହେବାପରେ ଛପାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି କହି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି।



ଆଜି ଲୋକସଭାରେ ତିନୋଟି ବିଲ୍ ଆଗତ ହୋଇଛି। ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସମ୍ବିଧାନ ସଂଶୋଧନ ଓ ସୀମା ପୁନର୍ନିର୍ଦ୍ଧାରଣ ବିଧେୟକଙ୍କୁ ଲୋକସଭାରେ ଆଗତ କରିଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ଆଇନ୍ ବିଲ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଗତ କରିଥିଲେ। ବିଲ୍ ଉପସ୍ଥାପିତ ହେବାପରେ ଏହାକୁ ପ୍ରତ୍ୟାହାର କରିବା ଦାବିରେ ବିରୋଧୀ ଦଳ

- ଏହାର ପରିଣାମ ଦୀର୍ଘଦିନ ଭୋଗିବାକୁ ପଡ଼ିବ
- ମୋର ଶ୍ରେୟ ଦରକାର ନାହିଁ, ବିରୋଧୀଙ୍କୁ ବ୍ଲାଙ୍କ ଚେକ୍ ଦେଉଛି
- ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧୀଙ୍କ ସମର୍ଥନ
- ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ତୀବ୍ର ବିରୋଧ

ହଟ୍ଟଗୋଳ କରିଥିଲେ। ସାଂସଦ କେସି ବେଣୁଗୋପାଳ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେବେ ବିଲ୍‌ଟି ଆଗତ ହେବା ପ୍ରସ୍ତାବ ଉପରେ ଭୋଟିଂ କରାଯାଇଥିଲା। ୨୦୭ ଭୋଟ୍ ସପକ୍ଷରେ ପଡ଼ିଥିବାବେଳେ ବିପକ୍ଷରେ ୧୨୬ ଭୋଟ୍ ପଡ଼ିଥିଲା। ୩ ବିଧେୟକଙ୍କ ଉପରେ ୧୫ରୁ ୧୮ ଘଣ୍ଟା ଆଲୋଚନା ହେବ ଓ ଆସନ୍ତାକାଲି ୪ଟାରେ ଭୋଟିଂ କରାଯିବ ବୋଲି ସ୍ଥିର ହୋଇଛି। ଲୋକସଭାରେ ବିଲ୍ ପାରିତ ହେବାକୁ (୯ ପୃଷ୍ଠାରେ)

## ଇସ୍ରାଏଲ-ଲେବାନନର ୧୦ ଦିନ ଯୁଦ୍ଧ ବିରତି

ନୂଆଦିଲ୍ଲୀ, ୧୬ ।୪ : ଇସ୍ରାଏଲ-ଲେବାନନ ମଧ୍ୟରେ ୧୦ ଦିନ ଯୁଦ୍ଧ ବିରତି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। କୂଟନୈତିକ ଆଲୋଚନା ପ୍ରୟାସ ୧୦ ଦିନ ମଧ୍ୟରେ ଏହି ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ସମ୍ମତି ହୋଇଛି। ଘୋଷଣା ସମୟରେ ଟ୍ରମ୍ପ କହିଛନ୍ତି ଯେ ଲେବାନନ ରାଷ୍ଟ୍ରପତି ଜୋସେଫ୍ ଆଉନ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ମଧ୍ୟରେ ଭଲ ଆଲୋଚନା କରାଯାଇଛି।

ଉଭୟ ପକ୍ଷ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହା ଆଜି ସନ୍ଧ୍ୟା ୫ଟାରୁ ଲାଗୁ ହୋଇଛି। ଇସ୍ରାଏଲ ଓ ଲେବାନନ ମଧ୍ୟରେ ପ୍ରାୟ ୩୪ ବର୍ଷ ପରେ ଏହି ଆଲୋଚନା ହୋଇଥିଲା। ଆମେରିକା ପକ୍ଷରୁ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାର୍କୋ ରୋବିଓ ଏଥିରେ ମଧ୍ୟସ୍ଥତା କରିଥିଲେ। ଟ୍ରମ୍ପ କହିଛନ୍ତି ଯେ ୯ ଯୁଦ୍ଧ ବନ୍ଦ କରିଛି, ଏହା ମୋର ଦଶମ।

### ପଶ୍ଚିମବଙ୍ଗ ଏସ୍‌ଆଇଆରକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟ

## ଟ୍ରିବ୍ୟୁନାଲ ମଞ୍ଜୁରୀ ପରେ ଦେଇପାରିବେ ଭୋଟ୍

ନୂଆଦିଲ୍ଲୀ, ୧୬ ।୪ : ପଶ୍ଚିମବଙ୍ଗରେ ଚାଲିଥିବା ଏସ୍‌ଆଇଆର ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଦୁଇଦିନ ମଧ୍ୟରେ ଯେଉଁମାନଙ୍କର ଭୋଟର ତାଲିକାରେ ନାମ ଯୋଡ଼ିବା ପାଇଁ ଆପିଲେଟ୍ ଟ୍ରିବ୍ୟୁନାଲ ଅନୁମୋଦନ କରିବେ ସେମାନେ ଭୋଟ୍ ଦେଇପାରିବେ। ଏପ୍ରିଲ ୨୧ ସୁଦ୍ଧା ଯେଉଁ ଭୋଟରଙ୍କୁ କ୍ଲିନ୍‌ଚିଟ୍ ମିଳିଛି ସେମାନେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭୋଟ୍ ଦେବେ। ଏପ୍ରିଲ ୨୭ ସୁଦ୍ଧା ଟ୍ରିବ୍ୟୁନାଲରୁ କ୍ଲିନ୍‌ଚିଟ୍ ପାଇଥିବା ଭୋଟର ଦ୍ୱିତୀୟ ପର୍ଯ୍ୟାୟରେ ଭୋଟ୍ ଦେଇପାରିବେ।

ପଶ୍ଚିମବଙ୍ଗରେ ଦୁଇ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେଉଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରୁଛନ୍ତି। ପଶ୍ଚିମବଙ୍ଗ ସରକାର ଓ (୯ ପୃଷ୍ଠାରେ)

# ରାଜ୍ୟରେ ୪୩ ଟପିଲା ପାରଦ

ଭୁବନେଶ୍ୱର, ୧୬ ।୪ (ସବ୍ୟୁ): ରାଜ୍ୟରେ ତାତି ବଢ଼ୁଛି । ପଶ୍ଚିମ ଓଡ଼ିଶା ଜଳୁଥିବା ବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ନାକେଦମ କରୁଛି। ଆଜି(ଗୁରୁବାର) ୪୩ ଡିଗ୍ରୀ ଟପିଛି ପାରଦ । ଏଥିସହ ୬ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଛି । ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ତାତି ଆହୁରି ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।



- ଜଳୁଛି ପଶ୍ଚିମ ଓଡ଼ିଶା, ଉପକୂଳରେ ଗୁଳୁଗୁଳି
- ୪୨ ଡିଗ୍ରୀ ଉପରେ ୬ ସହର ତାପମାତ୍ରା

ପାଣିପାଗ ବିଭାଗର କହିବାନୁସାରେ, ଆଜି ଉପକୂଳରେ ଦିନ ୧୧ଟା ସୁଦ୍ଧା ପାଗ ମେଘୁଆ ରହିଥିଲା। ଫଳରେ ସେତେଟା ଗରମ ଅନୁଭୂତ ହୋଇନି । ଉପକୂଳ ଅଞ୍ଚଳରେ ଦିନ ସମୟରେ ଆର୍ଦ୍ରତା ୭୦ ପ୍ରତିଶରୁ ଅଧିକ ରହିବା ଯୋଗୁ ଗରମ ସହିତ ପ୍ରବଳ ଗୁଳୁଗୁଳି ନୟାନ୍ତ କରିବ । ୧୭ରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି ।

ଗୁରୁବାର ୧୪ଟି ସହରରେ ୪୦ ଡିଗ୍ରୀ କିମ୍ବା ତାଠାରୁ ଅଧିକ ରହିଛି ତାପମାତ୍ରା । (୯ ପୃଷ୍ଠାରେ)

### ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ ଖରାଛୁଟି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୬ ।୪ (ସବ୍ୟୁ): ରାଜ୍ୟରେ ତାତି ବଢ଼ୁଥିବା ବେଳେ ଏବେ ସମସ୍ତଙ୍କ ନଜର ଖରାଛୁଟି ଉପରେ । ଆଉ ଏହି ପ୍ରସଙ୍ଗରେ ବଡ଼ ବୟାନ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ, ଛୁଟି ନିଷ୍ପତ୍ତି ଜିଲ୍ଲାପାଳଙ୍କ ରିପୋର୍ଟ ଉପରେ ନିର୍ଭର କରେ । ଯେଉଁ ଜିଲ୍ଲାମାନଙ୍କରେ ଅସହ୍ୟ ଗରମ ହେଉଛି, ସେଠାକାର ଜିଲ୍ଲାପାଳ ଦେଉଥିବା ତଥ୍ୟ ଆଧାରରେ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବେ ।

ସରକାରଙ୍କ ପାଇଁ (୯ ପୃଷ୍ଠାରେ)

### ଭାରତ-ନରୱେ ସରକାରଙ୍କ ସହଯୋଗରେ ରାଜ୍ୟରେ ହେବ ଏମ୍‌ଏସ୍‌ପି

# ରାଜ୍ୟ-କେନ୍ଦ୍ର ସରକାରଙ୍କ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର, ୧୬ ।୪ (ସବ୍ୟୁ) : ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷାକରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ (ଏମ୍‌ଏସ୍‌ପି) । ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଆଜି ଲୋକସଭା ଭବନରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ ନ୍ୟାସନାଲ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚର ନିର୍ଦ୍ଦେଶକ ଡକ୍ଟର ଆର୍.ଏସ୍. କନ୍‌କରା ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମ୍‌ଏସ୍‌ପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭାରତ ସରକାର ଓ ନରୱେ ସରକାରଙ୍କ ମିଳିତ

### ଏମ୍‌ଏସ୍‌ପି ନୂଆ ବେଞ୍ଚମାର୍କ ସୃଷ୍ଟି କରିବ : ମୁଖ୍ୟମନ୍ତ୍ରୀ

ସହଯୋଗରେ ୨୦୧୯ ମସିହା ଠାରୁ ଦେଶରେ ସଷ୍ଟେନେବଲ ଓସିଆନ ପ୍ଲାନିଂ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହା ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ (୯ ପୃଷ୍ଠାରେ)

### ରାଜ୍ୟର ସବୁ ସାଂସଦଙ୍କୁ ନବୀନଙ୍କ ଚିଠି

# ସମ୍ବିଧାନ ସଂଶୋଧନ ବିଲ୍ ରାଜ୍ୟର ରାଜନୈତିକ, ଆର୍ଥିକ ସ୍ୱାର୍ଥ ଲାଗି ବିପଦ

ଭୁବନେଶ୍ୱର, ୧୬ ।୪ (ସବ୍ୟୁ) : ସଂସଦରେ ଆଗତ ହୋଇଥିବା ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଓଡ଼ିଶାର ରାଜନୈତିକ ଓ ଆର୍ଥିକ ସ୍ୱାର୍ଥ ପାଇଁ ବଡ ବିପଦ। ଓଡ଼ିଶା ସ୍ୱାର୍ଥ ବିରୋଧୀ ଏହି ବିଲ୍‌କୁ ଓଡ଼ିଶାରୁ ନିର୍ବାଚିତ ସାଂସଦମାନେ ବିରୋଧ କରନ୍ତୁ ବୋଲି ଦର୍ଶାଇ ନିର୍ବାଚିତ ସବୁ ସାଂସଦଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି।



ସେ କହିଛନ୍ତି ଯେ ୨୦୧୧ ଜନଗଣନା ଅନୁଯାୟୀ ସୀମା ପୁନଃନିର୍ଦ୍ଧାରଣ ହେଲେ ରାଜ୍ୟର ପ୍ରତିନିଧିତ୍ୱ ସଂସଦରେ ହ୍ରାସ ପାଇବ। ବର୍ତ୍ତମାନ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ୩.୯% ରହିଛି। ସୀମା ପୁନଃନିର୍ଦ୍ଧାରଣ ପରେ ଏହା ୩.୪%କୁ ଖସି ଆସିବ। ଜନସଂଖ୍ୟା ଅଧିକ ଥିବା ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ଯୋଜନାରୁ ଲାଭ ଅଧିକ ନେବେ। ଓଡ଼ିଶା ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ରାଜ୍ୟ ସ୍ୱାର୍ଥରେ କାମ କରିବାକୁ ସବୁ ସାଂସଦଙ୍କୁ ଅନୁରୋଧ କରିଛନ୍ତି। ନାରୀ ସଂରକ୍ଷଣ ପ୍ରସଙ୍ଗକୁ ସୀମା ପୁନଃନିର୍ଦ୍ଧାରଣ ସହ (୯ ପୃଷ୍ଠାରେ)

- ମିଳିତ ଭାବେ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ବିରୋଧ କରନ୍ତୁ
- ସୀମା ପୁନଃନିର୍ଦ୍ଧାରଣ ବିରୋଧରେ ବିଜେଡି ଲୋକଙ୍କ ପାଖକୁ ଯିବ
- ବିଭ୍ରାନ୍ତି ଲାଗି ନବୀନଙ୍କ ରଣନୀତି : ବିଜେପି

# ରାଜ୍ୟରେ ମିଳିବ ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

**ଓଡ଼ିଶା ସରକାର-ଜିପାଇଗୋ ବୁଝାମଣା ପତ୍ର ସ୍ୱାକ୍ଷରିତ** / **ଆର୍ଥିକ ନେଣଦେଣ ଉପରେ ଏହା ପର୍ଯ୍ୟବସିତ ନୁହେଁ**

ଭୁବନେଶ୍ୱର, ୧୬ ।୪ (ସବ୍ୟୁ): ଓଡ଼ିଶାରେ ନର୍ସିଂ ସେବା, ମାତୃଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ଜରୁରୀକାଳୀନ ପ୍ରସୂତୀ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି(ଗୁରୁବାର) ଓଡ଼ିଶା ସରକାର ଏବଂ ଜିପାଇଗୋ(ଜନ୍ ହପ୍ କିନ୍ସ ଆନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତୀ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି ।



ଏହି ଉପଲକ୍ଷେ ଲୋକସେବା ଭବନ ଠାରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହଲିଙ୍ଗଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ମିଶ୍ର ଏବଂ ଜିପାଇଗୋଙ୍କ ତରଫରୁ ସଂସ୍ଥାର ଜାତୀୟ ନିର୍ଦ୍ଦେଶକ ଡଃ ଅମିତ ଶାହ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିଲେ ।

ଏହି ବୁଝାମଣା ପତ୍ରର (୯ ପୃଷ୍ଠାରେ)

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ବିଜୁ ପଟ୍ଟନାୟକ



୫ ମାର୍ଚ୍ଚ ୧୯୧୬ ମସିହାରେ ଜନ୍ମଗ୍ରହଣ କରିଥିବା ବିଜୁ ବାବୁଙ୍କ ଜୀବନ ସଂଘର୍ଷ ଓ ସାହସିକତାର ଏକ ଜ୍ୱଳନ୍ତ ଉଦାହରଣ ଥିଲା, ଯେଉଁଥିରେ ଜଣେ ଦକ୍ଷ ପାଇଲଟ୍ ଭାବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅବିସ୍ମରଣୀୟ ହୋଇ ରହିଛି । ତାଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ତଥା 'ଭୂମିପୁତ୍ର'ଭାବେ ସମ୍ବୋଧନ କରାଯାଇଥାଏ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସେ ଶିଳ୍ପାୟନର ବୁନିଆଦି ପକାଇବା ସହ ପାରାଦୀପ ବନ୍ଦର, ହୀରାକୁଦ ବନ୍ଧ, ରାଉରକେଲା ଇସ୍ପାତ କାରଖାନା, ସୈନିକ ସ୍କୁଲ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭଳି ଅନେକ ଯୁଗାନ୍ତକାରୀ ପ୍ରକଳ୍ପ ଜରିଆରେ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେଇଥିଲେ । ବିଜ୍ଞାନର ପ୍ରସାର ପାଇଁ ବିଶ୍ୱସ୍ତରୀୟ 'କଳିଙ୍ଗ ପୁରସ୍କାର' ପ୍ରତିଷ୍ଠା କରି ସେ ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ପହଞ୍ଚାଇଥିଲେ । ତାଙ୍କର ସଫଳ ନେତୃତ୍ୱ ଓ ଦୂରଦୃଷ୍ଟି ଯୋଗୁଁ ଓଡ଼ିଆ ଜାତି ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଥିଲା । ୧୭ ଏପ୍ରିଲ ୧୯୯୭ ମସିହାରେ ଏହି ମହାନ୍ ଜନନାୟକଙ୍କ ମହାପ୍ରୟାଣ ଘଟିଥିଲେ ମଧ୍ୟ ତାଙ୍କର ନିର୍ଭୀକତା, ସମାଜ ସେବା ଓ ଓଡ଼ିଶା ଗଠନର ସ୍ୱପ୍ନ ଆଜି ବି କୋଟି କୋଟି ଓଡ଼ିଆଙ୍କ ହୃଦୟରେ ପ୍ରେରଣାର ଉତ୍ସ ହୋଇ ରହିଛି ।

## ଏଆଇ ରେସ୍ତୋରାଁ




ଚୀନ୍‌ର ହାଙ୍ଗଜୋଉ ସହରରେ ଏକ ନିଆରା ଏଆଇ ରେସ୍ତୋରାଁ ଖୋଲିଛି, ଯେଉଁଠାରେ ଗ୍ରାହକଙ୍କ ପସନ୍ଦ ଅନୁସାରେ ନୁହେଁ ବରଂ ସେମାନଙ୍କ ଚେହେରା ପଢ଼ି ଖାଦ୍ୟ ପରଷାଯାଉଛି । ରେସ୍ତୋରାଁଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚାରେ ରହିଛି । ଶିହୁ ଜିଲ୍ଲାର ଏହି 'ଜିଏକି ରୋବୋଟ୍ ରେଷ୍ଟୋରଣ୍ଟ'ରେ ଅର୍ଡର ଦେବା ପୂର୍ବରୁ ଏଆଇ ସିଷ୍ଟମ ଗ୍ରାହକଙ୍କ ଚେହେରା ଓ ଜିଭକୁ ସ୍କାନ କରିବା ସହ କିଛି ପ୍ରଶ୍ନ ପଚାରିଥାଏ । ଯାହାପରେ ସେମାନଙ୍କ ଜୀବନଶୈଳୀ, ମନୋଭାବ ଓ ହଜମ ଶକ୍ତିକୁ ଆଧାର କରି ସ୍ୱାସ୍ଥ୍ୟକର ଖାଦ୍ୟର ପରାମର୍ଶ ଦେଇଥାଏ । ଏହି ରେସ୍ତୋରାଁରେ ପ୍ରାୟ ୮ଟି ରୋବୋଟ୍ ଅର୍ଡର ନେବା ଠାରୁ ଆରମ୍ଭ କରି ରୋଷେଇ କରିବା, ଖାଦ୍ୟ ପରଷିବା ଏବଂ ସଫାସଫି କରିବା ଭଳି କାର୍ଯ୍ୟ କରୁଛନ୍ତି । ଏଠାରେ ୧୦୦ରୁ ଅଧିକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଉଛି । ବିଶେଷ କଥା ହେଉଛି, ଏହି ରୋବୋଟ୍‌ମାନେ ମାନବୀୟ ଶେଫ୍‌ଙ୍କ ରୋଷେଇ ଶୈଳୀ ଓ ଡାଟା ବ୍ୟବହାର କରୁଥିବାରୁ ଖାଦ୍ୟର ସ୍ୱାଦ ସବୁବେଳେ ସମାନ ରହୁଛି । ଚୀନ୍‌ରେ ଏଆଇ ରୋବୋଟ୍‌ର ଚାହିଦା ଦ୍ରୁତ ଗତିରେ ବଢ଼ୁଥିବା ବେଳେ ୨୦୩୦ ସୁଦ୍ଧା ଏହାର ବଜାର ପ୍ରାୟ ୧୪,୦୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି ।

## କମୁଛି ଶବ୍ଦ ବ୍ୟବହାର

ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ୨୦୦୫ ମସିହା ପରଠାରୁ ମଣିଷର କହିବା ଶୈଳୀରେ ବଡ଼ ପରିବର୍ତ୍ତନ ଆସିଛି ଏବଂ ପ୍ରତିଦିନ ହାରାହାରି ୩୩୮ଟି ଶବ୍ଦ କମ୍ କୁହାଯାଉଛି । ଆମେରିକାର ମିସୌରୀ ଓ ଏରିଜୋନା ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରାୟ ୧୪ ବର୍ଷ ଧରି ଆମେରିକା, ୟୁରୋପ ଓ ଅଷ୍ଟ୍ରେଲିଆର ୨୦୦୦ରୁ ଅଧିକ ଲୋକଙ୍କ ଉପରେ ଏକ ଗବେଷଣା କରିଥିଲେ । ଯେଉଁଥିରୁ ଜଣାପଡ଼ିଛି ଯେ, ପୂର୍ବରୁ ଜଣେ ବ୍ୟକ୍ତି ଦୈନିକ ପ୍ରାୟ ୧୬,୭୦୦ ଶବ୍ଦ କହୁଥିବା ବେଳେ ୨୦୧୯ ବେଳକୁ ଏହା ହ୍ରାସ ପାଇ ୧୨,୫୦୦ରେ ପହଞ୍ଚିଛି । ବିଶେଷଜ୍ଞଙ୍କ ମତରେ ମେସେଜିଂ, ଇମେଲ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ଲୋକେ କଥାବାର୍ତ୍ତା କରିବା ଅପେକ୍ଷା ଲେଖିବାକୁ ଅଧିକ ପସନ୍ଦ କରୁଛନ୍ତି । ଯାହାର ପ୍ରଭାବ ବିଶେଷ କରି ୨୫ ବର୍ଷରୁ କମ୍ ବୟସ୍କ ଯୁବପିଢ଼ିଙ୍କ ଠାରେ ଅଧିକ ଦେଖିବାକୁ ମିଳୁଛି । ଏହି କାରଣରୁ ପରସ୍ପର ମଧ୍ୟରେ ସାଧାରଣ କଥାବାର୍ତ୍ତା କମିବାରେ ଲାଗିଛି, ଯାହା ଆଗାମୀ ଦିନରେ ମାନବୀୟ ସମ୍ପର୍କ ଓ ପାରସ୍ପରିକ ଯୋଗାଯୋଗ ଉପରେ ଗଭୀର ପ୍ରଭାବ ପକାଇପାରେ ବୋଲି ଗବେଷକ ଆଶଙ୍କା ପ୍ରକାଶ କରିଛନ୍ତି ।



## ଓଡ଼ିଆ ରୁଚି

### ଦେଶୀ କୁକୁଡ଼ା ଛେଚା ମସଲା

**ସାମଗ୍ରୀ-** ଦେଶୀ କୁକୁଡା ମାଂସ, ପିଆଜ, ଜିରା, ଶୁଖିଲା ଲଙ୍କା, ଗୋଟା ଗରମ ମସଲା, ଟମାଟୋ, ଅଦା, ରସୁଣ, କ୍ୟାପସିକମ, କାଜୁ, ଧନିଆ ପତ୍ର, ମିଟ ମସଲା, ଲୁଣ, ହଳଦୀ ।

**ପ୍ରଣାଳୀ-** ପ୍ରଥମେ ମାଂସକୁ ଭଲକରି ଧୋଇ ଲୁଣ, ହଳଦୀ ଓ ସୋରିଷ ତେଲ ଅଳ୍ପ ଦେଇ ଗୋଳାଇ ରଖନ୍ତୁ । ଏହାପରେ ଜିରା ଓ ଶୁଖିଲା ଲଙ୍କାକୁ କିଛି ସମୟ ପାଇଁ ବତୁରାଇ ଦିଅନ୍ତୁ । ବତୁରିବା ପରେ ଏହାକୁ ହେମଦସ୍ତାରେ ଛେଚି ନିଅନ୍ତୁ । ସେହିଭଳି ଅଦା ରସୁଣକୁ ମଧ୍ୟ ହେମଦସ୍ତାରେ ଦରଛେଚା କରିନିଅନ୍ତୁ । କୌଣସି ଛେଚା ମସଲା ଚିକ୍କଣ କରିବେ ନାହିଁ । ବର୍ତ୍ତମାନ କରେଇ ତେଲ ଗରମ କରି ସେଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଏଥିରେ ଜିରା ଓ ଶୁଖିଲା ଲଙ୍କାର ଛେଚା ପକାନ୍ତୁ । ଏହାପରେ ପିଆଜ ପକାଇ ଭଲ କରି ଭାଜନ୍ତୁ । ପିଆଜ ନରମ ହେବା ପରେ ଏଥିରେ ଛେଚା ଅଦା ଓ ରସୁଣ ପକାଇ କଷନ୍ତୁ । ଭଲ କରି କସି ହେବା ପରେ ଏଥିରେ ମିଟ ମସଲା, ଲୁଣ ଓ ହଳଦୀ ଓ ଲଙ୍କା ଗୁଣ୍ଡ ପକାନ୍ତୁ । ଅଳ୍ପ ସମୟରେ ପରେ ଟମାଟୋ ପକାଇ କସନ୍ତୁ । ଏହାପରେ ମାଂସ ପକାଇ କସନ୍ତୁ । ମାଂସ କସି ହୋଇଯିବା ପରେ ଏଥିରେ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଘୋଡାଇ ନିଅନ୍ତୁ । ଆଉ ଏକ ପାତ୍ରରେ ସୋରିଷ ତେଲ ଗରମ କରନ୍ତୁ ଏଥିରେ କାଜୁ ଓ ରସୁଣ ପକାଇ ଭାଜନ୍ତୁ । ମାଂସ ଭଲକରି ସିଝିଯିବା ପରେ ଏଥଇରେ ଉକ୍ତ କାଜୁ ଓ ରସୁଣକୁ ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଆଉଥରେ ମାଂସକୁ କିଛି ସମୟ ଫୁଟାନ୍ତୁ । ଶେଷରେ ଗରମ ମସଲା ଓ ଧନିଆ ପତ୍ର ପକାଇ ପରଷନ୍ତୁ ଦେଶୀ କୁକୁଡା ଛେଚା ମସଲା । ଏଥିରେ ଚାହିଁଲେ ଆଳୁ ମଧ୍ୟ ପକାଇ ପାରିବେ ।



## ସୋସିଆଲ କୋଟ୍ସ



ସ୍କ୍ରିପ୍ଟ ଶୁଣିକି ମୋତେ ଖୁବ ହସ ଲାଗିଲା । ଅନୁଭବ ହେଲା କି ଦର୍ଶକ ମଧ୍ୟ ଏହାକୁ ଦେଖି ନିଶ୍ଚୟ ହସିବେ । ତେଣୁ ଫିଲ୍ମ ସାଇନ କରିଥିଲି ।

ମେଘା ଶଙ୍କର, ଅଭିନେତ୍ରୀ



ପ୍ରଥମରୁ ଭାବିଥିଲି ଫିଲ୍ମକୁ ରିଜେକ୍ଟ କରିଦେବି କାରଣ ମୁଁ କିଛି ଅଲଗା ଟ୍ରାଏ କରିବାକୁ ଚାହୁଁଥିଲି । ହେଲେ ପୁରା ସ୍କ୍ରିପ୍ଟ ଶୁଣିବା ପରେ ଏହାକୁ ମନା କରି ପାରି ନଥିଲି । ଏହା ଖୁବ ହଟକେ ଫିଲ୍ମ ।

ଅବିନାଶ ତିୱାରୀ, ଅଭିନେତା



ଶତ୍ରୁଘ୍ନ ଜୀ ମୋତେ ଧୁରନ୍ଧରରେ ଅଭିନୟ କରିବାର ଥିଲା ବୋଲି କହିଥିଲେ । ଯାହାକୁ ମୁଁ ମଧ୍ୟ ଗ୍ରହଣ କରିଥିଲି । ରେହମାନ ଡକୈତ ଚରିତ୍ରଟି ମୋତେ ଖୁବ ସୁଟ କରିଥାଆନ୍ତା ବୋଲି ସେ ପ୍ରକାଶ କରିଥିଲେ ।

ଗୁଲସନ ଗ୍ରୋବର, ଅଭିନେତା

## ଘୁଞ୍ଚିଲା ରିଲିଜ



ସାଉଥ ସୁପରଷ୍ଟାର ରାମ ଚରଣଙ୍କ ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ପେଦ୍ଦି'ର ରିଲିଜ୍ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ପୋଷ୍ଟ-ପ୍ରଡକ୍ସନ କାର୍ଯ୍ୟ ଏବଂ ଦର୍ଶକଙ୍କୁ ଏକ ଉନ୍ନତ ସିନେମା ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟରେ ନିର୍ମାତାମାନେ ଏହି ନିଷ୍ପତ୍ତି ନେଇଛନ୍ତି । ଯେଉଁଥିପାଇଁ ପୂର୍ବରୁ ମାର୍ଚ୍ଚ ୨୭ ରେ ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମ ଏବେ ଆସନ୍ତା ଜୁନ୍ ମାସରେ ପ୍ରେକ୍ଷାଳୟକୁ ଆସିବ ବୋଲି ନିର୍ଦ୍ଦେଶକ ବୁଚି ବାବୁ ସୂଚନା ଦେଇଛନ୍ତି । ଏହି ସିନେମାରେ ରାମ ଚରଣ ଏକ ଦମଦାର୍ ପହିଲମାନ ଚରିତ୍ରରେ ନଜର ଆସିବେ । ସେହିଭଳି ପୂର୍ବରୁ ଏ.ଆର୍. ରହମାନଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଚିକିରି ଚିକିରି' ଏବଂ 'ରାୟ ରାୟ ରା ରା' ଭଳି ଗୀତଗୁଡ଼ିକ ସୋସିଆଲ ମିଡିଆରେ ବେଶ୍ ଟ୍ରେଣ୍ଡ କରୁଛି । ଏହି ଫିଲ୍ମରେ ଜାହ୍ନବୀ କପୁର ମୁଖ୍ୟ ନାୟିକା ସାଜିଥିବା ବେଳେ କନ୍ନଡ ସୁପରଷ୍ଟାର ଶିବ ରାଜକୁମାର, ଦିବ୍ୟେନ୍ଦୁ ଶର୍ମା ଏବଂ ଜଗପତି ବାବୁ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମକୁ ନେଇ ଏବେ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଛି ।

## ରୋବଟ ମାରାଥନ

ଚୀନ୍‌ରେ ଚଳିତ ମାସରେ ଏକ ନିଆରା ମାରାଥନ ଆୟୋଜିତ ହେବାକୁ ଯାଉଛି, ଯେଉଁଥିରେ ମଣିଷଙ୍କ ବଦଳରେ ୧୦୦ରୁ ଅଧିକ ରୋବୋଟ୍ ଦୌଡୁଥିବାର ନଜର ଆସିବେ । ବେଜିଂର ଇ-ଟାଉନ୍ ଅଞ୍ଚଳରେ ଏପ୍ରିଲ ୧୯ ତାରିଖରେ ହେବାକୁ ଥିବା ଏହି ୨୧ କିଲୋମିଟର ବିଶିଷ୍ଟ ଦୌଡ଼ ପ୍ରତିଯୋଗିତାକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ଯେଉଁଥିରେ କିଛି ରୋବୋଟ୍ ସ୍ୱୟଂଚାଳିତ ଭାବେ ନିଜେ ରାସ୍ତା ଖୋଜିବେ ଏବଂ ଅନ୍ୟ କେତେକଙ୍କୁ ରିମୋଟ୍ କଣ୍ଟ୍ରୋଲ୍ ଜରିଆରେ ପରିଚାଳନା କରାଯିବ । ଏହି ରେସ୍ ପୂର୍ବରୁ ୭୦ଟି ଟିମ୍ ଦ୍ୱାରା କରାଯାଇଥିବା ଟ୍ରାଏଲ୍ ରନ୍ ସମୟରେ ରୋବୋଟ୍‌ମାନଙ୍କ ବ୍ୟାଟେରୀ ଶୀଘ୍ର ସରିଯିବା, ମୋଟର ଗରମ ହେବା ଏବଂ ନେଭିଗେସନ ଓ ନିୟନ୍ତ୍ରଣ ହରାଇବା ଭଳି ଅନେକ ସମସ୍ୟା ଦେଖାଦେଇଥିଲା । ଗତ ବର୍ଷ ଅନୁଷ୍ଠିତ ପ୍ରଥମ ରୋବୋଟ୍ ମାରାଥନରେ ୨୧ ମଧ୍ୟରୁ ମାତ୍ର ୬ଟି ରୋବୋଟ୍ ଶେଷ ସୀମା ବା ଫିନିସିଂ ଲାଇନ୍ ପର୍ଯ୍ୟନ୍ତ ପହଞ୍ଚିବାରେ ସଫଳ ହୋଇଥିଲେ । ଯେଉଁଥିପାଇଁ ଚଳିତ ବର୍ଷ ନିର୍ମାତାମାନେ ଏହି କାର୍ଯ୍ୟକ୍ରମକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ରୋବଟମାନେ ଏଥର ଭଲ ପ୍ରଦର୍ଶନ କରିବେ ବୋଲି ସମସ୍ତେ ଆଶା ରଖିଛନ୍ତି । ସୋସିଆଲ ମିଡିଆରେ ଏହି ମାରାଥନର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି ।

## ଇତିହାସ

୧୯୪୬ - ସିରିଆ ଫ୍ରାନ୍ସ ଠାରୁ ସ୍ୱାଧୀନତା ମିଳିବାର ଘୋଷଣା କରିଥିଲା ।
୧୯୪୭ - ଶ୍ରୀଲଙ୍କାର ଖେଳାଳି ମୁଥିୟା ମୁରଲୀଧରନଙ୍କର ଜନ୍ମ ।
୧୯୭୧ - ଲିବିୟା, ସିରିଆ ଓ ମିଶ୍ର ଦେଶ ମିଶି ୟୁନାଇଟେଡ୍ ଆରବ ଷ୍ଟେଟ ନିର୍ମାଣ କରିବା ପାଇଁ ସଙ୍ଘ ଗଠନ କରିଥିଲେ ।
୧୯୭୫ - ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ଏସ ରାଧାକ୍ରିଷ୍ଣନଙ୍କ ନିଧନ ।
୧୯୮୨ - କାନାଡାର ସମ୍ବିଧାନ ଘୋଷଣା କରାଯାଇଥିଲା ।
୧୯୮୨ - ଆମେରିକାର ନେବାଦ ପରୀକ୍ଷଣ ସ୍ଥଳରେ ପରମାଣୁ ପରୀକ୍ଷଣ ।



**ମେଷ:** ମନସ୍ତାପ, କିଛି କାର୍ଯ୍ୟରେ ସଫଳ, ନୂତନ କାର୍ଯ୍ୟରେ ବିଳମ୍ବ, ପାରିବାରିକ ଶାନ୍ତି, ଅର୍ଥ ସମସ୍ୟା ସମାଧାନ, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** କାର୍ଯ୍ୟରେ ଉନ୍ନତି, ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଗୃହକାର୍ଯ୍ୟରେ ଅଗ୍ରଗତି, ନୂତନ କର୍ମ ଆରମ୍ଭ, ବନ୍ଧୁଲାଭ, ଶୁଭଖବର ମିଳିବ, ଦାମ୍ପତ୍ୟ ଖୁସି, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୭, ଆରାଧନା- ଭଗବାନ ଶଙ୍କର ।

**ମିଥୁନ:** ଶତ୍ରୁରେ ବିଜୟ, ଅର୍ଥଲାଭ, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସୁସମାଚାର, ପାରିବାରିକ ଶତ୍ରୁତା, ଲୋକସମ୍ପର୍କ ବୃଦ୍ଧି, ମାମଲା ସମାଧାନ, ହଠାତ୍ ମନସ୍ତାପ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**କର୍କଟ:** ବନ୍ଧୁସାହାଯ୍ୟ, ପାରିବାରିକ ଖୁସି, ଅନୁଷ୍ଠାନରୁ ଲାଭ, ଆଶାରେ କଷ୍ଟ, ନୂତନ କାର୍ଯ୍ୟ ଆରମ୍ଭ, ଦୂରଯାତ୍ରା, ବହୁ ପରିଶ୍ରମ, ଲାଭ କମ୍ ଶରୀର ସୁସ୍ଥ, ବିଦ୍ୟାରେ ସଫଳତା, ସନ୍ତାନ ସୁଖ, ଶତ୍ରୁକଷ୍ଟ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୬, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ମାନସିକ କଷ୍ଟ, ଲୋକସମ୍ପର୍କରେ ଉନ୍ନତି, ଯାତ୍ରାରେ ସତର୍କ, ଅର୍ଥଲାଭ, ସମ୍ପତ୍ତି ବିବାଦ, ନୂତନ ଯୋଜନା ଅସଫଳ, ଶରୀର ସୁସ୍ଥ, ବ୍ୟବସାୟରେ ସନ୍ତୁଷ୍ଟ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** କର୍ମରେ ସଫଳ, ମାମଲା ସମାଧାନ, ପଦବୀଲାଭ, ଭ୍ରାତୃ ଭଗ୍ନୀଙ୍କ ସହାୟତା, କାର୍ଯ୍ୟଲାଗି ମନସ୍ତାପ, ହଠାତ୍ ଦୂରଯାତ୍ରା, ଶତ୍ରୁ ସମସ୍ୟା ସମାଧାନ, ଦାମ୍ପତ୍ୟ ଖୁସି, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା-ମା' ବଗଳାମୁଖୀ ।

**ତୁଳା:** ନୂତନ କର୍ମ ଆରମ୍ଭ, ପାରିବାରିକ ବିବାଦ, ଅର୍ଥଲାଭ, ସମ୍ପତ୍ତି ମାମଲାରେ କଷ୍ଟ, ଶରୀର ସୁସ୍ଥ, ଦୂରଯାତ୍ରା ସଫଳ, ସୁସମାଚାର, ଦାମ୍ପତ୍ୟ ସୁଖ, ବିଦ୍ୟାରେ ସଫଳତା, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ବିଛା:** ଶରୀର କଷ୍ଟ, କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ସମ୍ମାନପ୍ରାପ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବ୍ୟବସାୟରେ ସ୍ୱଳ୍ପଲାଭ, ବିବାଦ ସମାଧାନ, ନୂତନ କାର୍ଯ୍ୟରେ ବିରୋଧ, କଚେରୀ ମାମଲା, ବନ୍ଧୁ ସହଯୋଗ, ବିଦ୍ୟାରେ ସଫଳ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗ୍ରାମଦେବତୀ ।

**ଧନୁ:** କର୍ମେ ଅଶାନ୍ତି, ଅଯଥା ଖର୍ଚ୍ଚାନ୍ତ, ନୂତନ ବନ୍ଧୁଲାଭ, ଦୂରଯାତ୍ରା, ପଦୋନ୍ନତି, ହଠାତ ଧନଲାଭ, ଶତ୍ରୁ ସମସ୍ୟା, ଭ୍ରାତୃ ବିବାଦ, ବନ୍ଧୁ ସହଯୋଗ, ନୂତନ କର୍ମ ଆରମ୍ଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ମକର:** କାର୍ଯ୍ୟରେ ସଫଳ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା, ଦ୍ରବ୍ୟପ୍ରାପ୍ତି, ଆଭୂଷଣ ପ୍ରାପ୍ତି, ଲୋକସମ୍ପର୍କ ବୃଦ୍ଧି, ବ୍ୟକ୍ତି ଦହାୟତା, ସମସ୍ୟା ସମାଧାନ, ବ୍ୟବସାୟରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**କୁମ୍ଭ:** ସମ୍ମାନଲାଭ, ବନ୍ଧୁଦର୍ଶନ, ବ୍ୟବସାୟରେ ଧନାଗ୍ରହ, ଶତ୍ରୁ ସମସ୍ୟା, ଶରୀର ଅସୁସ୍ଥ, ଦାମ୍ପତ୍ୟ ଖୁସି, ନୂତନ କାର୍ଯ୍ୟଭାର ଗ୍ରହଣ, ସମ୍ପତ୍ତିଲାଭ, ବ୍ୟକ୍ତି ସହାୟତା, ଅନୁଷ୍ଠାନରୁ ଲାଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା-ମା' ଉଗ୍ରତାରା ।

**ମୀନ:** ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, କିଛି କାର୍ଯ୍ୟରେ ବିରୋଧ,ବ୍ୟକ୍ତି ସହାୟତା, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁ ସମସ୍ୟା, ଧନଲାଭ, ବ୍ୟବସାୟିକ ଲାଭ, ନୂତନ ଯୋଜନାରେ ଲାଭ, ଶରୀର ସୁସ୍ଥ, ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା- ଭଗବାନ ବିଷ୍ଣୁ ।

ବୈଶାଖ କୃଷ୍ଣପକ୍ଷ, ଅମାବାସ୍ୟା
୧୭.୪.୨୦୨୬ ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଧରାପଡ଼ିଲା ସାଢ଼େ ୩ହଜାର ବୋତଲ ଆସ୍କାଫର୍ଟି, ତିନି ଗିରଫ

କଟକ,୧୬।୪(ସ.ବ୍ୟୁ): ସିଆରଆରଆଇ ଥାନା ପୁଲିସ ଗୁରୁବାର ଗାନ୍ଧିପଲ୍ଲୀ ଅଞ୍ଚଳରେ ଚଢ଼ଉକରି ବିପୁଳ ପରିମାଣର ଦେଶୀମଦ ଜବତ କରିଛି । ଏହି ଘଟଣାରେ ତିନିଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ଗାନ୍ଧୀପଲ୍ଲୀ ଉପରସାହିର ସଞ୍ଜିତ୍ ସାହୁ ଓରଫ ଗାଜିଆ(୩୦), ବଡସାହିର ତ୍ରିଲୋଚନ ସ୍ୱାଇଁ ଓରଫ ମିଥୁନ୍(୩୬) ଓ ଭାଗବତ ସାହିର ରଣଜିତ୍ ବେହେରା ଓରଫ କାଳିଆ(୩୬) । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ଭୋର ସମୟରେ ଥାନା ପକ୍ଷରୁ ନୂଆବଜାର ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିଲା । ଏତିକି ବେଳେ ଖବର ମିଳିଥିଲା କି ଗାନ୍ଧୀପଲ୍ଲୀ ଅଞ୍ଚଳରେ ତିନିଜଣ ଏକ ମାଲବୁହା ଅଟୋ ବିପୁଳ ପରିମାଣର ଦେଶୀମଦ(ଆସ୍କାଫର୍ଟି) ବେପାରୀ ପାଖକୁ ଚାଲାଣ କରୁଛନ୍ତି । ଏହି ସୂଚନା ପାଇବାମାତ୍ରେ ପୁଲିସ ସଂଗେ ସଂଗେ ସୂଚନା ମୁତାବକ ସ୍ଥାନରେ ଚଢ଼ଉକରିଥିଲା । ଏହି ସମୟରେ ଚାଳକ ଗାଡିକୁ ଷ୍ଟାର୍ଟ ମାରି ଆଗକୁ ଗଡୁଥିଲା । ଏହା ଦେଖି ପୁଲିସ ତୁରନ୍ତ ଗାଡିକୁ ଅଟକାଇ ଦେଇଥିଲା । ଏହାପରେ ଗାଡିର ପାଲଟେକି ଯାଞ୍ଚ କରିବାରୁ ସେଥିରେ ବିପୁଳ ପରିମାଣର ମଦ ରହିଥିବା ଦେଖିବାକୁ ମିଳିଥିଲା । ଏଣୁ ପୁଲିସ ମଦ ସହିତ ଗାଡିକୁ ଜବତ କରିବା ସହିତ ତିନି ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ । ମଦବୋଝେଇ ଗାଡିକୁ ଥାନାକୁ ଅଣାଯାଇ ଯାଞ୍ଚ କରାଯାଇଥିଲା । ସେଥିରୁ ୧୪୦ କାର୍ଟୁନ(ଗୋଟିଏ କାର୍ଟୁନରେ ୨୦୦ଏମଏଲ ଲେଖାଏଁ ସାଢ଼େ ୩ହଜାର ବୋତଲ) ମୋଟ ୭୦୦ଲିଟର ମଦ ମିଳିଥିଲା । ଅଭିଯୁକ୍ତ ଗାଜିଆ,ମିଥୁନ୍ ଓ କାଳିଆ ପ୍ରାୟ ଦେଢ଼ବର୍ଷ ହେଲାଣି ଏହି ଚୋରାମଦ କାରବାର ଚଳାଇ ଆସୁଥିବା ଜେରାବେଳେ କହିଛନ୍ତି ।

## ସିବିଏସ୍ଇର ଦୁଇ ଟପ୍ପର୍ ଛାତ୍ରୀ ଟିନା ଓ ଆଲିଶାଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର , (ସବ୍ୟୁ) : ଚଳିତ ସିବିଏସଇ ୧୦ମ ଶ୍ରେଣୀ ପରୀକ୍ଷାରେ ୫୦୦ ରୁ ୫୦୦ ମାର୍କ ରଖି ସଫଳତା ହାସଲ କରିଥିବା ଟିନା ରଥ ଏବଂ ଆଲିଶା ବିଶ୍ୱାଳ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରର ଲୋକସେବା ଭବନରେ ଭେଟିଛନ୍ତି । ମୁଖ୍ୟମନ୍ତ୍ରୀ ଉଭୟ ଟପର ଛାତ୍ରୀଙ୍କୁ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧିତ କରି ରୂପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ କରିଥିଲେ । ଭବିଷ୍ୟତରେ ସେମାନେ ଦୁଇ ଜଣ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଥିଲେ । ଉଭୟ ଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ । ଟିନା ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ବେଳେ, ଆଲିଶା ନ୍ୟୁରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଉଭୟ ଛାତ୍ରୀଙ୍କୁ ନିଷ୍ଠା ଓ ପରିଶ୍ରମ ଜାରି ରଖି, ନିଜର ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି କହିଥିଲେ । ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଟିନା ରଥ ପୁରୀର ମଦର୍ସ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ, ଆଲିଶା ବିଶ୍ୱାଳ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ-୧ ରେ ଅଧ୍ୟୟନ କରି, ୫୦୦ରୁ ୫୦୦ ମାର୍କ ରଖି ରାଜ୍ୟକୁ ଗର୍ବିତ କରିବା ସହ ଦୁହେଁ ଓଡ଼ିଶାର ସିବିଏସଇ ଟପର୍ ଭାବେ ପରିଚିତ ହୋଇଛନ୍ତି । ପୁରୀର ଟିନା ରଥଙ୍କ ପିତା ସମୀର କୁମାର ରଥ ଓ ମାତା ରେଣୁ ପ୍ରଭା ଦାସ । ସେହିପରି, ଭୁବନେଶ୍ୱର ୟୁନିଟ୍-୯ ରେ ବାସ କରୁଥିବା ଆଲିଶା ବିଶ୍ୱାଳଙ୍କ ପିତା ହେଉଛନ୍ତି ସୁଦର୍ଶନ ବିଶ୍ୱାଳ ଓ ମାତା ସୌଦାମିନୀ ମଲ୍ଲିକ୍ ।

## ନର୍ଲା ବିଧାୟିକାଙ୍କ ସ୍ୱାମୀଙ୍କୁ ହାଇକୋର୍ଟରୁ ମିଳିଲା ଅନ୍ତରୀଣ ସୁରକ୍ଷା

### ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଗିରଫ ମନା

କଟକ,(ସବ୍ୟୁ): ନର୍ଲା ତହସିଲଦାରଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାନ୍ତିଙ୍କୁ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ଗୁରୁବାର ଏହି ଆଗୁଆ ଜାମିନ୍ ମାମଲାର ଶୁଣାଣି କରି ଶ୍ରୀ ମହାନ୍ତିଙ୍କୁ ଅନ୍ତରୀଣ ସୁରକ୍ଷା ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୁଲିସ୍ ନର୍ଲା ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ଶ୍ରୀ ମହାନ୍ତିଙ୍କୁ ଗିରଫ କରିପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଶ୍ରୀ ମହାନ୍ତିଙ୍କ ପକ୍ଷରୁ ଆଗୁଆ ଜାମିନ୍ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି । ୬ସପ୍ତାହ ପରକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି । ପରବର୍ତ୍ତୀ ଶୁଣାଣିରେ ପୁଲିସ୍ ଏହି ଘଟଣା ସଂକ୍ରାନ୍ତ କେସ୍ ଡାଏରୀ ଦାଖଲ କରିବ । ନର୍ଲାର ବ୍ଲକ୍ ଅଧ୍ୟକ୍ଷ ତଥା ବିଧାୟିକାଙ୍କ ସ୍ୱାମୀ ଦୁର୍ଗା ପ୍ରସାଦ ମହାନ୍ତି ସ୍ଥାନୀୟ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ତହସିଲଦାରଙ୍କ ଅଭିଯୋଗକ୍ରମେ କେସିଙ୍ଗା ପୁଲିସ୍ ଏକ ମାମଲା ରୁଜୁ କରିଥିଲା । ଏପରିକି କେସିଙ୍ଗା ପୁଲିସ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଧାୟିକାଙ୍କ କ୍ୱାର୍ଟରରେ ମଧ୍ୟ ଏହି ନୋଟିସ୍ ଦିଆଯାଇଥିଲା । ଫଳରେ ଶ୍ରୀ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଯାଇଥିଲା । ଏହି ଘଟଣାରେ ସମ୍ଭାବ୍ୟ ଗିରଫଦାରୀ ଆଶଙ୍କାକୁ ଏଡ଼ାଇବା ପାଇଁ ସେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ସପ୍ତମ ଦିନରେ ଭିତର ରତ୍ନଭଣ୍ଡାର ଗଣତି ମଣତି

ପୁରୀ, (ସବ୍ୟୁ) : ଗୁରୁବାର ସପ୍ତମ ଦିନରେ ଭିତର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଚଳନ୍ତି ଓ ବାହାର ରତ୍ନଭଣ୍ଡାରର ଗଣତି ମଣତି ସ୍ୱଚ୍ଛତାର ସହ ଶେଷ ହୋଇ ସାରିଛି । ଗୁରୁବାର ସପ୍ତମ ଦିନରେ ୨୦ ରୁ ଉର୍ଦ୍ଧ୍ୱ ରତ୍ନ ଅଳଙ୍କାରର ଗଣତି ମଣତି ହୋଇଛି । ପ୍ରାୟ ୭ଘଣ୍ଟା ଧରି ଗୁରୁବାର ଗଣତି ଚାଲିଥିଲା । ୧୯୭୮ ମସିହା ମେଳକ ତାଲିକା ଅନୁଯାୟୀ ବର୍ତ୍ତମାନ ସମସ୍ତ ଅଳଙ୍କାରର ସ୍ୱଚ୍ଛତାର ସହ ନିର୍ଭୁଲ ଚିହ୍ନଟ ଏବଂ ଗଣତି କରାଯାଇ ଫଟୋଗ୍ରାଫି,ଭିଡ଼ିଓଗ୍ରାଫି ଏବଂ ୩ଡ଼ି ମ୍ୟାପିଂ କରାଯାଇ ସିନ୍ଦୁକରେ ରଖାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ସୂଚନା ମୁତାବକ,ଗୁରୁବାର ଭିତର ରତ୍ନଭଣ୍ଡାରର ଦ୍ୱିତୀୟ ଦିବସର ଗଣତି କାର୍ଯ୍ୟ ପ୍ରାୟ ଦିନ ୧୨ଟା ୩୦ରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟ୍ରେଜେରୀରୁ ଚାବି ଆଣି ଖୋଲାଯାଇଥିଲା । ଗୋଟିଏ ଆଲମିରା ଖୋଲାଯାଇ ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଜାରି ରହିଛି । ଗୁରୁବାର ପ୍ରାୟ ୨୦ଟି ରତ୍ନ ଅଳଙ୍କାର ବା ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ହୋଇଛି । ୧୯୭୮ ମସିହାରେ ଭିତର ରତ୍ନ ଅଳଙ୍କାରର ଗଣତି ବେଳେ ଯେଉଁ କ୍ରମିକ ନଂ ରହିଛି । ତାହା ବର୍ତ୍ତମାନର ଗଣତି ବେଳେ କାର୍ଯ୍ୟବାହୀ ସଦସ୍ୟଙ୍କୁ ବେଶ ସହାୟକ ହୋଇଛି । ସମସ୍ତ ଗଣତି ମଣତି ବେଶ ସ୍ୱଚ୍ଛତାର ସହ ସୁରକ୍ଷିତଭାବେ କାର୍ଯ୍ୟ କରାଯାଉଛି । ଗଣତି ପରେ ଫଟୋଗ୍ରାଫି,ଭିଡ଼ିଓଗ୍ରାଫି ଏବଂ ୩ଡ଼ି ମ୍ୟାପିଂ ପରେ ୨୦୨୬ର ଟ୍ୟାଗ କରାଯାଉଛି । ଯାହା ଆଗାମୀ ଦିନରେ ଗଣତି ମଣତି ବେଳେ ସହାୟକ ହୋଇ ପାରିବ । ଗୁରୁବାର ବିଳମ୍ବରେ ରତ୍ନଭଣ୍ଡାର ଖୋଲାଯାଇଥିଲେ ମଧ୍ୟ ପ୍ରାୟ ୭ଘଣ୍ଟା ଧରି ଗଣତି ମଣତି କାର୍ଯ୍ୟ ଶେ ଷ ହୋଇଛି । ସମସ୍ତ ରତ୍ନ ଅଳଙ୍କାରର ଗଣତି ପରେ ଭଣ୍ଡାର ମେକାପଙ୍କୁ ମଣତି କରାଯାଇଛି । ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭିତର ରତ୍ନ ଭଣ୍ଡାରର ତାଲା ଦିଆଯାଇଛି । ଆଗାମୀ ୧୭ ଏବଂ ୧୮ ତାରିଖର ଗଣତି କାର୍ଯ୍ୟ ରହିଛି । ପରେ ଚନ୍ଦନ ଯାତ୍ରା ପାଇଁ ଶ୍ରୀମନ୍ଦିରରେ ନୀତି ବହୁଳ ପାଇଁ ଗଣତି କାର୍ଯ୍ୟ ବନ୍ଦ ରହିବ । ପରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ପରେ ଗଣତି କାର୍ଯ୍ୟ ଆରମ୍ଭ ହେବ । ଗଣତି ପାଇଁ ଗୁରୁବାର ଭିତର କାଠ ଦର୍ଶନ ବନ୍ଦ ରହିଥିବା ବେଳେ ଭକ୍ତ କେବଳ ବାହାର କାଠ ନିକଟରୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି ।



## ସଶକ୍ତ ନାରୀ ସଶକ୍ତ ଭାରତ "ନାରୀଶକ୍ତି ବନ୍ଦନ" କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ : ସଶକ୍ତ ନାରୀ ସଶକ୍ତ ଭାରତ "ନାରୀଶକ୍ତି ବନ୍ଦନ" ଅଧିନିୟମକୁ ସମର୍ଥନ କରିବା ପାଇଁ ପୁରୀ ଜିଲ୍ଲାପ୍ରଶାସନ ତଥ ସମାଜ କଲ୍ୟାଣ ବିଭାଗ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ତଥା ସମାଜ କଲ୍ୟାଣ ବିଭାଗ ତରଫରୁ ନେତାଜୀ ସୁବାଷ ବୋଷ ଛକ ଠାରୁ ମହିଳା ମାନଙ୍କ ମଧ୍ୟରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ନାରୀ ଶକ୍ତି ମହିଳାମାନେ ଯୋଗଦେଇ ଟାଉନ୍ ହଲ୍ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡା ରାଲିରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପୂର୍ବାହ୍ନ ୧୧ ଟା ସମୟରେ ଟାଉନ୍ ହଲ୍ ଠାରେ ଏକ ବିଶାଳ ସଭା ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଦ୍‌ଘାଟନ କରିଥିଲେ । ସମ୍ମାନନୀୟ ଅତିଥି ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମହିଳା କମିସନର ଶ୍ରୀମତୀ ଉର୍ମିଳା ମହାପାତ୍ର, ବିଧାୟିକା ବ୍ରହ୍ମଗିରି ଉପାସନା ମହାପାତ୍ର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ପୌରାଞ୍ଚଳ କମିସନର ଅରୁଗୁଳା ସ୍ନେହା, ମହିଳା ଆଇ.ପି.ଏସ୍. ଅଧିକାରୀଣି ମିସ୍ ଅନନ୍ତା କେ, ବିଜୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣି ଶ୍ରୀମତୀ ତନୁପ୍ରଭା ବେଉରା ଆସନ ଗ୍ରହଣ କରିଥିଲେ । ଜିଲ୍ଲା ଉନ୍ନୟନ ଅଧିକାରୀଣି ଅରୁଗୁଳା ସ୍ନେହା ଅତିଥି ମାନଙ୍କ ପରିଚୟ ଦେଇ ସ୍ୱାଗତ ଜଣାଇଥିଲେ । ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ନାରୀର ସଶକ୍ତି କରଣ ଉପରେ ସମାଜରେ କିପରି ପ୍ରଭାବଶାଳୀ ହୋଇଛି ସେହି ଭାଷଣ ଦେଇ କହିଥିଲେ । ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତି ପରିଡା କହିଥିଲେ ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ବିକଶିତ ଓଡିଶା ଆଜିର ମହିଳା ସଶକ୍ତି କରଣ ଉପରେ ଗୁରୁତ୍ୱ ଦେଇ ମହିଳା ସଂରକ୍ଷଣ ୩୩ % ଭାଗ ରଖିବାପାଇଁ ୧୯୨୩ ମସିହାରୁ ସଂସଦରେ ଲବି କରିଥିଲେ । ଆମ ସରକାରରେ ମହିଳାମାନଙ୍କୁ ଆଗ୍ରାଧିକାର ମହିଳାମାନଙ୍କୁ ଦିଆଯାଇଛି । ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତ ନୁ ପ୍ରଭା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



## କର୍ଣ୍ଣାଟକରୁ ପୁଣି ଚୌଦ୍ୱାର ଜେଲ୍‌କୁ ଫେରିଲା କୁଖ୍ୟାତ ରାଜା ସାହାଣୀ

କଟକ (ସବ୍ୟୁ): ପୁଣି ଚୌଦ୍ୱାର ଜେଲ୍‌କୁ ଫେରିଛି ଆନ୍ତଃରାଜ୍ୟ ଲୁଟେରା ରାଜା ସାହାଣୀ । ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ପାଇଁ ଓଡ଼ିଶା ଏବଂ କର୍ଣ୍ଣାଟକ ପୁଲିସର ନିଦ ହଜେଇ ଦେଇଥିବା ରାଜା ସାହାଣୀକୁ ଗତମାସ ଉତ୍ତରାଖଣ୍ଡର ରିଷିକେଶରୁ ଧରାଯିବା ପରେ କର୍ଣ୍ଣାଟକ ପୁଲିସ୍ ପଚରା ଉଚରା ପାଇଁ ତାକୁ ୭ଦିନିଆ ରିମାଣ୍ଡରେ ନେଇଥିଲେ । ରିମାଣ୍ଡ ଅବଧି ଶେଷ ହେବାପରେ କର୍ଣ୍ଣାଟକ ପୁଲିସ୍ ର ଏକ ଟିମ୍ ରାଜାକୁ ଆଣି ଆଜି ଦିନ ୧୧ଟା ସମୟରେ ଚୌଦ୍ୱାର ଜେଲରେ ଛାଡ଼ିଛନ୍ତି । ରାଜାକୁ କଡ଼ା ସୁରକ୍ଷା ବଳୟ ଭିତରେ ସେ ପୂର୍ବରୁ ରହୁଥିବା ୨ନମ୍ବର ସେଲ୍‌ରେ ରଖା ଯାଇଥିବା ଜେଲ ଅଧିକ୍ଷକ ସୁଜିତ ରାଉଳ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ବିଭିନ୍ନ ରାଜ୍ୟରେ ଲୁଟପାଟ, ଗୁଳିକାଣ୍ଡ, ଡକାୟତି ଆଦି ସଂଗୀନ ଅପରାଧ ଘଟାଇବା ସହିତ ଜେଲରୁ ଫେରାର ହେବାପରେ ରାଜା କର୍ଣ୍ଣାଟକ ର ଏକ ଅଳଙ୍କାର ଦୋକାନରୁ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟି ନେଇଥିଲା । ସେହିପରି ରାଜା ନାମରେ ଅନ୍ୟ ୬ଟି ରାଜ୍ୟରେ ବିଭିନ୍ନ ଅପରାଧିକ ମାମଲା ଥିବାନେଇ ସେ ଦ୍ୱିତୀୟ ବାର ଧରା ହେବାପରେ ଜଣାପଡ଼ିଥିଲା । ଓଡ଼ିଶା ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଉତ୍ତରାଖଣ୍ଡ ପୁଲିସ୍ ସହଯୋଗରେ ରିଷିକେଶରୁ ତାକୁ ଧରିବାରେ ସକ୍ଷମ ହୋଇଥିଲେ ।

## ଦୁର୍ଘଟଣାରେ ଆହତ ମହିଳାଙ୍କ ମୃତ୍ୟୁ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ଡାଇଭରସନ ନିକଟରେ ବୁଧବାର ସନ୍ଧ୍ୟାରେ ସ୍କୁଟି ସହ ଆମ୍ବୁଲାନ୍ସ ଧକ୍କା ହେବାରୁ ସ୍କୁଟି ଚାଳକ ସମେତ ସହଯାତ୍ରୀ ମହିଳା ଗୁରୁତର ଆହତ ହୋଇଥିଲେ। ଆଜି ସକାଳୁ ଚିକିସିତ ଅବସ୍ଥାରେ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ପୁଲିସ ଠାରୁ ସୂଚନା ମିଳିଛି। ପ୍ରକାଶଯେ ଏକ ଘରୋଇ ଚିକିସାଳୟର ଆମ୍ବୁଲାନ୍ସ (ଓଡି ୦୨ବିପି ୭୩୦୧) ମୟୁରଭଂଜରୁ କଟକ ଅଭିମୁଖେ ଯାଉଥିଲା। ପାଣିକୋଇଲି ଶର୍ମା ଡିଭରସନରେ ଏକ ସ୍କୁଟି ( ଓଡି ୩୪ବି ୮୪୨୪) ରେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁଇଁପୁର ପଂଚାୟତର ଖଡିପଦା ଗ୍ରାମର ବାସନ୍ତୀ ବିନ୍ଧାଣୀ (୫୭) ତାଙ୍କ ଘରକୁ ଫେରୁଥିଲେ। ସ୍କୁଟି ଓ ଆମ୍ବୁଲାନ୍ସ ଧକ୍କା ହେବାରୁ ବାସନ୍ତୀ ଓ ସ୍କୁଟି ଚାଳକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଂଗେ ସଂଗେ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିସାଳୟକୁ ପଠାଯାଇଥିଲା। ହେଲେ ଚିକିସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ନେଇ ତାଙ୍କ ପୁଅ ଦେବେନ୍ଦ୍ର ବିନ୍ଧାଣୀ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୧୨୪/୨୬ ରୁଜୁ କରାଯାଇ ଆମ୍ବୁଲାନ୍ସକୁ ଜବତ କରାଯାଇଛି।

## କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

### ଧରାପଡ଼ିଲେ ଆଉ ୨ ଅଭିଯୁକ୍ତ

କଟକ (ସବ୍ୟୁ): ଇନ୍‌ଷ୍ଟାଗ୍ରାମରୁ ପରିଚୟ ଆରମ୍ଭ ହୋଇ ବନ୍ଧୁତା ହୋଇଥିଲା । ଏହାପରେ ଉକ୍ତ ସମ୍ପର୍କ ପ୍ରେମରେ ବଦଳିଯାଇଥିଲା । ଚାଟିଂ ଓ ଡେଟିଂରେ ଦୀର୍ଘ ମାସ ଧରି ନାବାଳିକା ପ୍ରେମିକା ସହିତ ଯୁବକଜଣକ ସମୟ ବିତାଉଥିଲେ । ହେଲେ ପ୍ରେମିକାକୁ ଜଣାନଥିଲା ଶେଷରେ ଓୟୋ ରୁମ୍ ଭିତରେ ମୃଦୁ ପାନୀୟରେ ନିଶା ଦେଇ ପ୍ରେମିକ ଦୁଷ୍କର୍ମ କରିବ । ବିଶ୍ୱାସରେ ବିଷ ଦେଇ ଫେରାର୍ ହୋଇଯିବ । ଏମିତି ଏକ ଅମାନୁଷିକ ଘଟଣା ସମ୍ପର୍କରେ ୨୦୨୫ ମସିହା ନଭେମ୍ବର ୨୫ ତାରିଖରେ ନାବାଳିକାଙ୍କ ପରିବାର ପକ୍ଷରୁ କ୍ୟାଣ୍ଟନମେଣ୍ଟ ଥାନାରେ ଏତଲା ଦିଆଯାଇଥିଲା । ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶରେ ଏକ ସ୍ପେଶାଲ୍ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ଉ ଜାରି ରହିଥିଲା । ୫ମାସ ପରେ ବୁଧବାର ଫେରାର୍ ଥିବା ମୁଖ୍ୟ ଅଭିଯୁକ୍ତ ତଥା ପ୍ରେମିକ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା କଲ୍ୟାଣୀପୁର ଅଞ୍ଚଳର ସତ୍ୟବ୍ରତ ପରିଡ଼ା (୨୨)କୁ ଯାଜପୁର ରୋଡ୍ ରେଳ ଷ୍ଟେସନରୁ ଗିରଫ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ଅଭିଯୁକ୍ତ ସୌମ୍ୟରଞ୍ଜନ ପରିଡ଼ା(୨୩) ଏବଂ କୈଳାସ ପରିଡ଼ା(୨୨)କୁ ଗୁରୁବାର ବିଞ୍ଝାରପୁର ଅଞ୍ଚଳରୁ ଗିରଫ କରାଯାଇଛି । ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ବେଳେ ତାକୁ ଗିରଫ କରିବାକୁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରହିଛି ବୋଲି ଜୋନ୍ ଏସିପି ଗିରିଜାଶଙ୍କର ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି । ପୁଲିସ ସୂଚନା ଅନୁସାରେ, ପୀଡ଼ିତା ଛାତ୍ରୀ ଜଣକ କଟକର ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟରେ ପାଠ ପଢ଼ନ୍ତି । ଯାଜପୁର ଜିଲ୍ଲାର ତାଙ୍କର ଘର ହୋଇଥିବା ବେଳେ କଟକରେ ଏକ ଘରୋଇ ହଷ୍ଟେଲ୍‌ରେ ରହୁଥିଲେ । ୨୦୨୫ ମସିହା ଜାନୁଆରୀ ମାସରେ ସମ୍ପୃକ୍ତ ଛାତ୍ରୀଙ୍କର ସତ୍ୟବ୍ରତ ସହିତ ସମ୍ପର୍କ ସ୍ଥାପନ ହୋଇଥିଲା । 'ଡ୍ୟାନସିଂ ବଏ-ସତ୍ୟବ୍ରତ'ନାମକ ଏକ ଇନଷ୍ଟାଗ୍ରାମ୍ ଆକାଉଣ୍ଟ ସହିତ ପୀଡ଼ିତା ଜଣକ ସମ୍ପର୍କ ସ୍ଥାପନ କରି ଚାଟିଂ କରିଥିଲା । ଏହାର କିଛି ଦିନ ଭିତରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା । ପୁଲିସର ବୈଷୟିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଉଭୟ ଘଣ୍ଟା ଘଣ୍ଟା ଧରି ଚାଟିଂ ଓ କଲ୍‌ରେ ରୁହନ୍ତି । ଅନ୍ୟପଟେ ନାବାଳିକା ଛାତ୍ରୀ ଜଣକ ଅଭିଯୁକ୍ତର ପୂର୍ବ ଯୋଜନା ସମ୍ପର୍କରେ ଆଦୌ ଜାଣି ପାରିନଥିଲେ । ସେ ଗତବର୍ଷ ନଭେମ୍ବର ୨୪ ତାରିଖରେ ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହିତ ପୁରୀ ବୁଲାବୁଲି କରିବାକୁ ନେଇଥିଲା । ସତ୍ୟବ୍ରତ ସହିତ ତା' ୩ଜଣ ବନ୍ଧୁ ୨ଟି ବାଇକ୍‌ରେ ପୁରୀ ଯାଇଥିଲେ । ପୁରୀରେ ପହଞ୍ଚିବା ପରେ ସମସ୍ତେ ଏକ ଓୟୋ ହୋଟେଲରେ ରହିଥିଲେ । ସେଠାରେ ଛାତ୍ରୀଙ୍କୁ ଖାଦ୍ୟ ଓ ପାନୀୟରେ ନିଶା ଦ୍ରବ୍ୟ ମିଶାଇ ଦିଆଯାଇଥିଲା । ଛାତ୍ରୀ ଜଣକ ଅଚେତ ହୋଇପଡ଼ିବା ପରେ ସତ୍ୟବ୍ରତ ଓ ତାଙ୍କର ୩ଜଣ ସାଙ୍ଗ ମିଶି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ । ସନ୍ଧ୍ୟାରେ ଚେତା ଫେରିବା ପରେ ପୀଡ଼ିତା ନିଜ ସହ ଘଟିଥିବା ଏହି ବର୍ବରତା ସମ୍ପର୍କରେ ଜାଣିବାକୁ ପାଇଥିଲେ । ଏହାପରେ ପୀଡ଼ିତା ଜଣକ କୌଶଳକ୍ରମେ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । କଟକ କ୍ୟାଣ୍ଟନମେଣ୍ଟ ଥାନାରେ ସମ୍ପୃକ୍ତ ଛାତ୍ରୀ ଓ ତାଙ୍କ ପରିବାର ଆସି ଏତଲା ଦାୟର କରିଥିଲେ । ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ।

## ବାରବାଟୀ ଫୁଡ୍ କୋର୍ଟ ଦୋକାନ ଘର ଆବେଦନର ଶେଷ ତାରିଖ ୨୪

କଟକ(ସବ୍ୟୁ): କଟକ ମହାନଗର ନିଗମ ପକ୍ଷରୁ ବାରବାଟୀ ଷ୍ଟାଡିୟମ୍ ନିକଟରେ ବାରବାଟୀ ଫୁଡ୍ କୋର୍ଟର ସ୍ଥାପନା କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଫୁଡ୍ କୋର୍ଟରେ ୨ଟି କ୍ୟାଟେଗୋରୀରେ ୩୮ଟି ଦୋକାନ ଘର ଆବଣ୍ଟନ ପାଇଁ ସିଏମସି ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି । ଆସନ୍ତା ଏପ୍ରିଲ ୨୪ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଏଥିପାଇଁ ଆଗ୍ରହୀ ବ୍ୟବସାୟୀ କିମ୍ବା ସଂସ୍ଥା ଆବେଦନ କରିପାରିବେ । ବାରବାଟୀ ଫୁଡ୍ କୋର୍ଟ ପରିସରରେ କ୍ୟାଟେଗୋରୀ ଏଦରେ ୨ଟି ବଡ଼ ଦୋକାନ ଘର ରହିଛି । ୫୧୬ ସ୍କୋୟାରଫୁଟର ଏହି ସ୍ଥାନର ଭଡ଼ା ମାସିକ ୨୬ ହଜାର ୪୦୦ ଟଙ୍କା ରଖାଯାଇଛି । ଏ ସବୁ ଦୋକାନ ଘରର ମାସିକ ଭଡ଼ା ୬ ହଜାର ୬ ଶହ ଟଙ୍କା ରଖାଯାଇଛି । ସିଏମସି ପକ୍ଷରୁ ୩ ବର୍ଷିଆ ଲାଇସେନ୍ସ ଆକାରରେ ଏସବୁ ଦୋକାନ ଘର ପ୍ରଦାନ କରାଯିବ । ଆଗ୍ରହୀ ବ୍ୟକ୍ତି କିମ୍ବା ସଂସ୍ଥା ସିଏମସି ଓ୍ୱେବ୍ ସାଇଟ୍ https://cmccuttack.odisha.gov.inକୁ ଯାଇ ଆବେଦନ ଫର୍ମ ଓ ଅନ୍ୟାନ୍ୟ ସବିଶେଷ ବିବରଣୀ ପାଇପାରିବେ ।

## ଓଏସ୍ଏସ୍ଏସ୍ସି ପକ୍ଷରୁ ୩୩୭ ପ୍ରାର୍ଥୀଙ୍କ ପରୀକ୍ଷା ଫଳ ସ୍ଥଗିତାଦେଶ ରଦ୍ଦ

### ତିନି ସପ୍ତାହ ମଧ୍ୟରେ ନିଯୁକ୍ତି ଦିଅ : ହାଇକୋର୍ଟ

କଟକ, (ସବ୍ୟୁ): ପରୀକ୍ଷାରେ ଅଧିକ ମାର୍କ ରଖିବା କାଳ ହେଲା । କପି କରି ଅଧିକ ମାର୍କ ପାଇଥିବା ଦର୍ଶାଇ ଓଡ଼ିଶା ସବଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିସନ(ଓଏସ୍ଏସ୍ଏସ୍ସି) ପକ୍ଷରୁ ଫରେଷ୍ଟର, ଲାଇଭ୍ ଇନ୍ସପେକ୍ଟର୍ (ଏଲ୍ଆଇ), ଫରେଷ୍ଟ ଗାର୍ଡ ପଦ ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୭ ପ୍ରାର୍ଥୀଙ୍କ ପରୀକ୍ଷାଫଳକୁ ସ୍ଥଗିତ ରଖାଯାଇଥିଲା । ଏଭଳି ନିଷ୍ପତ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ଓଏସ୍ଏସ୍ଏସ୍ସିର ଏହି ନିଷ୍ପତ୍ତି ରଦ୍ଦ କରି ଦେଇଛନ୍ତି । ସମସ୍ତ ୩୩୭ପ୍ରାର୍ଥୀଙ୍କୁ ତିନି ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୌମ୍ୟରଞ୍ଜନ ଶତପଥୀ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି । ତେବେ ଏହି ପ୍ରାର୍ଥୀମାନେ ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କ ସହ ବରିଷ୍ଠତା ଦାବି କରିବେ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଓଏସ୍ଏସ୍ଏସ୍ସି ପକ୍ଷରୁ ୨୦୨୩ ମସିହା ଅକ୍ଟୋବର ୨୦ ତାରିଖରେ ୭୧୯ଟି ଏଲଆଇ, ୩୧୯ଟି ଫରେଷ୍ଟର ଏବଂ ୧୨୫ଟି ଫରେଷ୍ଟ ଗାର୍ଡ ପଦରେ ନିଯୁକ୍ତି ବିଜ୍ଞପ୍ତି ଜାରି କରାଯାଇଥିଲା । ଏହି ସମସ୍ତ ପଦଲାଗି ମୋଟ୍ ୨ଲକ୍ଷ ୫୫ ହଜାର ୧୬୯ ଜଣ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ । ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ମଧ୍ୟରୁ ୩୩୭ ଜଣଙ୍କ ପରୀକ୍ଷାଫଳକୁ ପ୍ରକାଶ କରାଯାଇନଥିଲା । ଏହି ପ୍ରାର୍ଥୀମାନଙ୍କ ଏକାଡେମିକ୍ କ୍ୟାରିଅର ଏତେ ଭଲ ନଥିଲାବେଳେ ହଠାତ୍ ଏହି ପରୀକ୍ଷାରେ ଅଧିକ ମାର୍କ ରଖିବା ପଛରେ ଅସାଧୁ ଉପାୟ ଥିବା ଅଭିଯୋଗ କରାଯାଇଥିଲା । ଏନେଇ ଓଏସ୍ଏସ୍ଏସ୍ସି ପକ୍ଷରୁ ଏକ କମିଟି ଗଠନ କରାଯାଇ ଏହି ପ୍ରାର୍ଥୀମାନଙ୍କ ପରୀକ୍ଷା ଫଳ ପ୍ରକାଶନ ଉପରେ ଅଙ୍କୁଶ ଲଗାଯାଇଥିଲା । ପ୍ରଥମେ ଆବେଦନକାରୀମାନେ ଓଏସ୍ଏସ୍ଏସ୍ସିର ଏହି ନିଷ୍ପତ୍ତି ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ଆଦେଶ ଆଧାରରେ ଆବେଦନକାରୀମାନେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଓଏସ୍ଏସ୍ଏସ୍ସିରେ ସ୍ମାରକପତ୍ର ପ୍ରଦାନ କରିଥିଲେ । କିନ୍ତୁ ଏହି ସ୍ମାରକପତ୍ରକୁ ଓଏସ୍ଏସ୍ଏସ୍ସି ପକ୍ଷରୁ ଖାରଜ କରି ଦିଆଯାଇଥିଲା । ଏହି ଆଦେଶ ବିରୋଧରେ ଆବେଦନକାରୀମାନେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ ଯୁକ୍ତିରେ ଦର୍ଶାଇଥିଲେ ଯେ, ଏହି ପ୍ରାର୍ଥୀମାନେ କପି କରିଥିବାର କୌଣସି ପ୍ରମାଣ ଓପିଏସ୍ସି ନିକଟରେ ନାହିଁ । ସଂପୃକ୍ତ କେନ୍ଦ୍ରର ପରୀକ୍ଷା ନିରୀକ୍ଷକ, ପରିକ୍ଷା ପରିଚାଳକମାନଙ୍କ ପକ୍ଷରୁ କପି ହେଉଥିବା ନେଇ କୌଣସି ପ୍ରକାର ଅଭିଯୋଗ ଦିଆଯାଇ ନାହିଁ । ସେହିପରି ଏକାଡେମିକ୍ କ୍ୟାରିଅର୍‌ରେ ଅଧିକ ମାର୍କ ରଖିନଥିବାରୁ ପରୀକ୍ଷାରେ ଯେ ଅଧିକ ମାର୍କ ରଖିପାରିବେ ନାହିଁ ବୋଲି ଦର୍ଶାଇବା ଯଥାର୍ଥ ନୁହେଁ । ହାଇକୋର୍ଟ ଏହିସବୁ ଯୁକ୍ତିକୁ ଗ୍ରହଣ କରି ଆବେଦନକାରୀମାନଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଟ୍ରକ ଚକା ତଳେ ସ୍କୁଟି, ଅଳ୍ପକେ ବର୍ତ୍ତିଲେ ମହିଳା ପୁଲିସ କର୍ମଚାରୀ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ବଜାର ଗୋଲେଇ ନିକଟରେ ଟ୍ରକ ଚକା ତଳେ ସ୍କୁଟି ପଡିଯାଇଥିଲା। ସ୍କୁଟି ଚାଳକ ସେଠାରୁ ଡେଇଁପଡି ନିଶ୍ଚିନ୍ତ ବଡ ଦୁର୍ଘଟରାରୁ ରକ୍ଷା ପାଇଛନ୍ତି। ପ୍ରକାଶଯେ ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟର ଜଣେ ମହିଳା କର୍ମଚାରୀ ଏକ ସ୍କୁଟି ( ଓଡି୩୪ଓ୍ୱାଇ ୭୭୫୪) ରେ ଯାଉଥିବା ବେଳେ ପାଣିକୋଇଲି ହାଇସ୍କୁଲ ନିକଟରେ ଟ୍ରକ ଚକା ତଳେ ପଡିଯାଇଥିଲେ। ହେଲେ ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତି ଯାଇଥିଲେ। ଘଟଣାସ୍ଥଳେ ପୁଲିସ ପହଂଚି ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।





ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟୁଜ୍ ଚ୍ୟାନେଲ 'ବଡ଼ ଖବର ' ଏବଂ ଓଡିଆ ଦୈନିକ ଖବରକାଗଜ ସମାଲୋଚନା ପକ୍ଷରୁ ପ୍ରକାଶିତ ଓଡ଼ିଆ ଦୈନନ୍ଦିନୀ ( ଡାଏରୀ) ଉନ୍ମୋଚନ କରୁଛନ୍ତି । ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବଡ଼ ଖବର ସିଇଓ କିର୍ତ୍ତିକ ଚନ୍ଦ୍ର ରାୟ, ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଅଛନ୍ତି ।

## ସମୂହ ହନୁମାନ ଚାଳିଶା ପାଠ

କାକଟପୁର ,(ସବ୍ୟୁ): କାକଟପୁର ବ୍ଲକ କଣ୍ଡାପଡା ପଞ୍ଚାୟତ ପତିସାହି ଗ୍ରାମରେ ଥିବା ସତ୍ୟ ମହାବୀରଙ୍କ ପୀଠରେ ଚତୁର୍ଥ ବାର୍ଷିକ ସମୂହ ହନୁମାନ ଚାଳିଶା ପାଠ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପୂଜକ ବିରଞ୍ଚି ନାରାୟଣ ଦାଶ (ନିଲୁ ଭାଇନା)ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଦୂର ଦୁରାନ୍ତରୁ ଶତାଧିକ ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ନିଜ ପରିବାରର ସୁଖ ମନାସି ପ୍ରଭୁ ସତ୍ୟ ମହାବୀର ଙ୍କ ନିକଟରେ ଘୃତ ଦ୍ୱୀପ ଜାଳି ହନୁମାନ ଚାଳିଶା ପାଠ କରିଥିଲେ ଓ ପ୍ରସାଦ ସେବନ କରିଥିଲେ ।ଏହି ମହାଯଜ୍ଞ ରେ ସ୍ଥାନୀୟ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

## ଓଡ଼ିଶା ଷ୍ଟିଲ ପ୍ରଡ୍ୟୁସର୍ସ ଆସୋସିଏସନ୍‌ର ସଭାପତି ହେଲେ ଅସିତ ତ୍ରିପାଠୀ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଇସ୍ପାତ କମ୍ପାନିଗୁଡ଼ିକୁ ନେଇ ନୂତନ ଭାବେ ଗଠିତ ଶିଳ୍ପ ସଂଘ ଓଡ଼ିଶା ଷ୍ଟିଲ ପ୍ରଡ୍ୟୁସର୍ସ ଆସୋସିଏସନ (ଓଏସପିଏ)ର ସଭାପତି ଭାବେ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଅସିତ ତ୍ରିପାଠୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ପ୍ରଶାସନ, ନୀତି ନିର୍ଦ୍ଧାରଣ ଓ ଶିଳ୍ପ ବିକାଶ କ୍ଷେତ୍ରରେରେ ଅନେକ ଦଶନ୍ଧିର ଅଭିଜ୍ଞତା ସହ ଶ୍ରୀ ତ୍ରିପାଠୀ ବର୍ତ୍ତମାନ ଜିନ୍ଦଲ ଷ୍ଟିଲର ଆଡଭାଇଜର ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ମନୋନୟନ ସରକାର ଓ ଶିଳ୍ପ ଜଗତ ମଧ୍ୟରେ ଏକ ଉତ୍ତମ ସହବନ୍ଧନ ସହ ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ କ୍ଷେତ୍ର ଭାବେ ଓଡିଶାର ସ୍ଥିତିକୁ ମଜଭୁତ କରିବ । ଶ୍ରୀ ତ୍ରିପାଠୀଙ୍କ ମନୋନୟନକୁ ଓଏସପିଏର ସଦସ୍ୟମାନେ ସ୍ୱାଗତ କରିବା ସହ ତାଙ୍କ ନେତୃତ୍ୱ ଉପରେ ଗଭୀର ଆସ୍ଥା ପ୍ରକଟ କରିଛନ୍ତି । ଏହି ଅବସରରେ ଶ୍ରୀ ତ୍ରିପାଠୀ କହିଛନ୍ତି, "ଭାରତୀୟ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିଛି । ଇସ୍ପାତ ଶିଳ୍ପ ତଥା ରାଜ୍ୟର ଦୀର୍ଘ ମିଆଦି ବିକାଶ ଲକ୍ଷ୍ୟ ହାସଲ ପାଇଁ ଓଏସପିଏ ଏକ ମଜଭୁତ ଓ



ଗଠନମୂଳକ ସ୍ୱର ହେବ । ରାଜ୍ୟର ସାମଗ୍ରିକ ଶିଳ୍ପ ବିକାଶ ପାଇଁ ଆମେ ଏକ ଦାୟିତ୍ୱସମ୍ପନ୍ନ ଅନୁଷ୍ଠାନ ଭାବେ ସରକାର ଓ ଅଂଶଧାରକଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବୁ । ଏହା ସହିତ ଅବସରପ୍ରାପ୍ତ ଆଇଏଫ୍ଏସ୍ ଅଧିକାରୀ ଏସ.କେ ପୋପଲି ମହାସଚିବ ଭାବେ ମନୋନୀତ ହୋଇଛନ୍ତି । ଜିନ୍ଦଲ ଷ୍ଟିଲ, ଜେଏସଡବ୍ଲୁ, ଜିନ୍ଦଲ ଷ୍ଟେନଲେସ, ଏଏମଏନଏସ, ରୁଙ୍ଗଟା ମାଇନ୍ସ, ନର୍ଭେରାମ ଷ୍ଟିଲ, ଏମଏଜିଏମ ଷ୍ଟିଲ, ଆରତୀ ଷ୍ଟିଲ ଏବଂ ଏସାର ଷ୍ଟିଲ ଭଳି ରାଜ୍ୟର ପ୍ରମୁଖ ୧୫ ଇସ୍ପାତ କମ୍ପାନିର ପ୍ରତିନିଧି ଏହି ବୈଠକରେ ଯୋଗ ଦେଇଥିଲେ । ଖୁବ ଶୀଘ୍ର ଶୀର୍ଷ କମିଟି ଓ ଉପ କମିଟି ପାଇଁ ସେମାନଙ୍କ ପ୍ରତିନିଧି ମନୋନନୟନ ପାଇଁ ସଦସ୍ୟ କମ୍ପାନିଗୁଡ଼ିକ ସହମତି ପ୍ରକାଶ କରିଛନ୍ତି ।

## ଛାତ୍ରଙ୍କୁ ଅପହରଣ, ୧୩ଲକ୍ଷ ମୁଣ୍ଡଜାମିନ ମିଛ

ଭୁବନେଶ୍ୱର, (ସବ୍ୟୁ) : ଛାତ୍ରଙ୍କୁ ଅପହରଣ କରିନେଇ ୧୩ଲକ୍ଷ ମୁଣ୍ଡଜାମିନ ମାଗିବା ଘଟଣା ମିଛ ବୋଲି କହିଛି ଇନ୍ଫୋଭାଲି ଥାନା । ଛାତ୍ର ସାଙ୍ଗମାନଙ୍କ ସହ ମିଶି ମିଛ ଅପହରଣ ନାଟକ ରଚିବା ଘରକୁ ନିଜ ଫୋନ୍‌ରୁ ସାଙ୍ଗମାନଙ୍କ ଜରିଆରେ ୧୩ଲକ୍ଷ ଟଙ୍କା ମୁଣ୍ଡଜାମିନ ମାଗିଥିବା ପୋଲିସ କହିଛି । ପୋଲିସ ସେହି ଛାତ୍ରଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଜିମା ଦେଇଛି । ସଞ୍ଜୟ କୁମାର ମହାନ୍ତଙ୍କ ପୁଅ ତୁଷାର (୨୨) । ସେ ଇନ୍ଫୋଭାଲି ଥାନା ଅନ୍ତର୍ଗତ ଗୀତା କଲେଜରେ ପାଠ ପଢିବା ସହ ମଦନପୁରଠାରେ ଥିବା ଏକ ମେସ୍‌ରେ ରହୁଥିଲା । ସାଙ୍ଗମାନଙ୍କ ସହ ମିଶି ଅପହରଣ ନାଟକ କରିବା ସହ ଘର ଲୋକଙ୍କୁ ୧୩ଲକ୍ଷ ଟଙ୍କା ମୁଣ୍ଡଜାମିନ ମାଗିଥିଲା । ପୋଲିସ ଅଭିଯୋଗ ପାଇବାର ଏକ ଘଣ୍ଟା ମଧ୍ୟରେ ମଦନପୁର ପଞ୍ଚାୟତ ଅଫିସ୍ ପାଖରେ ଥିବା ଏକ ଘରୁ ଛାତ୍ରଙ୍କୁ ଉଦ୍ଧାର କରିବା ସହ ମୁଣ୍ଡ ଜାମିନ ମିଛ ଥିଲା ବୋଲି କହିଛି । ଅଭିଯୋଗ ହେବା ପରେ ମିଛ ମୁଣ୍ଡଜାମିନ ନାଟକ ପାଇଁ ପୋଲିସ ଏକ୍ସରସାଇଜ୍ କରି ତୁଷାର ପାଖରେ ପହଞ୍ଚି ଉଦ୍ଧାର କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । କାରଣ ଏହା ସମ୍ପୂର୍ଣ୍ଣ ତୁଷାରଙ୍କ ଯୋଜନା ଥିଲା ବୋଲି ପୋଲିସ ଜାଣିବା ପରେ ଅନ୍ୟ କୌଣସି ସହଯୋଗୀ କିମ୍ବା ତାଙ୍କ ଉପରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପରିବାର ଲୋକଙ୍କୁ ତୁଷାରଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି ।

## ୧୮ରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘର ଦିନିକିଆ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ଆନୁକୂଲ୍ୟରେ ଶନିବାର ୧୮ ତାରିଖ ଦିନ ୧୦ଟା ସମୟରେ ଦିନିକିଆ ସମ୍ମିଳନୀ ହୋଟେଲ ମନ୍ତ୍ରା (ପାଲ ହାଇଟ୍ସ) ପାହାଲରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଭୁବନେଶ୍ୱର, କଟକ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଅର୍ଥ ବିଭାଗର ପଦାଧିକାରୀମାନେ ଯୋଗଦେବେ । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜିବ କୁମାର ପାଣିଗ୍ରାହୀ ଯୋଗଦେବେ । ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଓ ବର୍ତ୍ତମାନର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ଅଧକ୍ଷ ପ୍ରଦୀପ କୁମାର ଜେନା ମଧ ଯୋଗଦେବେ । ସେହିପରି ଓଡ଼ିଶା ମୁଖ୍ୟ ମହାଲେଖାକାର ଦୀନବନ୍ଧୁ ସାହୁ, ମୁଖ୍ୟ ଆୟକର ଆୟୁକ୍ତ (କଟକ ଓ ସମ୍ବଲପୁର) ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବେ । ସମ୍ମିଳନୀରେ




ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ବୃତ୍ତିଗତ ସ୍ୱାଧୀନତା ଓ ଆଇନର ପ୍ରାବଧାନ ଓ ନିୟନ୍ତ୍ରଣ, ସରକାରୀ ଉଦ୍ୟୋଗମାନଙ୍କର ଅଡିଟ୍ ଓ ପାରଦର୍ଶିତା ଓ ଅଡିଟରମାନଙ୍କର ଉତ୍ତରଦାୟିତ୍ୱ, ଆୟକର ନିୟମ ୨୦୨୫ ସଂଶୋଧନ ଓ ସଂସ୍କାର ଏବଂ ପରିବର୍ତ୍ତିତ ନିୟମରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଭୂମିକା, ବୃତ୍ତିଗତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କର ସମସ୍ୟା ଓ ଏହାର ଆଇନଗତ ପ୍ରତିକାର ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯିବ । ଏହି ସମ୍ମିଳନୀ ପାଇଁ ଓଡ଼ିଶା ଓ ଓଡ଼ିଶା ବାହାରର ସୁବକ୍ତାମାନଙ୍କୁ ନିମନ୍ତ୍ରଣ କରାଯାଇଛି । ସମ୍ମିଳନୀରେ ପ୍ରାୟ ୨୦୦ରୁ ୨୫୦ ପ୍ରତିନିଧିମାନେ ଯୋଗଦେବେ । ଏଥିସହ ବିଭିନ୍ନ କମ୍ପାନୀ, ବ୍ୟାଙ୍କ ଓ ଇନ୍‌ସୁରାନ୍ସ କମ୍ପାନୀର ପ୍ରତିନିଧିମାନେ ମଧ ଯୋଗଦେବେ । ଏଥିସହ ବିଭିନ୍ନ କମ୍ପାନୀ, ବ୍ୟାଙ୍କ ଓ ଇନ୍‌ସୁରାନ୍ସ କମ୍ପାନୀର ପ୍ରତିନିଧିମାନେ ମଧ ଯୋଗଦେବେ । ଏହି ଆଲୋଚନାଚକ୍ର ଦ୍ୱାରା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଅର୍ଥ ବିଭାଗର ଅଧିକାରୀମାନେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଉତ୍ତମ ଧରଣର ସେବା ଯୋଗାଇ ପାରିବେ । ସଭାପତି ନାରଦ ପ୍ରସାଦ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ପୃଷ୍ଟି ଓ ଅନ୍ୟ କର୍ମକର୍ତ୍ତାମାନେ ସମ୍ମିଳନୀକୁ ପରିଚାଳନା କରିବେ ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଫାର୍ମ ହାଉସରୁ ସରକାରୀ ଜମି ଉଚ୍ଛେଦ ଘଟଣା

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହି ମୌଜାରେ ସରକାରୀ ଜମିରେ ଗଢି ଉଠିଥିବା ଫାର୍ମ ହାଉସରୁ ପୁଲିସ ବୁଧବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା । ଆଜି ତୃତୀୟ ପର୍ଯ୍ୟାୟରେ ଉଚ୍ଛେଦ

**ଜବରଦଖଲକାରୀଙ୍କୁ ୨୪ ଘଣ୍ଟାର ମହଲତକୁ ନେଇ ପ୍ରଶ୍ନ**
**ରାଜସ୍ୱ ଓ ପୁଲିସ ବିଭାଗ ଦୋଷ ଲଦାଲଦି**

କରିବା କଥା । ଉକ୍ତ ଫାର୍ମହାଉସ୍ ରେ ସରକାରୀ ଜମିରେ ଏବେ ମଧ ଗଢିଉଠିଥିବା କୋଟିଏ ରୁ ଉର୍ଦ୍ଧ୍ୱ ମୁଲ୍ୟର କୋଠାକୁ ଉଚ୍ଛେଦ କରାଯାଇନି । ଉକ୍ତ ଘରକୁ ସରକାରୀ ଜମିରୁ ଉଚ୍ଛେଦ ପୂର୍ବରୁ ସମସ୍ତ ଆସବାବପତ୍ର ଖାଲି କରିବାକୁ ପ୍ରଶାସନ ଜବରଦଖଲକାରୀଙ୍କୁ ୨୪ ଘଣ୍ଟା ମହଲତ ଦେଇଥିଲା । ଯାହାର ସମୟ ଅବଧି ଦିନ ଗୋଟାଏ ପରେ ଶେଷ ହୋଇଛି । ପ୍ରଶାସନ ର ଦେଇଥିବା ସମୟ ପୁରିଥିଲେ ମଧ କାହିଁକି ଜବରଦଖଲ ଉଚ୍ଛେଦ କରିବାକୁ ପଛ ଘୁଞ୍ଚା ଦେଉଛି ତାକୁ ନେଇ ଉଠିଲାଣି ପ୍ରଶ୍ନ । ଇତି ମଧ୍ୟରେ ତହସିଲ ପ୍ରଶାସନ ପୁଲିସ ଫୋର୍ସ ଯୋଗାଡ ନଥିବାରୁ ଉଚ୍ଛେଦ ହୋଇପାରିନଥିବା କହିଥିବାବେଳେ ଆଦର୍ଶ ଥାନା ପୁଲିସ ତହସିଲ ପ୍ରଶାସନ ଉପଯୁକ୍ତ ଫୋରମରେ ଫୋର୍ସ ମାଗିଲେ ଯୋଗାଯାଉଥିବା କହି ଦୋଷ ଲଦାଲଦି ହେଉଛନ୍ତି । ଗରିବ ଦୋକାନୀ ମାନଙ୍କୁ ସରକାରୀ ଜମିରୁ ଉଚ୍ଛେଦ କ୍ଷେତ୍ରରେ ଖୋର୍ଦ୍ଧା ପ୍ରଶାସନର ନିୟମ କଡ଼ାକଡ଼ି ପାଳନ ହେଉଥିବାବେଳେ ବିତ୍ତଶାଳୀ ଫାର୍ମ ହାଉସ୍ ମାଲିକଙ୍କ କ୍ଷେତ୍ରରେ ଉଚ୍ଛେଦ ନିୟମ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ବୋଲି ଦେଖିବାକୁ ମିଳିଛି ।

## ଦିଗମ୍ବର ଶତପଥୀଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ) : ବିଶିଷ୍ଟ ସମାଜସେବୀ ଦିଗମ୍ବର ଶତପଥୀଙ୍କର ସ୍ଥାନୀୟ ନୂଆପଲ୍ଲୀ ନୁଆସାହି ନିବାସୀ ବାସ ଭବନରେ ଗୁରୁବାର ସକାଳେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଶତପଥୀ ଯାଜପୁର ଜିଲ୍ଲାର କମ୍ପଗଡ଼ ଗ୍ରାମରେ ଡିସେମ୍ବର ୧୯୪୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱର୍ଗତ ଶତପଥୀ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରୁ ବିଭାଗୀୟ ମୁଖ୍ୟ ଭାବେ ୨୦୦୨ ମସିହାରୁ ଅବସର ନେଇ, ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଜନସେବା ଏବଂ ଜନହିତ କାର୍ଯ୍ୟରେ ନିଜ ସମୟକୁ ବିନିଯୋଗ କରୁଥିଲେ । ନୂଆପଲ୍ଲୀ ବରିଷ୍ଠ ନାଗରିକ ସଙ୍ଘର ଜଣେ ସକ୍ରିୟ ସଦସ୍ୟ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ କର୍ପୋରେଟର, ମିଳନ ପାଇକରାୟ, ସାଗର ବଳବନ୍ତରାୟ, ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ସ୍ୱର୍ଗତ ଶତପଥୀଙ୍କ ବାସଭବନ ରେ ପହଂଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ଶତପଥୀଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗ ଦ୍ୱାର ଠାରେ ସମ୍ପନ୍ନ ହୋଇଥିଲା । ବଡ଼ ପୁଅ ଦିଲ୍ଲୀପ ଶତପଥୀ ମୁଖାଗ୍ନି ଦେଇଥିଲେ । ସାନପୁଅ ଦେବାଶିଷ ଶତପଥୀ, ଉପ ଅଧିକ୍ଷକ, କେନ୍ଦ୍ରାପଡ଼ା ଡାକ ମଣ୍ଡଳ, ଜୋଇଁ ଅଶୋକ କୁମାର ମିଶ୍ର, ନାତି ଡ଼ ଦର୍ପନାରାୟଣ ଶତପଥୀ, ଇ ଏନ ଟି ସର୍ଜନ ଏସ ସି ବି ମେଡିକାଲ କଲେଜ ଏବଂ ସମସ୍ତ ପରିବାରବର୍ଗ, ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମାପନ ହୋଇଥିଲା ।

## ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ସାଧନା ଆର୍ଟ ଏଣ୍ଡ କଲଚର ପକ୍ଷରୁ ଆଲୋଚନା ଚକ୍ର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ସାଧନା ଆର୍ଟ ଏଣ୍ଡ କଲଚର ମିଳିତ ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱକୁ ନେଇ ମହାପାତ୍ର, ସ୍ୱେଚ୍ଛାସେବୀ ଓ ସାହିତ୍ୟକ ଦିଗାମ୍ବର ସାହୁ, କବି ଓ ପ୍ରାବନ୍ଧିକ ମାନଗୋବିନ୍ଦ ବାରିକ ଓ ସାଧନା ଆର୍ଟ ଏଣ୍ଡ କଲଚର ଅନୁଷ୍ଠାନର ସମ୍ପାଦିକା ଶାଳିନୀ



ଆଲୋଚନା ଚକ୍ର ଓ ଓଡ଼ିଆ ନବବର୍ଷ ପାଳନ, ଅନନ୍ତ ବିହାର ବି.ଡି.ଏ ପାର୍କ, ପରିସରର ମଧ୍ୟରେ ପାଳନ କରାଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ, ଗୀତି କବି ମନୋଜ କୁମାର ମହାନ୍ତି ଯୋଗଦାନ କରିବା ସହ, ସମ୍ମାନିତ ଅତିଥି ଭାବେ ସାହିତ୍ୟକ ଓ କବି ଡ଼ଃ.ଜୋଛନାରାଣି ପାତ୍ର ସାହିତ୍ୟକ ପ୍ରଭାଶ ଚନ୍ଦ୍ର ବିଶ୍ୱାଳ ଉପସ୍ଥିତି ରହି ସମସ୍ତେ ମହାବିଷୁବ ସଂକ୍ରାନ୍ତି ର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ସନ୍ଧ୍ୟାରେ ସାଧନା ଆର୍ଟ ଏଣ୍ଡ କଲଚର ପୋଖରୀପୁଟ ଅନୁଷ୍ଠାନ ତରଫରୁ ଓଡ଼ିଆ ନବବର୍ଷ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ଅନୁଷ୍ଠାନର ମୁଖ୍ୟ ସୁଧାଂଶୁ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଳ କ୍ଷେତ୍ରରେ ଓଡ଼ିଶାର ହକ୍ ପାଇଁ ୧୧ଟି ବିରୋଧୀ ଦଳର ମିଳିତ ଗଣଧାରଣା

### ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଭୁବନେଶ୍ୱର, (ସବ୍ୟୁ) : ୱାଲଟିୟର ରେଳ ଡିଭିଜନକୁ ପୂର୍ବତଟ ରେଳପଥ ଜୋନକୁ ତୁରନ୍ତ ଫେରାଅ, ପାଲାସା-ଇଛାପୁରମ୍ ରେଳ ଅଞ୍ଚଳ ସ୍ଥାନାନ୍ତରଣ ନିଷ୍ପତ୍ତି ବାତିଲ୍ କର, ଓଡ଼ିଶା ଭୂଖଣ୍ଡ ମଧ୍ୟରେ ଯାଇଥିବା ସମସ୍ତ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଅଧୀନକୁ ଆଣ, ସୁନ୍ଦରଗଡ଼, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ରେଳ ଲାଇନ ଗୁଡ଼ିକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କର, ରେଳ ରାଜସ୍ୱ, ନିଯୁକ୍ତି ଓ ଭିତ୍ତିଭୂମି ଉନ୍ନତିରେ ଓଡ଼ିଶାକୁ ତା'ର ନ୍ୟାୟସଂଗତ ହକ୍ ଦିଅ ଦାବିରେ ବିରୋଧୀ ଦଳମାନଙ୍କ ମିଳିତ ଆହ୍ୱାନରେ ଭୁବନେଶ୍ୱର ପୂର୍ବତଟ ରେଳପଥ ଜୋନ୍ ଅଫିସ( ରେଳ ସଦନ) ସମ୍ମୁଖରେ ବିଶାଳ ଗଣ ଧାରଣା ଦିଆଯାଇଥିଲା । ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଧାରଣ ମହା ପ୍ରବନ୍ଧକଙ୍କ ଜରିଆରେ ୫ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରଯାଇଥିଲା । ଏହି ଧାରଣାରେ ୧୧ଟି ବିଭିନ୍ନ ରାଜନୈତିକ



ଦଳର ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଗଣଧାରଣାରେ କଂଗ୍ରେସର ବରିଷ୍ଠ ନେତା, ନିରଞ୍ଜନ ପଟ୍ଟନାୟକ,ଶ୍ରୀକାନ୍ତ ଜେନା,ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର,ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସି ପି ଆଇର ବରିଷ୍ଠ ନେତା ଡଃ ପ୍ରଶାନ୍ତ କୁମାର ମିଶ୍ର,ଜୟନ୍ତ ଦାସ,ଏନ୍ ନାରାୟଣ ରେଡ୍ଡୀ, ସୁର ଜେନା, ସି.ପି.ଆଇ.(ଏମ) ର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସି.ପି.ଆଇ(ଏମ. ଏଲ)-ଲିବେରେସନର ବରିଷ୍ଠ ନେତା ଯୁଧିଷ୍ଠିର ମହାପାତ୍ର, ମହେନ୍ଦ୍ର ପରିଡା, ଅଶୋକ କୁମାର ପ୍ରଧାନ, ଫରୱାର୍ଡ ବ୍ଲକର ବରିଷ୍ଠ ନେତା ଜ୍ୟୋତି ରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ,ଲକ୍ଷ୍ମୀ ଦୋରା,ଏନ୍ ସି ପି ର ବରିଷ୍ଠ ନେତା ବିକ୍ରମ ସ୍ୱାଇଁ,ଆର୍ ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରା, ଜେ ଏମ୍ ଏମ ର ରାଜ୍ୟ ନେତା କମଳ ଲୋଚନ ବାରିକ ପ୍ରମୁଖ ବାରିଷ୍ଠ ରାଜ୍ୟ ନେତୃବୃନ୍ଦ ଉଦବୋଧନ ଦେଇଥିଲେ । ଓଡ଼ିଶା ବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ରେଳବାଇ ପ୍ରସଙ୍ଗ ସହିତ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ସମସ୍ୟା ଉପରେ ପ୍ରସଙ୍ଗ ଭିତ୍ତିକ ଏକତା ଏବଂ ସଂଗ୍ରାମ ଜାରି ରହିବ ବୋଲି ୧୧ଟି ବିରୋଧୀ ଦଳର ନେତାମାନେ ଘୋଷଣା କରିଛନ୍ତି ।

## ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷାରେ ଟିଏସ୍‌ଜି ଛାତ୍ରଛାତ୍ରୀଙ୍କ ବାଜିମାତ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସି ) ଦ୍ୱାରା ପରିଚାଳିତ ବାର୍ଷିକ ଦଶମ ଶ୍ରେଣୀ ପରୀକ୍ଷାଫଳ ଗତକାଲି ପ୍ରକାଶ ପାଇଛି । ଏଥିରେ ଭୁବନେଶ୍ୱରର ୯୯ ପ୍ରତିଶତ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବା ସମୟରେ ୬୦ ପ୍ରତିଶତ ପିଲାମାନେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉର୍ତ୍ତୀର୍ଣ୍ଣ ହୋଇଛନ୍ତି । ଏଭଳି ଗୌରବମୟ ମୁହୂର୍ତ୍ତ ରେ



ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟାଇମ୍ସ ସ୍କଲାର ଗୁରୁକୁଳର ଛାତ୍ରଛାତ୍ରୀମାନେ ପୂର୍ବବର୍ଷ ପରି ଏ ବର୍ଷ ମଧ୍ୟ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ପାସ ହାର ୧୦୦ ପ୍ରତିଶତ ରହିଛି । ବିଦ୍ୟାଳୟର ଛାତ୍ର ଶ୍ରୀମାନ ଆୟୁଷ ଅର୍ପିତ ସାହୁ ସର୍ବାଧିକ ବିଦ୍ୟାଳୟର ପ୍ରତିଷ୍ଠାତା ଡଃ ଶାରଦା ପ୍ରସାଦ ମିଶ୍ର, ଅଧକ୍ଷା ଶ୍ରୀମତୀ ରଞ୍ଜିତା ମହାପାତ୍ର ତଥା ସମସ୍ତ ଶିକ୍ଷକ ଓ କର୍ମଚାରୀ ମାନେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଖଣି ଜନଶୁଣାଣିକୁ ବିରୋଧ କରି ରାଜ୍ୟ ପ୍ରଦୂଷଣ ବୋର୍ଡକୁ ଚିଠି ଲେଖିଲେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା

ଭୁବନେଶ୍ୱର, (ସବ୍ୟୁ): କୁଟୁରୁମାଳି ବକ୍ସାଇଟ୍ ଖଣି ପାଇଁ ଆସନ୍ତା ୧୩ ମଇ ୨୦୨୬ରେ କାଶୀପୁର ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜନଶୁଣାଣିକୁ ବିରୋଧ କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ପ୍ରଫୁଲ୍ଲ ସାମନ୍ତରା । ଶ୍ରୀ ସାମନ୍ତରା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସିଜିମାଳି ଅଞ୍ଚଳରେ ଚାଲୁଥିବା ତୀବ୍ର ଖଣି ବିରୋଧୀ ଆନ୍ଦୋଳନ ଓ ପୋଲିସ ଦମନର ପରିସ୍ଥିତି ମଧ୍ୟରେ ଏପରି ଜନଶୁଣାଣି ଆୟୋଜନ କରିବା ଯଥାର୍ଥ ନୁହେଁ । ଏଥିରେ ସ୍ଥାନୀୟ ଲୋକମାନେ ଭୟଭୀତ ଅବସ୍ଥାରେ ଥିବାରୁ ସ୍ୱାଧୀନ ଭାବେ ନିଜ ମତ ପ୍ରକାଶ କରିପାରିବେ ନାହିଁ । ଚିଠିରେ କନ୍ଧମାଳ ଅଞ୍ଚଳରେ ପୋଲିସ ଆକ୍ରମଣରେ ଗ୍ରାମବାସୀ ଆହତ ହୋଇଥିବା ଓ ଏହା ଫଳରେ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଥିବା କଥା ଉଠାଯାଇଛି । ଏହା ସହ ଜନଶୁଣାଣିର ସ୍ଥାନ ପ୍ରଭାବିତ ଗ୍ରାମଗୁଡ଼ିକ ଠାରୁ ଦୂରରେ ରହିଥିବାରୁ ଏହାକୁ ନିୟମାବଳୀ ବିରୋଧୀ ବୋଲି ଅଭିଯୋଗ କରାଯାଇଛି । ଚିଠିରେ ଏହାକୁ ପ୍ରଭାବିତ ଲୋକଙ୍କୁ ଜନଶୁଣାଣିରୁ ଦୂରେଇ ରଖିବାର ଚେଷ୍ଟା ବୋଲି କୁହାଯାଇଛି । ସେହିପରି, ଖଣି ପାଇଁ ଆବଶ୍ୟକ ଗ୍ରାମସଭା ଅନୁମୋଦନ ହୋଇନଥିବା ଓ ସ୍ଥାନୀୟ ଲୋକଙ୍କ ସହମତି ନ ନିଆଯାଇଥିବା ମଧ୍ୟ ଚିଠିରେ ଉଲ୍ଲେଖ ହୋଇଛି । ଚିଠିରେ ଦାବି କରାଯାଇଛି ଯେ, ସମ୍ପୃକ୍ତ ଅଞ୍ଚଳରେ ସାଧାରଣ ପରିସ୍ଥିତି ଫେରିଆସିବା ଓ ଗ୍ରାମସଭାର ଅନୁମୋଦନ ମିଳିବା ପର୍ଯ୍ୟନ୍ତ ଜନଶୁଣାଣିକୁ ବାତିଲ କରାଯାଉ । ଏଥି ସହିତ ଜନଶୁଣାଣି ଏଭଳି ଏକ ସ୍ଥାନରେ ହେବା ଉଚିତ, ଯେଉଁଠାକୁ ଲୋକମାନେ ଅତି କମ୍ ଦୂରତା ଅତିକ୍ରମ କରି ଆସିପାରିବେ ବୋଲି ଶ୍ରୀ ସାମନ୍ତରା ଚିଠିରେ ଉଲ୍ଲେଖ କରିଛନ୍ତି ।

## ନଗରୀରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ଫୁଲନଖରା (ସବ୍ୟୁ): :କଟକ ସଦର ଥାନା ଅନ୍ତର୍ଗତ ମହୀଧରପଡା ନିକଟ ନଗରୀ ଗ୍ରାମରେ ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଏକ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେ ଏପରି ସେବାମୂଳକ କାର୍ଯ୍ୟ ମାନବତାର ସତ୍ୟ ସତ୍ତ୍ୱରୂପକୁ ପ୍ରକାଶ କରେ ବୋଲି କହିଥିଲେ ଏବଂ ସମାଜରେ ଏକତା ଓ ସହଯୋଗର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ବର୍ତ୍ତମାନ ଚାଲିଥିବା ପ୍ରଚଣ୍ଡ ଗ୍ରୀଷ୍ମ ତାପ ଓ ତୀବ୍ର ରୌଦ୍ର ତାପରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ, ମହୀଧରପଡା-ଗୋବିନ୍ଦପୁର ମୁଖ୍ୟ ରାସ୍ତାରେ ଏହି ଜଳଛତ୍ର କେନ୍ଦ୍ର ଖୋଲାଯାଇଥିବାରୁ ପଥଚାରୀ ଓ ଯାତ୍ରୀମାନେ ବହୁତ ଉପକୃତ ହେଉଛନ୍ତି ।

## ନାବାଳିକା ଛାତ୍ରୀ ଉଦ୍ଧାର, ଜଣେ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ୩୬ଘଣ୍ଟା ମଧ୍ୟରେ ଉଦ୍ଧାର କରାଯିବା ସହ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଜଳେଶ୍ୱର ବସ୍ତିରେ ରହୁଥିବା ଗୀତାଞ୍ଜଳି ସାହୁ ନାମ୍ନୀ ଜଣେ ମହିଳା ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଛାନ୍‌ଭିନ୍ କରି ପୁରୀ ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ପ୍ରଭାବିତ କରି ସାଙ୍ଗରେ ନେଇଥିବା ଯୁବକକୁ ପୋଲିସ ଗିରଫ କରିଛି । ଗିରଫ ଯୁବକ ହେଲେ ମହେଶ୍ୱର ପରିଡା (୨୪) । ମହେଶ୍ୱର ଡେଲ୍‌ଟା ଛକ ନିକଟ ଜଳେଶ୍ୱର ବସ୍ତିରେ ରୁହେ । ସିଆର୍‌ପି ଛକରେ ଥିବା ଏକ ଜୁସ୍ ଦୋକାନରେ କାମ କରେ । ଘଟଣା ଦିନ ଛାତ୍ରୀ ଟିୟୁସନକୁ ଯାଇ ଘରକୁ ଫେରିନଥିଲେ । ତାଙ୍କ ସାଇକେଲକୁ ସିଆର୍‌ପି ଛକ ନିକଟରେ ରଖି ଏକ ଭଡା ଗାଡିରେ ଅଭିଯୁକ୍ତ ମହେଶ୍ୱର ସହ ପୁରୀ ଯାଇ ବିବାହ କରିବା ପରେ ମହେଶ୍ୱରଙ୍କ ଘରକୁ ଫେରି ରହୁଥିଲେ । ଏ ସମ୍ପର୍କରେ ପୋଲିସ ୩୬ଘଣ୍ଟା ଛାନ୍‌ଭିନ୍ କରିବା ପରେ ପୀଡିତାଙ୍କ ନିକଟରେ ପହଞ୍ଚିବାରେ ସମର୍ଥ ହେଲା । ଉଦ୍ଧାର ନାବାଳିକାଙ୍କୁ ପରିବାର ଲୋକଙ୍କ ଜିମା ଦିଆଯାଇଛି । ଗୁରୁବାର ସନ୍ଧ୍ୟା ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନରଙ୍କ ସହ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ଓ ଡିସିପି ଜଗମୋହନ ମିନା ଉପସ୍ଥିତ ରହି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ ।

## କିଟ୍ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲ ଫ୍ୟାଶନ୍ ଶୋ କୀର୍ତ୍ତି କଳ୍ପନା ୨୦୨୬

ଭୁବନେଶ୍ୱର, (ସବ୍ୟୁ) : କିଟ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲର ଫ୍ୟାଶନ୍ ଶୋ କୀର୍ତ୍ତି କଳ୍ପନାର ୧୪ତମ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭୁବନେଶ୍ୱର ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାଶନ୍ ହବରେ ପରିଣତ ହେବାକୁ ଯାଉଛି । ସେ କିଟ ବିଶ୍ୱବିଦ୍ୟାଳୟରେ ଫେମିନା ମିସ ଇଣ୍ଡିଆ ଭଳି ପ୍ରତିଷ୍ଠିତ ସୁନ୍ଦରୀ ହେଉଥିବାରୁ ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ । ଏହି ଫ୍ୟାଶନ୍ ଶୋ କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମିସ୍ ଇଣ୍ଡିଆ ସଂଗଠନର ଜାତୀୟ ନିର୍ଦ୍ଦେଶକ, ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ ନତାଶା ଗ୍ରୋଭର, ଦିଲ୍ଲୀର ବିଶିଷ୍ଟ ଫ୍ୟାଶନ୍ ଡିଜାଇନ ଅନୁଜ ଦୁର୍ଗା ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ.ଡି., କୁଳ ସଚିବ




ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଫ୍ୟାଶନ୍ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସ୍କୁଲର ଡିନ ଡ ରାଜୀବ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବାଉରୀ ରାଉଲା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଅତିଥି, ଜୁରି ସଦସ୍ୟ ଏବଂ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ପରେ ଇଭେଣ୍ଟ ବ୍ରୋସର ଉନ୍ମୋଚନ କରାଯାଇଥିଲା । ଶୋ ସେଗମେଣ୍ଟଗୁଡ଼ିକ ସ୍ନାତକ ଛାତ୍ରଛାତ୍ରୀଙ୍କ ଦ୍ୱାରା ସର୍ଜନଶୀଳ ସଂଗ୍ରହ ପ୍ରଦର୍ଶିତ କରିଥିଲା, ଯାହା ନବସର୍ଜନା, କାରିଗରୀ ଏବଂ ସମସାମୟିକ ଡିଜାଇନ୍ ସମ୍ବେଦନଶୀଳତାକୁ ପ୍ରତିଫଳିତ କରିଥିଲା ।

## ଭଞ୍ଜନଗରରେ ସେକ୍ସ ରାକେଟ ଠାବ
# ଦେହଜୀବୀ ସମେତ ୬ ଗିରଫ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ଶଙ୍ଖ ସାହି ଅଞ୍ଚଳରୁ ସେକ୍ସ ରାକେଟ ଠାବ । ଦଲାଲ ସମେତ ଛଅ ଗିରଫ । ସମସ୍ତ ଅଭିଯୁକ୍ତ ଭଞ୍ଜନଗର ଥାନା ଅଞ୍ଚଳର । ଗିରଫ ଦେହଜୀବୀ ଜଣକ ଖୋର୍ଦ୍ଧା ଅଞ୍ଚଳର ବୋଲି ଜଣାପଡିଛି। କିଛିଦିନ ଧରି ସ୍ଥାନୀୟ ଶଙ୍ଖସାହି ଅଞ୍ଚଳରେ ଦେହ ବ୍ୟବସାୟ ଚାଲିଥିଲା। ଗୁରୁବାର ଭୋର୍ ସମୟରେ ଖବର ପାଇ ଭଞ୍ଜନଗର ଥାନା ଏସଆଇ ସମୀର କୁମାର ସେଠୀ, ହାବିଲଦାର ଦିଲ୍ଲୀପ କୁମାର ରାଉତଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି, ଅତର୍କିତ ଚଢ଼ାଉ କରିଥିଲେ । ଦେହଜୀବୀଙ୍କ ସହ ୪ ଜଣ ଗ୍ରାହକଙ୍କୁ ସଂପୃକ୍ତ ଘର ଭିତରୁ ଗିରଫ କରାଯାଇଥିଲା । ଏହା ସହ ମଦ ବୋତଲ, ସିଗାରେଟ, କିଛି ଆପତ୍ତି ଜନକ ସାମଗ୍ରୀ ଜବତ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା। ଏହି ସେକ୍ସ



ରାକେଟକୁ ଜଣେ କିନ୍ନର ଚଳାଉଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ଭଞ୍ଜନଗର ପୋଲିସ୍ ।

## କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା
# ସିବିଆଇ ତଦନ୍ତ ଓ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କଲା ଜେଏମ୍ଏମ୍

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ବିଶାକ୍ତ ଖାଦ୍ୟଖାଇ ଜଣେ ଛାତ୍ରୀ ମୃତ୍ୟୁ ହେବା ଏବଂ ଅନେକ ଛାତ୍ରୀ ଗୁରୁତର ହେବା ଘଟଣାକୁ କଡା ଭାଷାରେ ନିନ୍ଦା କରିଛି ଜେଏମଏମ । ଏନେଇ ଗୁରୁବାର ଜେଏମଏମ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଯୋଗଦେଇ ଏହି ଘଟଣାକୁ କଡାଭାଷାରେ ନିନ୍ଦା କରିବା ସହ ସରକାରଙ୍କ ବିଚିତ୍ର ଶିକ୍ଷାନୀତି ଉପରେ ପ୍ରଶ୍ନ ଉଠାଇଥିଲେ । ଏବେ ସାରା ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସ୍କୁଲରେ ଶିକ୍ଷା ବ୍ୟବସ୍ଥା ଭିତ୍ତିଭୂମି ଭୁସୁଡି ପଡିବା ସହ ହଷ୍ଟେଲ ପରିଚାଳନାରେ ଗୁରୁତର ଅଭାବ ଦେଖାଦେଇଛି । ଗୋଟିଏ ୱାର୍ଡେନ୍‌ଙ୍କ ଉପରେ ୧୦୦ ରୁ ୨୦୦ ପିଲାଙ୍କ ଦାୟିତ୍ୱ ଥିବାରୁ ସଠିକ୍ ନୀରିକ୍ଷଣ ସମ୍ଭବ ହେଉନାହିଁ । ଅନେକ ସ୍ଥାନରେ ମହିଳା ୱାର୍ଡେନ୍ ପଦ ଖାଲି ରହିଛି



ଓ ସ୍କୁଲ ଗୁଡିକର ପ୍ରାଥମିକ ଢାଞ୍ଚା ମଧ ଚିନ୍ତାଜନକ । ଏହି ପରିପ୍ରେକ୍ଷୀରେ ଜେଏମଏମ ପକ୍ଷରୁ ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ଦାବି କରାଯାଇଛି । ଏଥିସହ ଦୋଷୀଙ୍କୁ ତରୁନ୍ତ ଗିରଫ କରାଯାଉ ଏବଂ ମୃତ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ପରିବାରକୁ ୫୦ଲକ୍ଷଟଙ୍କା କ୍ଷତିପୂରଣ ଦିଆଯାଉ । ଏହି ସାମ୍ବାଦିକ ସମ୍ମିଳନୀରେ ଜେଏମଏମ ଜିଲ୍ଲା ସଭାପତି ଶ୍ରୀ ଦାସଙ୍କ ସହ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ଠୁମ୍ପୁ ହେମ୍ବ୍ରମ, ଶିରିଶ ଟୁଡୁ, ଦିବାକର ସୋରେନ୍, ସୁଜିତ୍ ବେହେରା ଓ ସହର ସଭାପତି ତୋରନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ନାବାଳିକା ଅସଦାଚାରଣ ମାମଲା
# ଦୁଇ ଅଭିଯୁକ୍ତଙ୍କୁ ୩ବର୍ଷ ଲେଖାଏଁ ଜେଲ

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ଗୁରୁବାର ଜଣେ ନାବାଳିକାଙ୍କୁ ଅସଦାଚାରଣ ହୋଇଥିବା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଏଥିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳର ରାମଚନ୍ଦ୍ର ଦାସ(୨୬) ଓ ଶମ୍ଭୁ ଦାସ(୨୪)। ପ୍ରତ୍ୟେକଙ୍କୁ ୩ବର୍ଷ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପ୍ରତ୍ୟେକ ୬ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପ୍ରତ୍ୟେକ ୪ମାସ ଲେଖାଏଁ ଅତିରିକ୍ତ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡ଼ିତାଙ୍କୁ ୩ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ସେ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୫ ଏପ୍ରିଲ ୧୪ ତାରିଖରେ ଜଣେ ୧୭ ବର୍ଷର ନାବାଳିକା ମେରୁ ଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ ଉକ୍ତ ରାମଚନ୍ଦ୍ର ଦାସ ସର୍ବସାଧାରଣରେ ନାବାଳିକାଙ୍କୁ ଟଣା ଓଟରା ସହ ଅସଦାଚାରଣ କରିଥିଲେ। ସେ ଏହାର ପ୍ରତିବାଦ କରି ସେଠାରୁ କୌଶଳକ୍ରମେ ଖସି ଘରକୁ ଆସି ନିଜ ବାପା ଓ ମା'ଙ୍କୁ ଜଣାଇଥିଲେ। ରାତ୍ର ପ୍ରାୟ ୯ଟା'ବେଳେ ରାମଚନ୍ଦ୍ର ଦାସ ଓ ତାଙ୍କର କିଛି ସହଯୋଗୀ ପିଡ଼ିତାଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ପରିବାର ଲୋକ ଏହାର ପ୍ରତିବାଦ କରିବାରୁ ରାମ ଓ ତାଙ୍କ ସହଯୋଗୀ ତାଙ୍କୁ ମାରପିଟ କରିବା ସହ ଉକ୍ତ ନାବାଳିକାଙ୍କୁ ଓଠାଇ ନେଇଯିବୁ ବୋଲି ଧମକଚମକ ଦେଇଥିଲେ। ଏନେଇ ପିଡ଼ିତାଙ୍କ ବାପା କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୭୧/୨୫ ରେ ଏକ ମାମଲା ରୁଜୁ କରିଥିଲା। ପରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। କିଛି ମାସ ପରେ ସେମାନେ ଜାମିନ ପାଇଥିଲେ। ମାମଲାର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## ସିବିଏସଇ ପରୀକ୍ଷା ଫଳ ପ୍ରକାଶ
# ଗୋଲିଆ ଆଦର୍ଶ ବିଦ୍ୟାଳୟର ଆୟୁଷ ପ୍ରଥମ

ବୁଗୁଡା, (ସବ୍ୟୁ) : ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଏ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକର ଗୋଲିଆ ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ୭୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ଫଳାଫଳ ଆଣି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ବେଳେ ମେଧାବୀ ଛାତ୍ର ଆୟୁଶ କୁମାର ସାହୁ ସର୍ବାଧିକ



୫୬୪ ମାର୍କ (୯୨.୮%) ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଅନ୍ୟପକ୍ଷରେ ଆଶୁତୋଷ ବିଷୋୟୀ ୪୬୩ (୯୨.୬%), ଏ.ଦେବଦୂତ ଆଚାରୀ ଏବଂ ସୁଶ୍ରୀ ସାଇଦର୍ଶନୀ ୪୫୭(୯୧.୪%), ଅଂଶୁମାନ ବିଷୋୟୀ ୪୫୪ (୯୦.୮%), ଶାଶ୍ୱତ ଜେନା ୪୫୩ (୯୦.୬%) ମାର୍କ ପ୍ରାପ୍ତ ପୂର୍ବକ ଏ-୧ ଗ୍ରେଡ୍ ହାସଲ କରି ବିଦ୍ୟାଳୟର ଗୌରବ ପାଲଟିଛନ୍ତି। ତେବେ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ଉପାଧ୍ୟକ୍ଷା ସୁଚିତ୍ରା ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିବା ଜଣାଯାଇଛି ।

## ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଉଦ୍‌ଯାପିତ
# ଦୁଃସାହସିକ ମଲ୍ଲଖମ୍ବ କ୍ରୀଡ଼ା ମୁଖ୍ୟ ଆକର୍ଷଣ

ବାରିପଦା, (ସବ୍ୟୁ) : ଛଉପଡ଼ିଆରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଇତି ମଧ୍ୟରେ ଉଦଯାପିତ ହୋଇଛି। ଚଳିତ ମେଳାରେ ପ୍ରାୟ ୭୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି। ମେଳାରେ ସର୍ବାଧିକ ଉତ୍ପାଦ ବିକ୍ରିରେ କେନ୍ଦ୍ରାପଡାର ସୃଜନୀ ପିଜି, ଶ୍ରେଷ୍ଠ ଡିସପ୍ଲେ ଆର୍ଟିଷ୍ଟ ଭାବରେ ଗୋପୀନାଥ ସାହୁ (ଗୁଣପୁର, ରାୟଗଡ଼ା), ଶ୍ରେଷ୍ଠ ଅଭିନବ ଷ୍ଟଲ୍- ବାଉଁଶ ପ୍ରଡ୍ୟୁସର୍ ଗ୍ରୁପ୍, ବାଙ୍ଗିରିପୋଷି ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ଫଟୋଗ୍ରାଫି ଓ କ୍ଷୁଦ୍ର ଭିଡିଓ (ରିଲ୍ସ) ନିର୍ମାଣରେ ସଙ୍ଗର ସଲ୍ ଗ୍ରୁପ୍ (ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ତକତପୁର) ପୁରସ୍କୃତ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନୀରେ କୃଷି ଏବଂ କୃଷକ ସଶକ୍ତିକରଣ, ଶ୍ରେଷ୍ଠ ଅଭିନବ ଉତ୍ପାଦ ଷ୍ଟଲ୍ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ମୟୂରଭଞ୍ଜ, ଶ୍ରେଷ୍ଠ ସାମାଜିକ ସଚେତନତାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାରିପଦା ପୁରସ୍କୃତ ହୋଇଛନ୍ତି। ସେହିପରି ମୁରୁଜ ପ୍ରତିଯୋଗିତାରେ ବିଜୟା ମୁର୍ମୁ, ହୁଳହୁଳିରେ ଦିପ୍ତୀରେଖା ଦେଓ, ଶଙ୍ଖ ଫୁଙ୍କାରେ ମଲିକ ପଲ୍, ହନୁମାନ ଚାଳିଶାରେ ଶ୍ରୟାଂଶୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଂନ୍ଧ୍ୟାରେ କାଲବେରିଆ ନୃତ୍ୟ (ରାଜସ୍ଥାନ), ବଜାଶାଲ୍ ନୃତ୍ୟ (କଳାହାଣ୍ଡି କଟପ୍ପା ଦଳ) ସମେତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜର ନୃତ୍ୟ ପରିବେଷଣ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ହାଇଦ୍ରାବାଦର ଦୁଃସାହସିକ କ୍ରୀଡ଼ା ମଲ୍ଲଖମ୍ବ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ କରଞ୍ଜିଆ ଡଃ ଦୟାସିନ୍ଧୁ ପରିଡ଼ା, ତହସିଲଦାର ବାରିପଦା ସପନ କୁମାର ସାହୁ, ସ୍ୱତନ୍ତ୍ର ଭୂ-ଅର୍ଜନ(ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ) ଅଧିକାରୀ ଲଲାଟେନ୍ଦୁ ସି, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ପ୍ରଦୀପ ଚକ୍ରବର୍ତ୍ତୀ, ଜୀବନଜୀବିକା ପ୍ରକଳ୍ପ ମ୍ୟାନେଜର ମଧୁସ୍ମିତା ଭୂୟାଁ, ଡେପୁଟି ସିଇଓ (ଓରମାସ୍) ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ।

# ଆରମ୍ଭ ହେଲା ଘରକୁ ଘର ବୁଲି ଜନଗଣନା

ଛତ୍ରପୁର, (ସବ୍ୟୁ) : ଏପ୍ରିଲ ୧ ରୁ ଆରମ୍ଭ ହୋଇଯାଇଛି ଡିଜିଟାଲ ଜନଗଣନା ୨୦୨୭ । ପ୍ରଥମେ ଏପ୍ରିଲ ୧ ରୁ ୧୫ ତାରିଖ ପ୍ରର୍ଯ୍ୟନ୍ତ ସ୍ୱ-ଜନଗଣନା ହୋଇଥିଲା । ଏହାପରେ ଆଜିଠୁ ତଥା ଏପ୍ରିଲ ୧୬ ରୁ ମେ ୧୫ ତାରିଖ ଯାଏଁ ଗଣନାକାରୀ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ପ୍ରଥମ ୩ ଦିନ ଘର ନମ୍ବରିଂ କରାଯିବ। ଛତ୍ରପୁର ପୌରପରିଷଦ ବାଲିବଗଡ଼ ଗ୍ରାମରେ ହୋଇଛି ଏହି ପ୍ରକ୍ରିୟା । ନିଜେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଉପସ୍ଥିତ ରହି ସ୍ଥିତି ଯାଞ୍ଚ ସହ ନିଜେ ମଧ୍ୟ ଘର ନମ୍ବର ପକାଇବା ସହ ଉପସ୍ଥିତ ପରିବାର ସହ କଥା ହୋଇଥିଲେ । ଏହା ସହ ମ୍ୟାପ ଦେଖି ସଠିକ ଜଣଗଣନା କରିବାକୁ ଗଣନାକାରୀଙ୍କୁ ଉପଦେଶ ଦେଇଥିଲେ। ଆମ ଜନଗଣନା ଆମ ବିକାଶ, ବିକଶିତ ଦେଶ ଗଠନ ପାଇଁ ଜନଗଣନା କରୁଥିବା ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଠିକ ଓ ନିର୍ଭୁଲ ତଥ୍ୟ ଦେବାକୁ ଜିଲାପାଳ ଭି. କିର୍ତ୍ତୀ ଭାସନ ଗଞ୍ଜାମବାସୀଙ୍କୁ ଅନୁରୋଧ କରିଛନ୍ତି । ପ୍ରଥମେ ଘରକୁ ଘର ବୁଲି ନମ୍ବରିଂ କରିବେ। ଏନେଇ ଜିଲାରେ ୫୬୫୭ ଜଣ ଗଣନାକାରୀ ଏହି ଜନଗଣନାକାରୀ ଭାବେ ଚୟନ ହୋଇଥିବା ବେଳେ ୯୯୨ ଜଣ ସୁପରଭାଇଜର ଚୟନ ହୋଇଥିବା ଜିଲାପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହାସହ ୬୫୦ ଜଣ ଗଣନାକାରୀ ଓ ୧୩୬ ଜଣ ସୁପରଭାଇଜରଙ୍କୁ ରିଜର୍ଭ ଭାବେ ରଖାଯାଇଛି। ସମସ୍ତଙ୍କୁ ଜିଲାପ୍ରଶାସନ ପକ୍ଷରୁ ତାଲିମ ମଧ୍ୟ ପ୍ରଦାନ କରାଯାଇଛି । ଜନଗଣନାକାରୀ ମାନେ ନିଜ ନିଜ ମୋବାଇଲରେ ଏଚଏଲଭି ଆପ୍ ଡାଉନଲୋଡ କରିଛନ୍ତି । ଏହି ଆପ୍ ଜରିଆରେ ସମସ୍ତ ତଥ୍ୟ ଅପଲୋଡ୍ କରିବେ । ପ୍ରଥମ ଥର ପାଇଁ ଡିଜିଟାଲ ମାଧ୍ୟମରେ ହେଉଛି ଜନଗଣନା। ୨୦୧୧ରେ ଶେଷ ଥର ପାଇଁ ହୋଇଥିଲା ଜଣଗଣନା ସେହି ସମୟରେ ଜିଲ୍ଲାରେ ୩୫ ଲକ୍ଷ ୨୯ ହଜାର ୩୧ ଜନସଂଖ୍ୟା ରହିଥିଲା ।

## ସ୍ୱର୍ଗତଃ ରୂପାଲୀ ବେଶ୍ରାଙ୍କୁ ଶ୍ରଦ୍ଧାଞ୍ଜଳି
# ଭଞ୍ଜସେନା ପକ୍ଷରୁ ଜିଲ୍ଲାବ୍ୟାପୀ କ୍ୟାଣ୍ଡେଲ ଶୋଭାଯାତ୍ରା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ସ୍କୁଲରେ ବିଶାକ୍ତ ଖାଦ୍ୟଖାଇ ଜଣେ ଛାତ୍ରୀ ମୃତ୍ୟୁ ହେବା ସହ ବହୁ ଛାତ୍ରୀ ଗୁରୁତର ହେବା ଘଟଣାକୁ ନେଇ ଭଞ୍ଜସେନା ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନ କ୍ରମେ ସ୍ୱର୍ଗତଃ ରୂପାଲୀ ବେଶ୍ରାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଗୁରୁବାର ସନ୍ଧ୍ୟାରେ ଜିଲ୍ଲାବ୍ୟାପୀ ବିଭିନ୍ନ ସ୍ଥାନରେ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ସଂଗଠନ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଜନସାଧାରଣ ସ୍ୱତଃ ପ୍ରବୃତ୍ତ ଭାବେ ସାମିଲ ହୋଇଥିଲେ ।

## ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ
# ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ନୀଳମାଧବ ପାତ୍ର ଓ ଉପାଧ୍ୟକ୍ଷା ଲଳିତାପ୍ରଧାନ ଆଜି ଛତ୍ରପୁର ଅବସ୍ଥିତ ପୁରୁଣା ଡିଆରଡିଏ କାର୍ଯ୍ୟାଳୟରେ ଔପଚାରିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ କାର୍ଯ୍ୟାଳୟର କର୍ମଚାରୀ ଓ କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲିକୋଟ ବିଧାୟକ ପୁର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ନୀଳମଣୀ ବିଷୋଇ, ଗଞ୍ଜାମ ଜିଲ୍ଲା ଭାଜପା ସଭାପତି ସରୋଜ ସାବତ, ଆସ୍କା ଘୁମୁସର ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ତୁତୁନ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ସୋମନାଥ ପାତ୍ର, ଭାଜପା ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ, ଜିଲ୍ଲା ସମ୍ପାଦକ ବସନ୍ତ କୁମାର ବେହେରା, ପି. ଧର୍ମା ରେଡ୍ଡୀ, କଣମଣା ମଣ୍ଡଳ ସଭାପତି ଏନ. ଦିନବନ୍ଧୁ, ପି. ରାମବାବୁଙ୍କ ସହିତ ଘୁମୁସର ଅଞ୍ଚଳର ବିଭିନ୍ନ ସଂଗଠନର ନେତା ଓ ଯୁବ କର୍ମୀମାନେ ଉପସ୍ଥିତ ରହି ନୂତନ ଦାୟିତ୍ୱ ପାଇଁ ସ୍ୱାଗତ ଜଣାଇଥିଲେ। ଜିଲ୍ଲାର ସମଗ୍ର ଉନ୍ନୟନ କାର୍ଯ୍ୟ ଆହୁରି ଗତିଶୀଳ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି ।

# ଷଣ୍ଢ ଆକ୍ରମଣରେ ବୃଦ୍ଧ ଆହତ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକ ବାଲିପଦର ଗ୍ରାମସ୍ଥ ନୀଳକଣ୍ଠ ମନ୍ଦିର ନିକଟରେ ଜଣୈକ ବୃଦ୍ଧ ଷଣ୍ଢ ଆକ୍ରମଣରେ ଆହତ ହୋଇ ବୁଗୁଡା ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ଆହତ ବୃଦ୍ଧ ଜଣକ ହେଲେ ଜଗନ୍ନାଥପ୍ରସାଦ ବ୍ଲକ ଭୂଷଣ୍ଡପାଳ ଗ୍ରାମର ମଦନ ନାୟକ(୭୦) । ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ମଦନ ବାଲିପଦର ଗାଁର ନୀଳକଣ୍ଠ ମନ୍ଦିର ନିକଟରେ ଛିଡାହୋଇଥିବା ବେଳେ ଏକ ଷଣ୍ଢ ତାଙ୍କୁ ହଠାତ ଆକ୍ରମଣ କରିଥିଲା। ଆକ୍ରମଣରେ ଷଣ୍ଢର ଶିଙ୍ଗ ପଶି ମଦନଙ୍କ ଡାହାଣ ପଟ ଜଙ୍ଘରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସ୍ଥିର ରହିଥିବା ଜଣାଯାଇଛି ।

# ଖୋଲିଲା ଭଞ୍ଜନଗର ୱାଟର୍ ପାର୍କ

ଭଞ୍ଜନଗର, (ସବ୍ୟୁ) : ଖୋଲିଲା ଭଞ୍ଜନଗର ୱାଟର୍ ପାର୍କ। ପୁଣିଥରେ ଗ୍ରୀଷ୍ମ ଋତୁରେ ଜଳକ୍ରୀଡାର ମଜା ଉଠାଇବେ ପର୍ଯ୍ୟଟକ। ସ୍ଥାନୀୟ ଜଳସଂପଦ ବିଭାଗ ଦ୍ୱାରା ପରିଚାଳିତ ରାଜ୍ୟର ଏହି ଏକମାତ୍ର ସରକାରୀ ୱାଟର ପାର୍କ ପୁଣିଥରେ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ସାରା ରାଜ୍ୟରେ ଭଞ୍ଜନଗର ସହରକୁ ବେଶ ପରିଚୟ ପ୍ରଦାନ କରିଥିବା ଜଳସମ୍ପଦ ବିଭାଗ ପରିଚାଳିତ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ଏହି ୱାଟର୍ ପାର୍କ ଗତ ୨୦୨୪ ଜାନୁଆରୀ ୨୬ ତାରିଖରେ ସେତେବେଳର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦଘାଟନ କରିଥିଲେ। ପରେ ଏହା ବର୍ଷା ଋତୁ ପୂର୍ବରୁ ବନ୍ଦ ହୋଇଯାଇଥିଲା। ୨୦୨୫ରେ ପୁଣିଥରେ ଏହାର ମରାମତି କରାଯାଇ ବର୍ତ୍ତମାନର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉକ୍ତ ୱାଟର୍ ପାର୍କ ସହ ଏଥିରେ ଫୁଡ୍ କୋର୍ଟ ଆଦି ଉଦଘାଟନ କରି ଏହାକୁ ମଇ ୪ ତାରିଖରୁ ଆରମ୍ଭ କରିଥିଲେ। ଜୁଲାଇ ମାସ ୨୭ ତାରିଖ ପର୍ଯ୍ୟନ୍ତ ଏହା ଚାଲିବା ପରେ ବର୍ଷା ଋତୁ ପୂର୍ବରୁ ବନ୍ଦ ହେବା ହୋଇଥିଲା । ଏବେ ପୁଣିଥରେ ଗୁରୁବାର ଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ଯାଇଛି ବୋଲି ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ଜଳକ୍ରୀଡା କରିବାକୁ ଆସୁଥିବା ପର୍ଯ୍ୟଟକମାନେ ଏବେ ମାତ୍ର ଦୁଇଶହ ଟଙ୍କାରେ ସକାଳ ୧୦ ଟାରୁ ସନ୍ଧ୍ୟା ୭ ଟା ଯାଏଁ ପାର୍କରେ ମଜା ଉଠାଇବେ। କାରଣ ସକାଳ ୧୦ ଟା ରୁ ଅପରାହ୍ନ ୩ ଟା ଯାଏଁ ୱାଟର୍ ପାର୍କ ଖୋଲା ରହୁଥିବା ବେଳେ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଶିଶୁ ଉଦ୍ୟାନ ଖୋଲା ରହୁଛି। ଏଠାରେ ଫୁଡ କୋର୍ଟ ଠାରୁ ଆରମ୍ଭ କରି କାଫେ ଆଦି ରହିଛି। ଏଣୁ ଏହି ପାର୍କ ବୁଲିବାକୁ ଜଣେ ଗୋଟିଏ ଦିନ ପୁରା ସମୟ ନେଇପାରିବେ। କେବଳ ପ୍ରତି ସୋମବାର ସାପ୍ତାହିକ ମରାମତି ପାଇଁ ପାର୍କ ବନ୍ଦ ରହିବ ବୋଲି ସହକାରୀ ଯନ୍ତ୍ରୀ ପ୍ରହଲ୍ଲାଦ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଶକ୍ତିମାନ ଜିମ୍ନାସିୟମର ୩୫ ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବାରିପଦା, (ସବ୍ୟୁ) : ସ୍ଥାନୀୟ ନଙ୍ଗଳକଟା ସ୍ଥିତ ଶକ୍ତିମାନ ଜିମ୍ନାସିୟମ ତାର ୩୫ତମ ବାର୍ଷିକ ଉତ୍ସବ ଏବଂ ହନୁମାନ ଜୟନ୍ତୀ ନିଜସ୍ୱ ପରିସରରେ ଏପ୍ରିଲ ୧୪ ଓ ୧୫ ତାରିଖରେ ମହାଆଡମ୍ବରରେ ପାଳନ କରିଛି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥ୍ୟ ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ତଥା ଶିଳ୍ପପତି ମୁରାରୀ ଶର୍ମା, ଗିରିଶ ଚନ୍ଦ୍ର ଦାସ, ଅରୁଣ ସରକାର, କମଳେନ୍ଦୁ ମହାନ୍ତ, ଜେମାମଣୀ ମହାନ୍ତ ପ୍ରମୁଖ ଯୋଗଦେଇ ଶକ୍ତିମାନ ଜିମର ଆଭିମୁଖ୍ୟକୁ ଭୂୟଶୀ ପ୍ରସଂଶା କରିଥିଲେ। ଜିମର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତ ସମସ୍ତ ଅତିଥ୍ୟ ବୃନ୍ଦଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ




ସମ୍ମାନିତ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥ୍ୟ ବିଶିଷ୍ଟ କ୍ରୀଡ଼ାବିତ ତଥା ଆନ୍ତର୍ଜାତୀୟ ଖେଳାଳୀ ଏବଂ 'ଷ୍ଟ୍ରଙ୍ଗ ଓମେନ ଅଫ ଏସିଆ ଉପାଧୀରେ ଭୂଷିତ ହୋଇଥିବା ମନ୍ଦାକିନୀ ମହାନ୍ତ ଏବଂ ଆନ୍ତର୍ଜାତୀୟ ଖେଳାଳୀ ବେଷ୍ଟ ପାୱାର ଲିଫ୍ଟର ଅଫ ଇଣ୍ଡିଆ ଭାବେ ପରିଚିତ ସ୍ନେହା ସୋରେନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥ୍ୟ ଭାବେ ଓଡ଼ିଆ ସିନେ ତାରକା ଅସିତ ପତି, ସମାଜସେବୀ ଅମୁଲ୍ୟ ବେହେରା, ବିଶିଷ୍ଟ ଆରକିଟେକ୍ଟ ଅଙ୍କନ ବସା ପ୍ରମୁଖ ଯୋଗଦେଇ ନିଜର ଅନ୍ତରଙ୍ଗ ବନ୍ଧୁ ତଥା ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତଙ୍କୁ ଶକ୍ତିମାନ ଜିମର ନିଶାମୁକ୍ତ ଅଭିଯାନ, ସୁସ୍ଥ ସମାଜ ଗଢି ତୋଳିବାର ପ୍ରୟାସ, ସୁନ୍ଦର ସ୍ୱାସ୍ଥ୍ୟ ଗଠନ, ଛାତ୍ରଛାତ୍ରୀ ମାନଙ୍କର ସରକାରୀ ନିଯୁକ୍ତିରେ କେମିତି କ୍ୟାରିୟର ଗଠନ କରିପାରିବେ ପ୍ରଭୃତି ପ୍ରୟାସକୁ ଭୟଶୀ ପ୍ରସଂଶା କରିଥିଲେ। ତତ୍‌ସହିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଓଡ଼ିଶାର ସ୍ୱନାମଧନ୍ୟ ଝୁମର କଣ୍ଠଶିଳ୍ପୀ ପମି ଏବଂ ଅନ୍ୟ କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଝୁମର କାର୍ଯ୍ୟକ୍ରମ। ଦ୍ୱିତୀୟ ତଥା ଉଦଯାପନୀ ଦିବସରେ ଓଲିଉଡ଼ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଂଗୀତ ପରିବେଷଣରେ ଝୁମି ଉଠିଥିଲେ ଦର୍ଶକ। ଏହି କାର୍ଯ୍ୟକ୍ରମରେ ପିଟିପି ଆର୍ଥ ମୁଭିଙ୍ଗ ଆଣ୍ଡ ମାଇନିଙ୍ଗ ତରଫରୁ ଶକ୍ତିମାନ ଜିମର ଆନ୍ତର୍ଜାତୀୟ, ଜାତୀୟ ତଥା ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତରୁଣ ମହାନ୍ତି, ବିପ୍ଳବ ବୁଗୁଢ଼େଇ, ପ୍ରିୟବ୍ରତ ଦାସ, ସଜଳ ମଲ୍ଲିକ, ଅମିତାଭ ସାହୁ, ସୌମ୍ୟରଂଜନ ମିଶ୍ର, ସୁରଜ ଲୋହାର, ଦେବାଶିଷ ପାତ୍ର, ଡାଃ ଲକ୍ଷ୍ମୀକାନ୍ତ ପତି, କାଳିଚରଣ ନାୟକ, ସୁକୁଲ ମୁର୍ମୁ, ସଂଗ୍ରାମ କେଶରୀ ଦେବ, ଅଜୟ ଜେନା, ଦିଲ୍ଲୀପ ଦାସ, ମାନସ ବେହେରା, ରାଧା ମହାନ୍ତ, ଲୋକନାଥ ପାତ୍ର, ରତିକାନ୍ତ ମହାନ୍ତ, ଜନାର୍ଦ୍ଦନ ମହାନ୍ତ, ହିମାଂଶୁ ମହାନ୍ତ, ହରିନାରାୟଣ ମହାନ୍ତ, ଯଦୁପତି ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ବିଶ୍ୱ କଳା ଦିବସ

ବ୍ରହ୍ମପୁର, (ସବ୍ୟୁ): ବିଶ୍ୱ କଳା ଦିବସ ପାଳନ ଅବସରରେ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଏଡି କ୍ଲବ୍ ପକ୍ଷରୁ 'ଆର୍ଟ-ଓ-ରାମା ୨୦୨୬ ଆୟୋଜିତ ହୋଇଯାଇଛି। ଶିଶୁତ୍ୱ ବିଷୟବସ୍ତୁକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କେଚ, ପେଁଟିଙ୍ଗ, ଏବଂ ଡିଜିଟାଲ ଚିତ୍ରକଳାର ଏକ ସୁନ୍ଦର ମିଶ୍ରଣ ପ୍ରଦର୍ଶିତ ହୋଇଥିଲା । ଯାହା ଅତୀତ, କଳ୍ପନା ଏବଂ କଳାତ୍ମକ ଗଭୀରତାକୁ ପ୍ରତିଫଳିତ କରିଥିଲା। ଏକ ଲାଇଭଆର୍ଟ କର୍ଣ୍ଣର ଏବଂ ଥିମ୍ ଆଧାରିତ କଳାକୃତିର ଏକ ଚିନ୍ତାଶୀଳ ପ୍ରଦର୍ଶନ ଦ୍ୱାରା ପରିବେଶକୁ ଆହୁରି ଉତ୍ସାହିତ କରାଯାଇଥିଲା। ଯାହା ପାରସ୍ପରିକ ଭାବ ବିନିମୟ, ଶିକ୍ଷଣ ଏବଂ ପ୍ରଶଂସା ପାଇଁ ଏକ ଗତିଶୀଳ ସ୍ଥାନ ସୃଷ୍ଟି କରିଥିଲା। ବିଭିନ୍ନ ବିଭାଗର ୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ସହିତ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତତା, ସହଯୋଗ ଏବଂ ଏକ ସୁସ୍ଥ ପ୍ରତିଯୋଗିତା



ମନୋଭାବକୁ ପ୍ରୋତ୍ସାହିତ କରିଥିଲା। ଏହି ପ୍ରତିଯୋଗିତାରେ ସଙ୍କେତ ମାହାଥା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଯୋଗେଶ ପ୍ରଧାନ ଦ୍ୱିତୀୟ ସ୍ଥାନ ଏବଂ ଅରହମ୍ ଚୌଧୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତା ଓ ଅଂଶଗ୍ରହଣକାରୀଙ୍କୁ ଏଡି କ୍ଲବର ଉପଦେଷ୍ଟା ଡ. ଆକାଂକ୍ଷା ପଟ୍ଟନାୟକ ଓ ଏନ୍ଆଇସିସିର ଉପଦେଷ୍ଟା ପ୍ରଫେସର ସବ୍ୟସାଚୀ ରଥ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ଉପଦେଷ୍ଟାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଉତ୍ସର୍ଗୀକୃତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ନିରବଚ୍ଛିନ୍ନ ଭାବେ ସଂଯୋଜନା କରାଯାଇ ଆର୍ଟ-ଓ-ରାମା ୨୦୨୬କୁ କଳାତ୍ମକ ପ୍ରତିଭା ଓ ଦଳଗତ କାର୍ଯ୍ୟର ଏକ ସ୍ମରଣୀୟ ଓ ସାର୍ଥକ ଉତ୍ସବରେ ପରିଣତ କରାଯାଇଥିଲା ।

# ସେଣ୍ଟ ଜାଭିୟର୍ସ ଛାତ୍ରଛାତ୍ରୀଙ୍କ ଦଶମ ସିବିଏସଇ ପରୀକ୍ଷାରେ ସଫଳତା
# ୧୯ ଛାତ୍ରଛାତ୍ରୀ ୯୫ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସହରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଚଳିତ ବର୍ଷ ସିବିଏସଇ ଦଶମ ପରୀକ୍ଷାରେ ଶତପ୍ରତିଶ୍ତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ଦଶମ ଶ୍ରେଣୀରେ ମୋଟ ୨୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ଜଣ ଛାତ୍ରଛାତ୍ରୀ ୯୮ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରି ବିଦ୍ୟାଳୟ ତଥା ଜିଲ୍ଲାର ଗୌରବ ଅର୍ଜନ କରିଛନ୍ତି। ସେହିପରି ୧୯ ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ,୬୯ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛନ୍ତି। ବିଦ୍ୟାଳୟର ଛାତ୍ର ସାଇ ସମ୍ଭବ ସାମନ୍ତ ୯୮.୮ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଯୁଗ୍ମ ଭାବରେ ଆୟୁଷ୍ମାନ ପାତ୍ର ଏବଂ ଅଭିଜ୍ଞାନ ନାୟକ ୯୮.୬ ପ୍ରତିଶତ,ସୁଲଗ୍ନା ମଲ୍ଲିକ ୯୮.୪ ପ୍ରତିଶତନମ୍ବର ରଖି ପାସ କରିଛନ୍ତି। ଏହା ସହିତ ଅନ୍ୱେଷା ସୁବୁଦ୍ଧି ୯୮.୨ ପ୍ରତିଶତ,ସୂର୍ଯ୍ୟକାନ୍ତ ପରିଡା ୯୮ ପ୍ରତିଶତ ନମ୍ବର ରଖି ଜିଲ୍ଲାରେ ସୁନାମ ଅର୍ଜନ କରିବା ସହିତ ବିଦ୍ୟାଳୟର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିପାରିଛନ୍ତି। ବିଦ୍ୟାଳୟର ଏହି ସଫଳତାରେ ଛାତ୍ରଛାତ୍ରୀ, ଅଧକ୍ଷ,ଶିକ୍ଷକ ସଙ୍ଘ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହା ସହିତ ଅଭିଭାବକ ଓ ଶିକ୍ଷକ ସଙ୍ଘ, ପରିଚାଳନା ପରିଷଦର ସଭ୍ୟସଭ୍ୟାମାନେ ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ଓ ପିତାମାତାଙ୍କୁ ଅଭିନନ୍ଦନ ସହିତ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ସିବିଏସଇ ଦଶମଶ୍ରେଣୀ ପରୀକ୍ଷାରେ ଓପି ଜିନ୍ଦଲ ସ୍କୁଲର ଶତପ୍ରତିଶତ ସଫଳତା



ଅନୁଗୁଳ,(ସବ୍ୟୁ) :ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନେ ସଦ୍ୟ ପ୍ରକାଶିତ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଅସାଧାରଣ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସ୍କୁଲର ମୋଟ ୯୪ ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ ଏବଂ ୪୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍କୁଲକୁ ଗୌରାନିତ କରିଛନ୍ତି।

ଦିବ୍ୟାନା ଦିବ୍ୟାଂଶା ଦେହୁରୀ୯୮.୪% ନମ୍ବର ରଖ ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେହିଭଳି ଆବିଗେଲ୍ଲୁଙ୍ଗ ଡୁଙ୍ଗ, ଶ୍ରେୟସ ମକ୍କଡ଼, ପୁଲକିତ ଧୁଲ, ଆସ୍ଥାଅଦିତି ସାହୁ, ସତ୍ୱସ୍ତିକ ଶିବମ ନାୟକ, ସାଇ ଦୀପ୍ତି ମିଶ୍ର, ଅଦିତି ପଟ୍ଟନାୟକ, ଶ୍ରାବଣୀ ରୋହିତ ବିସାନେ, କେଶବ ଅଗ୍ରୱାଲା, ସଂସ୍କୃତି ନାରାୟଣ, କ୍ରିଶଲ ଜୈନ, ବିଷ୍ଣୁ ପ୍ରସନ୍ନ ତ୍ରିପାଠୀ, ସୋହମ କୁମାର ସାହୁ, ଅନୁଷ୍କା ବାନାର୍ଜୀ, ଜାହ୍ନବୀ କଶ୍ୟପ, ଅର୍ଦ୍ଧିତ ଅଗ୍ରୱାଲ, ଅକ୍ସରା ଗର୍ଗ, ସାଇ ସତ୍ୱରୂପ ସତ୍ୱାଇଁ, ପ୍ରିୟାଂଶୁ ସାହୁ, ଏକାଂଶ ଦେଶମୁଖ, ବିଶାଲ ପାଣି, ଉଜ୍ଜ୍ୱଳ କୁମାର ଓ ଅନେଓ୍ୱଷା ପ୍ରଧାନ ବିଭିନ୍ନ ବିଷୟରେ ସ୍କୁଲ ଟପ୍ପର ହୋଇଛନ୍ତି ।ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର ଶୁଭେଚ୍ଛା ଜଣାଇ ଓ.ପି. ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ, ସେମାନଙ୍କର ସଫଳତାକୁ ଗଢ଼ି ତୋଳିବାରେ ଶିକ୍ଷକ ଏବଂ ଅଭିଭାବକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଛାତ୍ରଛାତ୍ରୀମାନେ ଦୃଢ଼ ମୂଲ୍ୟବୋଧ ଏବଂ ଶୃଙ୍ଖଳା ସହିତ ଜୀବନରେ ଉତ୍କର୍ଷ ହାସଲ କରିବେ।

ଏହି ଅଭୂତପୂର୍ବ ଫଳାଫଳ ଓ.ପି ଜିନ୍ଦଲ ସ୍କୁଲର ଉତ୍କର୍ଷତାର ପ୍ରମାଣ ଅଟେ ଏବଂ ଗୁଣାତ୍ମକ ଶିକ୍ଷା, ସାମଗ୍ରିକ ବିକାଶ ଏବଂ ଶିକ୍ଷାକ୍ଷେତ୍ରରେ ଏକ ଉଚ୍ଚମାନଦଣ୍ଡ ସ୍ଥାପନ କରିବାର ପ୍ରତିବଦ୍ଧତାକୁ ସୂଚିତ କରୁଛି । ସ୍କୁଲର ଏହି ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ସାହୁ ଜିନ୍ଦଲ ଫାଉଣ୍ଡେସନ, ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଅବକାରୀ ଚଢ଼ାଉ : ୫ ଗିରଫ

ଠାକୁରଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଦିନ ଠାକୁରଗଡ଼ ଥାନା ଅଂଚଳ ବିଭିନ୍ନ ଗ୍ରାମରେ ଚଢ଼ାଉ କରି ଚୋରା ଦେଶୀ ମହୁଲି ମଦ ଜବତ କରିବା ସହ ୫ ଜଣ ଙ୍କୁ ଗିରଫ କରା ଯାଇଛି । ଠାକୁରଗଡ଼ ଥାନା ଘୋଡା ବାନ୍ଧୁଣି ଗ୍ରାମରେ ଚଢ଼ାଉ କରି ସନାତନ ଭୋଇଙ୍କ ଘରୁ ୧୨ ଲିଟର, ରଞ୍ଜନ ରାଉତଙ୍କ ଘରୁ ୧୦ ଲିଟର, ଗୌତମ ସେଠି ଙ୍କ ଘରୁ ୧୨ ଲିଟର, ପାଇକ ସାହି ଗ୍ରାମର ବିରଞ୍ଚି ପ୍ରଧାନଙ୍କ ଘରୁ ୧୦ ଲିଟର, ଆରାମପୁର ଗ୍ରାମର ରତନୀ ପ୍ରଧାନଙ୍କ ଘରୁ ୧୧ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି । ଏଥିସହ ସେମାନ ଙ୍କୁ ଗିରଫ କରାଯାଇଛି । ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇଁ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ନୀଳିମା ଜୟନ୍ତୀ ସ୍ୱାଇଁ, ମାଧବେଶ ମାରାଣ୍ଡି, ସୁରେନ୍ଦ୍ର ପ୍ରଧାନ, ବିଶ୍ୱ ରଞ୍ଜନ ନାଥ ପ୍ରମୁଖ ଚଢ଼ାଉ କରି ଗିରଫ କରିବା ସହ ମଦ ଜବତ କରିଥିଲେ ।

# କଣିହାଁ ରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ

କଣିହାଁ,(ସବ୍ୟୁ): କଣିହାଁ ବ୍ଲକ କାର୍ଯ୍ୟାଳୟସ୍ଥ ପବିତ୍ର ମୋହନ ସଭାଗୃହ ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ବ୍ଲକରୁ ବିଭିନ୍ନ ପଞ୍ଚାୟତ ରୁ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ଏମବିକେ ମାନେ ଯୋଗ ଦେଇ ବିଭିନ୍ନ ପ୍ରକାରର ପୋଡ଼ପିଠା, ଆରିସା , କାକରା ,ଏଣ୍ଡୁରି ପିଠା, ଇଡିଲି, ବରା, ବିରି ଚକୁଳି ଏଭଳି ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ଷ୍ଟଲ କରି ପ୍ରଦର୍ଶନ କରିଥିଲେ । ଏଥିରେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର, ଏବିଡିଓ ସୁତିକ୍ଷ୍ଣା ମହାପାତ୍ର, ହିସାବ ଅଧିକାରୀ ସୁଶାନ୍ତ କୁମାର ନନ୍ଦ, ଯନ୍ତ୍ରୀ ଘନଶ୍ୟାମ ପଟେଲ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ସମସ୍ତ ଏଡିଇଓ , ବ୍ଲକର ସମସ୍ତ ବିଭାଗର ଅଧିକାରୀ ଯୋଗଦେଇ ଓଡିଆ ପକ୍ଷ ପାଳନ ର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ସବୁ ଖାଦ୍ୟ ଷ୍ଟଲ ବୁଲି ବିଭିନ୍ନ ଖାଦ୍ୟ ଖାଇଥିଲେ ।

# ମାଧପୁରରେ ଆମ୍ବେଦକରଙ୍କ ଜୟନ୍ତୀ

ଆଠମଲ୍ଲିକଁ,(ସବ୍ୟୁ): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ରେ ଆମ୍ବେଦକର ଫାଉଣ୍ଡେସନ ତରଫରୁ ଡ଼ଃ ବି ଆର ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଆମ୍ବେଦକର ଫାଉଣ୍ଡେସନ ର ଉପସଭାପତି ଦୁଃଖିଶ୍ୟାମ ବେହେରା ସଭାପତିତ୍ୱ କରିଥିବା ବେଳେ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିମଳ ବିହାରୀ ରଣଭୋଇଂସା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିକ୍ରମ ରଣଭୋଇଂସା ମୁଖ୍ୟ ବକ୍ତା, ସଂମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ବନ କର୍ମଚାରୀ ଗଜେନ୍ଦ୍ର ବେହେରା ଯୋଗ ଦେଇ ବାବା ସାହେବ ଆମ୍ବେଦକର ଙ୍କ ଫୋଟ ଚିତ୍ର ରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପ ମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ ।ସମ୍ପାଦକ ପ୍ରଣବ ମହାନନ୍ଦିଆ, ସହ ସମ୍ପାଦକ ବିଜୟ କୁମାର କୁମ୍ଭାର ସହଯୋଗ କରିଥିବା ବେଳେ ବିନୋଦ ବାଦୀ ସଂଯୋଜନା କରିଥିଲେ । ବରିଷ୍ଠ ନାଗରିକ ଖାଣ୍ଟୁ ରାମ ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ରାଜ ରଣ ଭୋଇଂସା ଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ

# ଆରଏସଏସର ଶତବାର୍ଷିକୀ ପୂର୍ତ୍ତି ପାଳନ

କରଂଜିଆ, (ସବ୍ୟୁ): କରଂଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଦିନ ରାଷ୍ଟ୍ରୀହ ସ୍ୱୟଂ ସେବକ ସଙ୍ଘ (ଆରଏସଏସ)ର ପ୍ରମୁଖଜନ ସଂଘଠି ଅବସରରେ ସଂଘର ଶହେ ବର୍ଷ ର ଉପଲବ୍ଧି ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମକୁ ଜିଲ୍ଲା ସଂଘ ଚାଳକ ଯୋଗବନ୍ଧୁ ମହାନ୍ତ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଦରଣୀୟ ରାମଦାଭାଜୀ ସହ -କାର୍ଯ୍ୟବାହ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ଓ ରତିକାନ୍ତ ବୈଦ୍ୟ ବିଭାଗ ସଙ୍ଘ ଚାଳକ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବଳରାମ ସାହୁ, ଯୋଗବନ୍ଧୁ ମହାନ୍ତ ସମେତ ଅନେକ ଦେଶପ୍ରେମୀ ଯୋଗ ଦେଇଥିଲେ ।ଶହେ ବର୍ଷ ପାଳନ ଅବସରରେ ଭାରତ ରେ କଣ କଣ ଘଟିଯାଇଛି, ସଙ୍ଘ କିପରି ଗଠନ ହୋଇଥିଲା, ସଙ୍ଘ କିପରି ପରିଚାଳିତ ହୋଇଥିଲା, ସଂଘର ଦେଶପ୍ରେମୀଙ୍କୁ କିପରି ଚକ୍ରାନ୍ତ କରାଯାଇ ହତ୍ୟା କରାଯାଇଥିଲା, ଭାରତକୁ କିପରି ଖଣ୍ଡିତ କରାଯାଇଥିଲା ଉପରେ ମାର୍ଗ ଦର୍ଶନ କରିଥିଲେ । ସଂଘର ବଳରାମ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ଶତ ବାର୍ଷିକ ପାଳନର ଲକ୍ଷ୍ୟ ଓ ଉଦ୍ୟାସ ସମ୍ପର୍କରେ ଅବଗତି କରିଥିଲେ । ମାର୍ଗ ଦର୍ଶନ ପରେ ପ୍ରଶ୍ନ ମଞ୍ଚର କାଯ୍ୟକ୍ରମରେ ତିଥି ମାନଂକୁ ବିଭିନ୍ନ ଦିଗରେ ବିଭିନ୍ନ ପ୍ରଶ୍ନ ଉଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଡା. ଦେବେଶ ହୋତା, ଚିପୁନ ଦାସ ତପନ କୁମାର ନାୟକ, ଚୈତନ୍ୟ ପ୍ରସାଦ ମହାନ୍ତ ସମେତ ଅନେକ ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଷ୍ଟ୍ରୀୟ ଗଣ ବା ମାତରଂ ଗଣ ପରେ ତ୍ରିଲୋଚନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସୋଳ ମହୋତ୍ସବ ତୃତୀୟ ସନ୍ଧ୍ୟା

ରାସୋଳ, (ସବ୍ୟୁ) : ଆଜି ରାସୋଳ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସରୋଜ କୁମାର ପତି ଅବସରପ୍ରାପ୍ତ ଜିଲ୍ଲା ଦୌରା ଜଜ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚିତ୍ତରଞ୍ଜନ ଗୌତମ ସଧାରଣ ସମ୍ପାଦକ ଆମ୍ବେଦକର ସଙ୍ଗଠନ, ଅନୁଗୁଳ ଯୋଗ ଦେଇ ଥିଲେ।ପ୍ରତିବର୍ଷ ଭଳି ଚଳିତ ବର୍ଷ ବହୁ ମିନାବଜାର, ଦୋଳି, ଆକର୍ଷଣୀୟ ଗୃହ ଉପକରଣ ସାମଗ୍ରୀ ର ଦୋକାନ ଖୋଲି ଥିବା ବେଳେ ଫାଷ୍ଟ ଫୁଡ ର ମଜା ଲୋକ ମାନେ ନେଉ ଥିବାର ଦେଖା ଯାଉଛି। ପଲ୍ଲୀ ଶ୍ରୀ ମେଳା ରେ ଗ୍ରାହକ ଙ୍କ ଭିଡ଼ ଲାଗି ରହିଛି। ପାଞ୍ଚଦିନ ବ୍ୟାପି ଆୟୋଜିତ ଏକବିଂଶ ତମ ରାସୋଳ ମହୋତ୍ସବ ୧୮ ତାରିଖ ସନ୍ଧ୍ୟାରେ ଉଦଯାପିତ ହେବ ବୋଲି ଆୟୋଜକ ବିକାଶ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ମହୋତ୍ସବ ୧୪-୩ ତାରିଖ ସନ୍ଧ୍ୟାରେ ଉଦଘାଟିତ ହୋଇଥିଲା। ଉଦଘାଟକ ଭାବେ ହିନ୍ଦୋଳ ବିଧାୟିକା ସୀମା ରାଣୀ ନାଏକ ଯୋଗ ଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ରାଜ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବିକାଶ ପରିଷଦ ସଭାପତି ମହେଶ୍ୱର ନାଏକଙ୍କ ପୌରହିତ୍ୟରେ ଆୟୋଜିତ ଦିତୀୟ ସନ୍ଧ୍ୟା ରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ରାଣୀ ନାଏକ ଓ ମୁଖ୍ୟବକ୍ତା ଭାବେ ଅନୁଗୁଳ ସଂଯୁକ୍ତ ସମବାୟ ବ୍ୟାଙ୍କ ର ସଭାପତି ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରିଷଦ ର ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଅମିୟ ରଞ୍ଜନ ସର ଦେବୀ ବନ୍ଦନା ପାଠ କରିଥିଲେ।

# ଶ୍ରୀ ରଘୁନାଥ ମନ୍ଦିରରେ ହୋମଯଜ୍ଞ , ହନୁମାନ ଚାଳିଶା

ଆଠମଲ୍ଲିକ,(ସବ୍ୟୁ):ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟସ୍ଥ ନୂତନ ଭାବରେ ନିର୍ମାଣ ହୋଇଥିବା ଶ୍ରୀ ରଘୁନାଥ ମନ୍ଦିର ପରିସରରେ ପବିତ୍ର ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ହୋମ ଯଂଜ୍ଞ ସହିତ ହନୁମାନ ଚାଳିଶା ପାଠ କରା ଯାଇଥିଲା । ପଣ୍ଡିତ ଭାବରେ ରାଧା ମୋହନ ତ୍ରିପାଠୀ, ଅକ୍ଷୟ ମିଶ୍ର, ଜୟ ନାରାୟଣ ମିଶ୍ର, ଉମା ପ୍ରସାଦ ନନ୍ଦ,ଅମୀୟ କୁମାର ତ୍ରିପାଠୀ ପ୍ରମୁଖ ହନୁମାନ ଚାଳିଶା ପଠନ କରିଥିଲେ ।

# ରଣିଆକଟାର ସୌମିସ୍ୟା କ୍ଷେତି ଟପ୍ପର

ଠାକୁରଗଡ଼, (ସବ୍ୟୁ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ ) ପକ୍ଷରୁ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । କିଶୋରନଗର ବ୍ଲକ ରଣିଆ କଟା ଆଦର୍ଶ ବିଦ୍ୟାଳୟର ରେଜଲ୍ଟ ପାସ ହାର ୧୦୦ ପ୍ରତିଶତ ହୋଇଥିବା ବେଳେ ସୌମିସ୍ୟା କ୍ଷେତି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେ ୯୮:୦୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ଏହି ବିଦ୍ୟାଳୟ ରେ ୭୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଛନ୍ତି । ୧୪ ଜଣ ଛାତ୍ରୀ ଛାତ୍ର ୯୦ ପ୍ରତିଶତ ଉପରେ ମାର୍କ ରଖିଥିବା ବେଳେ ୩୩ ଜଣ ଛାତ୍ରୀ ଛାତ୍ର ୮୦ ପ୍ରତିଶତ ଉପରେ ମାର୍କ ରଖିଛନ୍ତି । ସମସ୍ତ ପାସ କରିଥିବା ଛାତ୍ରୀ ଛାତ୍ର ଙ୍କୁ ବିଭିନ୍ନ ଅଂଚଳରୁ ଶୁଭେଚ୍ଛା ଜଣାଯାଇଛି । ବିଦ୍ୟାଳୟ ପକ୍ଷରୁ ମଧ ଟପ୍ପର ଙ୍କୁ ଶୁଭେଚ୍ଛା ଜଣାଯାଇଥିବା ଅଧକ୍ଷ ସୌମ୍ୟ ପଲ୍ଲବ ଗୁରୁ ସୂଚନା ଦେଇଛନ୍ତି ।

# ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଠାକୁରଗଡ଼,(ସବ୍ୟୁ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପାଇକସାହି ରାଧା ମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦିନ ଆଠମଲ୍ଲିକ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରଶାନ୍ତ ସାମଲ, ବୁଲୁ ମେହେର,କ୍ଷୀରୋଦ ସାମାଲ, ରାକେଶ ସାମଲ,ଆର ଏନ ବେହେରା, ଏକେ ସାହୁ ଯୋଗ ଦେଇ କିପରି ଛାତ୍ରୀ ଛାତ୍ର ମାନେ ନିଜକୁ ନିଆଁ ରୁ ରକ୍ଷା କରିବା ସହ ପ୍ରାକୃତିକ ବିପର୍ଯ୍ୟୟ କୁ ମୁକାବିଲା କରିବେ ସେ ନେଇ ସଚେତନତା କରାଇ ଥିଲେ । ଏଥିସହ ଗ୍ୟାସ ଦୁର୍ଘଟଣାକୁ କିପରି ସହଜରେ ମୁକାବିଲା କରିବେ ସେ ନେଇ ପରାମର୍ଶ ଦେଇଥିଲେ । ଏଥିରେ ଶିକ୍ଷକ ପ୍ରଶ୍ନ ପ୍ରଧାନ, ପ୍ରଶ୍ନ ବେହେରା, ଅରୁଣ କୁମାର ନାୟକ, ସୌରଭ ସରକାର, ପପୁ ରଞ୍ଜନ ସାହୁ, ଶିକ୍ଷୟତ୍ରୀ ମୋନାଲିସା ସାହୁ, ରେଣୁକା ମାଝୀ ଉପସ୍ଥିତ ଥିଲେ ।

# ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ଡ଼ିଏଭି ସ୍କୁଲର ସଫଳତା



ଅମୃତାଂଶୁ ଦାସ ଦ୍ୱିତୀୟ ସ୍ଥାନ -୯୯ | ତ୍ରିମାନ ପ୍ରଧାନ ପ୍ରଥମ ସ୍ଥାନ -୯୯.୪ | ମଞ୍ଜୁଲିକା ସାହୁ ତୃତୀୟ ସ୍ଥାନ -୯୮.୬

ତାଳଚେର,(ସବ୍ୟୁ) : ତାଳଚେର ସଦ୍ୟ ପ୍ରକାଶିତ ସିବିଏସଇ ଦଶମଶ୍ରେଣୀ ପରୀକ୍ଷାରେ ଡ଼ିଏଭି ଜଗନ୍ନାଥ କ୍ଷେତ୍ରର ଛାତ୍ରଛାତ୍ରୀମାନେ ଆଶାତିତ ସଫଳତା ହାସଲ କରିଛନ୍ତି। ଉତିର୍ଣ୍ଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରୀମାନ ତ୍ରିମାନ ପ୍ରଧାନ ୯୯.୪% ପ୍ରଥମ ସ୍ଥାନ, ଅମୃତାଂଶୁ ଦାସ ୯୯% ୨ୟ ସ୍ଥାନ ଏବଂ ମଞ୍ଜୁଲିକା ସାହୁ ୯୮.୬% ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ୬୭ଜଣ ଛାତ୍ରଛାତ୍ରୀ ଶତକଡ଼ା ୯୦% ନମ୍ବର ରଖି ବିଦ୍ୟାଳୟର ଗୌରବ ଆଣିଛନ୍ତି। ଓଡ଼ିଆ, ଗଣିତ, ବିଜ୍ଞାନ, ହିନ୍ଦୀ, ସାମାଜିକ ବିଜ୍ଞାନ, ସଂସ୍କୃତ ଏବଂ କମ୍ପ୍ୟୁ ଟରରେ ଅନେକ ଛାତ୍ରଛାତ୍ରୀ ପୂର୍ଣ୍ଣ ଅଙ୍କ ୧୦୦ରଖି ବିଦ୍ୟାଳୟର ସୁନାମ ରକ୍ଷା କରିଛନ୍ତି। ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତା ନିମନ୍ତେ ଅଧ୍ୟକ୍ଷା ଶୁକ୍ଲାଚକ୍ରବର୍ତି, ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜଳସଙ୍କଟକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ କଣ୍ଢାଳ ପଂଚାୟତର ତାଳବେଡ଼ା, ଏକାଦଶୀପୁର, ବନମାଳିପୁର, ଦାସରଥିପୁର ଓ ସୌଭାଗ୍ୟଗର ଅଂଚଳରେ ପାଳନୀୟ ଜଳର ଅଭାବର ସମାଧାନ ପାଇଁ ପଂଚାୟତ ସରପଂଚ ଯଶୋବନ୍ତୀ ବେହେରାଙ୍କ ନେତୃତ୍ୱରେ ୱାର୍ଡମେମ୍ବର ଉମାମଧବ ଆଚାର୍ଯ୍ୟ , ପୂର୍ଣ୍ଣିମା ପ୍ରିତିଛନ୍ଦା ହୋତା, ରବି ଶତପଥୀ, କେଶବ ବେହେରା ଓ ସଂଗ୍ରାମ ବେହେରା ଉପଜିଲ୍ଲାପାଳଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଗ୍ରାମ ଗୁଡ଼ିକୁ ଏଲଏନଟି ଓ ଏମସିଏଲ ପକ୍ଷରୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯାଇଥାଏ। ୧୪୯ନଂ ଜାତୀୟ ରାଜପଥ ସଂପ୍ରସାରଣ ଚାଲୁଥିବା ବେଳେ ରାସ୍ତା ନିର୍ମାଣ କରୁଥିବା କମ୍ପାନୀ ମନଇଚ୍ଛାରେ ବିଛା ଯାଇଥିବା ପାଣିପାଇପ୍ ଲାଇନ୍ ଉଭୟ ଏମସିଏଲ ଓ ଏଲଏନଟିର କାଟି ଦେଉଥିବାରୁ ପାଣି ଘୋର ସଙ୍କଟ ଦେଖାଦେଇଛି। ଏହି କମ୍ପାନୀରେ ରାସ୍ତା ନିର୍ମାଣ ପାଇଁ ଡ଼ୋଜର ସାହାଯ୍ୟ ରେ ମାଟି ଖୋଳିବା ସମୟରେ ପାଇପ ଲାଇନ ଗୁଡ଼ିକୁ ଧ୍ୟାନ ନଦେଇ କାଟି ପକାଉଛି। ଯଦି ଏହାର ସମାଧାନ ନକରାଯାଏ ଆଗକୁ ଉକ୍ତ ଗ୍ରାମବାସୀମାନେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଗ୍ରାମବାସୀ ପକ୍ଷରୁ କୁହାଯାଇଛି।

# ଏନଟିପିସି ତାଳଚେର ଥର୍ମାଲ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳିତ

ତାଳଚେର,(ସବ୍ୟୁ) :ଏନଟିପିସି ତାଳଚେର ଥର୍ମାଲ ଡ଼ଃ ବିଆର ଆମ୍ବେଦକରଙ୍କ ୧୨୬ତମ ଜନ୍ମବାର୍ଷିକ ଏକ ଚିନ୍ତିତ ଭାବେ ସଂଯୋଜିତ କାର୍ଯ୍ୟ କ୍ରମ ମାଧ୍ୟମରେ ପାଳନ କରିଛି, ଯାହାର ଉଦଘାଟନ ପ୍ରତିମୂର୍ତି ଉନ୍ମୋଚନ ଏବଂ ଏକ ସାଂସ୍କୃତିକ ସନ୍ଧ୍ୟା । ଦ୍ୱାରା କରାଯାଇଥିଲା। ସକାଳେ ଷ୍ଟେସନ ପରିସରରେ କାର୍ଯ୍ୟ ନିର୍ବାହି ନିର୍ଦ୍ଦେଶକ ବିଜୟ ଚାନ୍ଦଙ୍କ ଦ୍ୱାରା ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତିର ଉଦଘାଟନ କରାଯାଇଥିଲା, ଯେଉଁଥିରେ ବିଭା ଅଗ୍ରୱାଲ ସାଗରୀକା ଲେଡ଼ିଜ କ୍ଲବ ସଭାପତି, ପ୍ରବୀର କୁମାର ମହାପ୍ରବନ୍ଧକ (ପ୍ରକଳ୍ପ), ବରିଷ୍ଠ ଅଧିକାରୀ ୟୁନିୟନ ଏବଂ ସଂଘର ପ୍ରତିନିଧି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶ୍ରୀଚାନ୍ଦ ତାଙ୍କ ଭାଷଣରେ ଶିକ୍ଷାର ପରିବର୍ତନ ଶକ୍ତି ସ୍ଥିରତା ଏବଂ ଚିନ୍ତାଧାରାର ସ୍ୱଷ୍ଟତାର ପ୍ରମାଣ ସ୍ୱରୂପ ଡ଼ଃ ଆମ୍ବେଦକରଙ୍କ ଯାତ୍ରା ଉପରେ ପ୍ରତିଫଳିତ ହୋଇଥିଲେ। ସନ୍ଧ୍ୟା ।ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖାଯାଇଥିଲା ଯାହା ଦିନର ଉତ୍ସବକୁ ସମୃଦ୍ଧ କରିଥିଲା। ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ବକ୍ତାଭାବେ ମୁନିସପାଲ କର୍ପୋରେଶନ ଅଧିନରେ ସହରାଚଂଳ ମୌଳିକ ସେବାରେ କାର୍ଯ୍ୟ ରତ ଏବଂ ଓଡ଼ିଶା ସିଭିଲ ସର୍ଭିସେସ୍ (୨୦୦୦) ବ୍ୟାଚ୍ ବିଶିଷ୍ଟ ଅଧିକାରୀ ଡ଼. ହରପ୍ରିୟା ପାଣିଗ୍ରାହୀ ଯୋଗଦେଇ ଅଭିଜ୍ଞତା ବାଂଟିଥିଲେ। ଚିଲଡ୍ରେନ ହୋମର ବାସୀନ୍ଦାଙ୍କ ନୃତ୍ୟ ଦଳ ଦ୍ୱାରା ସାଂସ୍କୃତିକ ପ୍ରଦର୍ଶନ ଅବସରେ ରଙ୍ଗ ଶକ୍ତି ବୃଦ୍ଧି କରିଥିଲା। ପିଲାମାନଙ୍କ ପାଇଁ ଆୟୋଜିତ କୁଇଜ୍ର ଏବଂ ଚିତ୍ରକଳା ପ୍ରତିଯୋଗିତାରେ ପୁରସ୍କାର ବିତରଣ ଉତ୍ସବ ମଧ ଅନ୍ତର୍ଭୁକ୍ତ ଥିଲା।

# ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଡ଼ ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ସହରସ୍ଥ ଅଡିଟରିୟମ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଜେଡି ବ୍ଲକ ସଭାପତି ,ମୁନିସପାଲିଟି ଓ ଏନ୍ଏସି ସଭାପତି , ଜିଲାପରିଷଦ ସଦସ୍ୟ /ସଦସ୍ୟା, ବ୍ଲକ ଅଧ୍ୟକ୍ଷ ସମେତ ସମିତି ସଭ୍ୟ, ସରପଞ୍ଚମାନଙ୍କ ସହିତ ବିଜେଡି ପଦାଧିକାରୀ ମାନେ ଯୋଗଦେଇ ଥିଲେ। ଆଗାମୀ ଦିନରେ ସଂଗଠନକୁ କିପରି ମଜବୁତ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଏଥି ସହିତ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଆସନ୍ତା ମେ ମାସ ସୁଦ୍ଧା ଜିଲ୍ଲାରେ ଥିବା ସମସ୍ତ ବ୍ଲକରେ ବ୍ଲକ ନୋମିନ ଗଠନ କରିବା ସହ ପଞ୍ଚାୟତ ରେ ନୋମିନ ଗଠନ କରିବା ପାଇଁ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ଼ ନୃସିଂହ ଚରଣ ସାହୁ ଦଳୀୟ ପଦାଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମୁନିସିପାଲଟି ଓ ଏନ୍ଏସି ମାନଙ୍କରେ ୱାଡ କମିଟି ଗଠନ କରି ଦଳକୁ ତୃଣ ମୁଳ ସ୍ତରରୁ ମଜବୁତ କରିବାକୁ କହିଥିଲେ। ଅନ୍ୟତମ ଅତିଥିଭାବେ ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ,ପୂର୍ବତନ ସାଂସଦ ମହେଶ ସାହୁ ବିଜୁ ଜନତା ଦଳର କର୍ମିମାନେ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ବିଜେଡି ମହିଳା ସଭାପତି ସାଗରୀକା ମିଶ୍ର, କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ବିଜେଡି ଯୁବ ସଭାପତି ଧର୍ମାନନ୍ଦ ପରିଡା, ଛାତ୍ର ବିଜେଡି ସଭାପତି ଆରିୟନ ଦାସ , ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାଷ ମିଶ୍ର, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଗନ୍ଦିଆ ବ୍ଲକ ସଭାପତି ପ୍ରଦୀପ କୁମାର ରାଉତ ପ୍ରମୁଖ ଦଳର ସଂଗଠନ ଉପରେ ନିଜ ନିଜର ମତ ରଖି ଥିଲେ। ଏହି ବୈଠକରେ ଜିଲାପରିଷଦ ସଦସ୍ୟ ଅଶୋକ ସାହୁ , ଅଶୋକ କୁମାର ପରିଡା, ନିରାକାର ପ୍ରଧାନ, ମମତାଞ୍ଜଳୀ ବେହେରା, ପ୍ରତାପ ଦାସ ସମେତ ବିଜୁ ଜନତା ଦଳ, ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳର କର୍ମୀ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଉପ-ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ମଞ୍ଚପରିଚାଳନା କରିଥିଲେ।

# ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ସମ୍ମିଳନୀ




କଣିହାଁ,(ସବ୍ୟୁ): ଅନୁଗୋଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ ଜିଲ୍ଲା ସମ୍ମିଳନୀ କଣିହାଁ ସ୍ଥିତ ଏନ୍ଟିପିସି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପାଲଲହ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ ସାମ୍ବାଦିକ ମାନଙ୍କର ନ୍ୟାର୍ଯ୍ୟ ଦାବିକୁ ସରକାରଙ୍କ ପାଖରେ ଆଲୋଚନା କରି ସମାଧାନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ । ଆୟୁଷ୍ମାନ ।ଞ୍ଚାରେ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ସାସ୍ଥ୍ୟବୀମା ଯୋଜନାର ଅର୍ଥ ବୃଦ୍ଧି କରିବାର ପ୍ରାସଙ୍ଗିକତା ରହିଛି ବୋଲି ଶ୍ରୀ ମହାନ୍ତି କହିବା ସହ ପେନସନ ପ୍ରଦାନର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ଏହି ଦୁଇ ଦାବି ସମ୍ପର୍କରେ ସେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ସମାଧାନର ବାଟ ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ସାମ୍ବାଦିକମାନଙ୍କ ଦାବିକୁ ସମର୍ଥନ କରିବା ସହ ସବୁଦିନ ପାଇଁ ସମାଧାନର ସୂତ୍ର ବାହାର କରିବାକୁ ହେଲେ ରାଜ୍ୟର ସମସ୍ତ ବିଧାୟକ ଓ ସାଂସଦଙ୍କ ପକ୍ଷରୁ ସୁପାରିଶ ପତ୍ର ସରକାରଙ୍କ ବିଚାର ପାଇଁ ପଠାଇ ଚାପ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଡ. ରଶ୍ମିରଞ୍ଜନ ମିଶ୍ରଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକ ସୁରକ୍ଷା ଆଇନ, ପେନସନ, ଅଧିସୀକୃତି କମିଟି ପୁର୍ନଗଠନ, ପ୍ରଚଳିତ ସାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ନିର୍ଭରଶୀଳ ସନ୍ତାନସନ୍ତତିଙ୍କୁ ସାମିଲ ସହ ପ୍ରେସ ଏକା ଗଠନ ନେଇ ଦାବି ଦୋହରାଇଥିଲେ। ଚଳିତ ମାସ ୨୯ ତାରିଖ ଦିନ ସଂଘ ପକ୍ଷରୁ ଡାକରା ଦିଆଯାଇଥିବା ରାଜ୍ୟବ୍ୟାପୀ ବିକ୍ଷୋଭ ଓ ମଇ ୧ ତାରିଖ ଦିନ କଳାବ୍ୟାଚ ପରିଧାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଏନ୍ଟିପିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ଏନ ରେଡ୍ଡି, ଏଚଆର ମୁଖ୍ୟ ନବନୀତ କୁମାର, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ଶ୍ରୀକାନ୍ତ ଖଟେଇ, ପବିତ୍ର ମହାରଥା, ବିଶଜ୍ଞି ପଟ୍ଟନାୟକ, ଲୋକନାଥ ଦଳେଇ, ଉପଦେଷ୍ଟା ସଂଗ୍ରାମ ରଞ୍ଜନ ଦାସ, ଦେବୀ ମିଶ୍ର ଓ ସୁଶୀଲ କୁମାର ସାମଲ ପ୍ରମୁଖ ସାମ୍ବାଦିକ ଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଦୃଷ୍ଟି ଦେବାକୁ ଦାବି କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତି ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସାମ୍ବାଦିକ ମାନଙ୍କୁ ସମ୍ୱର୍ଦ୍ଧିତ କରାଯାଇଥିଲା। ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୪ ଜଣ ସାମ୍ବାଦିକଙ୍କୁ ନୂତନ ଭାବେ ସଂଘର ସଦସ୍ୟତା ଗ୍ରହଣ କରାଯାଇଥିଲା। ଏହି ଅବସରରେ ଅନୁଗୋଳ ଜିଲ୍ଲାର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ଭାବେ ଡ. ରଶ୍ମିରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ଦେବୀ କିଶୋର ମିଶ୍ର, ଉପସଭାପତି ଭାବେ ସୁଶୀଲ କୁମାର ସାମଲ, ଶୁଭ୍ରରଞ୍ଜନ ଦାସ, ଆଶିଷ କୁମାର ସିଂହ ଓ ଅକ୍ଷୟ କୁମାର ମିଶ୍ର, ସମ୍ପାଦକ ଭାବେ ଟୁନା ସାହୁ, ଚିତ୍ତରଞ୍ଜନ ପାଣି, ଗିରିଶ ଚନ୍ଦ୍ର ସାମଲ ଓ ପ୍ରିୟମାଧବ ଦାସ, କୋଷାଧ୍ୟକ୍ଷ ଭାବେ ତପନ କୁମାର ମହାରଣା, ଉପଦେଷ୍ଟା ଭାବେ ବିଜୟ କୁମାର ରାଉତ, ସଂଗ୍ରାମ ରଞ୍ଜନ ଦାସ, ଧନେଶର ମହାନ୍ତି, ବ୍ଲକ ସଭାପତି ଭାବେ ମନୋରଞ୍ଜନ ମହାନ୍ତି (ଅନୁଗୋଳ), ବିଜୟ କୁମାର ଦେବତା (ତାଳଚେର), ଦିଲୋକ ରଞ୍ଜନ ପାଲ (ପାଲଲହ କଷ୍ଟୁଚରଣ ସାମଲ (କଣିହାଁ) ଓ ଶୁଧାଂଶୁ ଶେଖର ଗାଇଗାରିଆ (ଆଠମଲ୍ଲିକ)ଙ୍କ ନାମ ଘୋଷଣା କରାଯାଇଥିଲା। କଣିହାଁ ଉପସଭାପତି ଅଲେଖ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ସାମ୍ବାଦିକ ଯୋଗଦେଇଥିଲେ।

## ସମ୍ପାଦକୀୟ

# ସେମାନଙ୍କ ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

ଓଡ଼ିଶାର ତିନି ଜଣ ବରପୁତ୍ରଙ୍କର ଏହି ଏପ୍ରିଲ ୧୭ ତାରିଖରେ ଦେହାବସାନ ହୋଇଥିଲା । ତାରିଖ ଏକ କିନ୍ତୁ ବର୍ଷ ଥିଲା ଭିନ୍ନ ଭିନ୍ନ । ସେମାନେ ହେଲେ ବିଶିଷ୍ଟ ରାଜନୀତିଜ୍ଞ ବିଜୁ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଓ ରାଜନୀତିଜ୍ଞ ନିତ୍ୟାନନ୍ଦ ମହାପାତ୍ର ଓ ବିଶିଷ୍ଟ ବିଦ୍ୱାନ ପ୍ରଫେସର ପ୍ରହ୍ଲାଦ ପ୍ରଧାନ । ବିଜୁ ଥିଲେ ଗଞ୍ଜାମ ଅଞ୍ଚଳର, ନିତ୍ୟାନନ୍ଦ ଥିଲେ ଉପକୂଳ ଭଦ୍ରକ ଅଞ୍ଚଳର ଓ ପ୍ରହ୍ଲାଦ ପ୍ରଧାନ ଥିଲେ ବରଗଡ଼, ସମ୍ବଲପୁର ଅଞ୍ଚଳର ଲୋକ ।

ବିଜୁ ପଟ୍ଟନାୟକ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ଭୂମିଷ୍ଠ ହୋଇଥିଲେ ଆଉ ତାଙ୍କର ଦେହାନ୍ତ ହୋଇଥିଲା ୧୭ ଏପ୍ରିଲ ୧୯୯୭ ମସିହାରେ । ଜଣେ ବୈମାନିକ ଓ ଶିଳ୍ପଦ୍ୟୋଗୀ ଭାବେ ସେ ଜଣାଶୁଣା ଥିଲେ । ପରେ ରାଜନୀତିକୁ ଆସି ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଥରେ କେନ୍ଦ୍ରମନ୍ତ୍ରୀ ହୋଇଥିଲେ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓ ଇଣ୍ଡୋନେସିଆରେ ସ୍ୱାଧୀନତା ଆନ୍ଦୋଳନ ଚାଲିଥିଲାବେଳେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆରୁ ତାଙ୍କର ପ୍ରଧାନମନ୍ତ୍ରୀ ସୁଲତାନ ସାହାରିର୍ ଓ ମହମ୍ମଦ ହଟ୍ଟାଙ୍କୁ ଉଦ୍ଧାର କରି ବିମାନରେ ଭାରତକୁ ନେଇ ଆସିଥିଲେ । ତାଙ୍କର ଏହି ଦୁଃସାହସିକ କାର୍ଯ୍ୟ ପାଇଁ ଇଣ୍ଡୋନେସିଆ ସରକାର ତାଙ୍କୁ 'ଭୂମିପୁତ୍ର' ଉପାଧି ପ୍ରଦାନ କରିଥିଲେ ।

ଏବେ ନରେନ୍ଦ୍ର ମୋଦିଙ୍କ ସରକାର ମହିଳାମାନଙ୍କୁ ସଂସଦରେ ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସଂରକ୍ଷଣ ସୁବିଧା ଦେବା ଲାଗି ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି । ସମ୍ବିଧାନ ସଂଶୋଧନ ମଧ୍ୟ ହେବ । ଏହି ଏପ୍ରିଲ ୧୬, ୧୭ ଓ ୧୮, ଏହି ତିନି ଦିନ ଧରି ସଂସଦର ଅଧିବେଶନ ଆରମ୍ଭ ହୋଇଛି । ମାତ୍ର ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେଲା ପରେ ବିଜୁ ପଟ୍ଟନାୟକ ରାଜ୍ୟର ପୌର ଓ ପଞ୍ଚାୟତ ନିର୍ବାଚନମାନଙ୍କରେ ମହିଳାଙ୍କ ପାଇଁ ୧୯୯୨ରେ ୩୩ ଭାଗ ସ୍ଥାନ ସଂରକ୍ଷଣ କରି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ । ଭାରତ ସରକାର ତାହାକୁ ଅନୁସରଣ କରିଥିଲେ । ୧୯୯୪ ଏପ୍ରିଲ ପହିଲାରୁ ସେ ଦେଶୀ ମଦର ଦୋକାନ ଖୋଲାଯିବ ନାହିଁ ବୋଲି ଆଇନ କରିଥିଲେ । ତଦ୍ଦ୍ୱାରା ସେ ଆଦିବାସୀ ମହିଳାଙ୍କୁ ଶାନ୍ତିରେ ରଖିବାକୁ ଚାହିଁଥିଲେ । ଏପରିକି ଆଦିବାସୀ ମହିଳାଙ୍କୁ ସେ ପୋଲିସ କ୍ଷମତା ମଧ୍ୟ ପ୍ରଦାନ କରିଥିଲେ ।

**ଓଡ଼ିଶାର ତିନି ଜଣ ବରପୁତ୍ରଙ୍କର ଏହି ଏପ୍ରିଲ ୧୭ ତାରିଖରେ ଦେହାବସାନ ହୋଇଥିଲା । ତାରିଖ ଏକ କିନ୍ତୁ ବର୍ଷ ଥିଲା ଭିନ୍ନ ଭିନ୍ନ । ସେମାନେ ହେଲେ ବିଶିଷ୍ଟ ରାଜନୀତିଜ୍ଞ ବିଜୁ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ଓ ରାଜନୀତିଜ୍ଞ ନିତ୍ୟାନନ୍ଦ ମହାପାତ୍ର ଓ ବିଶିଷ୍ଟ ବିଦ୍ୱାନ ପ୍ରଫେସର ପ୍ରହ୍ଲାଦ ପ୍ରଧାନ । ବିଜୁ ଥିଲେ ଗଞ୍ଜାମ ଅଞ୍ଚଳର, ନିତ୍ୟାନନ୍ଦ ଥିଲେ ଉପକୂଳ ଭଦ୍ରକ ଅଞ୍ଚଳର ଓ ପ୍ରହ୍ଲାଦ ପ୍ରଧାନ ଥିଲେ ବରଗଡ଼, ସମ୍ବଲପୁର ଅଞ୍ଚଳର ଲୋକ ।**

ଓଡ଼ିଶାର ଆଉ ଜଣେ ବରପୁତ୍ର, ବିଶିଷ୍ଟ ସାହିତ୍ୟିକ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ଥିଲେ ନିତ୍ୟାନନ୍ଦ ମହାପାତ୍ର । ଉଭୟ ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ସେ ଥିଲେ ଜଣେ ପରିଚିତ ବ୍ୟକ୍ତି । ରାଜନୀତିରେ ରହି ବିଧାୟକ ଓ ମନ୍ତ୍ରୀ ହୋଇ ମଧ୍ୟ ତାଙ୍କର ସଚ୍ଚୋଟପଣିଆ ତାଙ୍କୁ ଯଥେଷ୍ଟ ମର୍ଯ୍ୟାଦା ପ୍ରଦାନ କରିଥିଲା । ସେ ଥିଲେ ଗାନ୍ଧିବାଦୀ । ଖଦଡ଼ ଧୋତି ଓ ଚାଦର ସେ ସବୁବେଳେ ପିନ୍ଧୁଥିଲେ । ଉଚ୍ଚ ଚିନ୍ତାଧାରା ଓ ସରଳ ଜୀବନଯାପନ ଥିଲା ତାଙ୍କର ବୈଶିଷ୍ଟ୍ୟ ।

ଗୋଟିଏ ଘଟଣାରୁ ତାଙ୍କର ବ୍ୟକ୍ତିତ୍ୱର ପରିଚୟ ମିଳିଥାଏ । ପଣ୍ଡିତ ନୀଳକଣ୍ଠ ଦାସ ସତ୍ୟବାଦୀରୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ବିଧାୟକ ହେବା ପରେ ସେ ନିର୍ଦ୍ୱନ୍ଦରେ ବାଚସ୍ପତି ହେବାକୁ ଚାହିଁଥିଲେ– ତାଙ୍କ ପ୍ରତିଷ୍ଠା ଦୃଷ୍ଟିରୁ । ମାତ୍ର ତତ୍କାଳୀନ ବିଧାନସଭାର ସ୍ୱାଧୀନ ସଦସ୍ୟ ନିତ୍ୟାନନ୍ଦ ପ୍ରତିଦ୍ୱନ୍ଦିତା କରି ନୀଳକଣ୍ଠଙ୍କଠାରୁ ହାରି ଯାଇଥିଲେ ମାତ୍ର ନଅଟି ଭୋଟରେ । କିନ୍ତୁ ବାଚସ୍ପତି ନିର୍ବାଚିତ ହେବା ପରେ ନୀଳକଣ୍ଠଙ୍କୁ ସେ ଗୃହରେ ସ୍ୱାଗତ କରି କହିଥିଲେ, 'ଆପଣଙ୍କଠାରୁ ପରାସ୍ତ ହୋଇ ମୁଁ ଗର୍ବ ଅନୁଭବ କରୁଛି '। କାରଣ ସାହିତ୍ୟ କ୍ଷେତ୍ରରେ ନୀଳକଣ୍ଠ ଥିଲେ ତାଙ୍କର ଗୁରୁ ସଦୃଶ । ବିଶିଷ୍ଟ ସାହିତ୍ୟ ସାଧକ ମନୋଜ ଦାସ (ଏବେ ସ୍ୱର୍ଗରେ) ଥରେ 'ଝଙ୍କାର'ରେ ଲେଖିଥିଲେ ଯେ ବିଶ୍ୱ କଥା ସାହିତ୍ୟର ଜୀବନ ଜିଜ୍ଞାସା ଧାରାରେ ନିତ୍ୟାନନ୍ଦ ଥିଲେ ଜଣେ ଅନନ୍ୟ ପ୍ରତିନିଧି । 'ସମୟ'ର ପ୍ରତିଷ୍ଠାତା ସ୍ୱର୍ଗୀୟ ବସନ୍ତ କୁମାର ବିଶ୍ୱାଳ 'ସମୟ' ଆରମ୍ଭ ବେଳେ ସ୍ୱର୍ଗତ ମହାପାତ୍ରଙ୍କ ଠାରୁ ନିୟମିତ ଲେଖା ଆଣି 'ସମୟ'ରେ ସ୍ଥାନିତ କରୁଥିଲେ ।

ନିଜ ସୃଷ୍ଟି ସମ୍ପର୍କରେ ସେ 'ପତ୍ର ଓ ପ୍ରତିମା' ପୁସ୍ତକରେ (ଯାହା ଏବେ ଉତ୍କଳ ବିଶ୍ୱବିଦ୍ୟାଳୟ ଏମ.ଏ. (ଓଡ଼ିଆ) ପାଠ୍ୟକ୍ରମରେ ସ୍ଥାନ ପାଇଛି, ସେଥିରେ ସେ ଲେଖିଛନ୍ତି, 'ମୁଁ ଲେଖିଲି ଉପନ୍ୟାସ । ସ୍ଥାନ ଓ କାଳକୁ କଲି ନାୟକ । 'ହଡ଼ମାଟି'ରେ ଗଢ଼ି ଉଠିଲା– ବୁଡ଼ିଗଲା, ପୋଡ଼ିଗଲା ଗୋଟିଏ ଗାଁ– ୧୯୩୦ରୁ ୪୩ ମଧ୍ୟରେ । 'ହଡ଼ମାଟି'ର ନାୟକ ତେଣୁ କୌଣସି ବ୍ୟକ୍ତି ନୁହେଁ, ନିର୍ବୈକ୍ତିକ କାଳ ଓ ସ୍ଥାନ ।' ନିତ୍ୟାନନ୍ଦ ଜନ୍ମ ହୋଇଥିଲେ ଜୁନ୍ ୧୭ ତାରିଖ ୧୯୧୨ରେ । ତାଙ୍କର ଦେହାନ୍ତ ହୋଇଥିଲା ୨୦୧୨ ମସିହା ଏପ୍ରିଲ ୧୭ ତାରିଖରେ ।

ସ୍ୱର୍ଗୀୟ ପ୍ରହ୍ଲାଦ ପ୍ରଧାନ ଅଗଷ୍ଟ ୧୭ (୧ ୯୧୦) ରେ ଭୂମିଷ୍ଠ ହୋଇଥିଲେ ଓ ୧୯୮୨ ଏପ୍ରିଲ ୧୭ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ସ୍ୱର୍ଗୀୟ ପ୍ରଧାନ ସାରା ଭାରତରେ ନୁହେଁ, ସାରା ବିଶ୍ୱରେ ବୁଦ୍ଧଧର୍ମ ଉପରେ ଏକ ମହାନ ବିଦ୍ୱାନ ଓ ଗବେଷକ ଭାବେ ପରିଚିତ ଥିଲେ । ପଶ୍ଚିମ ଓଡ଼ିଶାର ଏକ ଚାଷୀ ପରିବାରରୁ ଆସି ସଂସ୍କୃତ ସାହିତ୍ୟରେ ସେ ବେଶ ପାରଦର୍ଶିତା ଲାଭ କରିଥିଲେ । ସେ ଫକୀରମୋହନ କଲେଜ ବାଲେଶ୍ୱରରେ ଅଧ୍ୟକ୍ଷ ମଧ୍ୟ ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ଭାଷା ଓ ସାହିତ୍ୟ ବିଭାଗରେ ସେ ପ୍ରଫେସର ହେବା ପରେ ପୁରୀ ସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ପାଲି, ପ୍ରାକୃତ ଓ ଚୀନ ଭାଷାରେ ସେ ଜଣେ ଅଦ୍ୱିତୀୟ ପଣ୍ଡିତ ଥିଲେ । ଚୀନ ଦେଶକୁ ପରିଭ୍ରମଣ କରିବାକୁ ତାଙ୍କୁ ନିମନ୍ତ୍ରଣ ମିଳୁଥିଲା । ସେ ନିଜ ଘରେ ଅନେକ ଦୁର୍ଲଭ ବୌଦ୍ଧଗ୍ରନ୍ଥ ରଖିଥିଲେ ଏବଂ ଅର୍ନ୍ତଜାତୀୟ ସ୍ତରର ସଭାମାନଙ୍କୁ ତାଙ୍କୁ ନିମନ୍ତ୍ରଣ କରାଯାଉଥିଲା । ପଶ୍ଚିମ ଓଡ଼ିଶାର ସେପରି ଜଣେ ବିଦ୍ୱାନ ଓ ପଣ୍ଡିତ ସବୁବେଳେ ଖଦଡ ଧୋତି ଓ ପଞ୍ଜାବୀ ପିନ୍ଧୁଥିଲେ ।

ଏ ତିନି ବରପୁତ୍ରଙ୍କ ଶ୍ରାଦ୍ଧ ଦିବସରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ମାଗଣା ରାଜନୀତି



ଅଭୟ ଦ୍ୱିବେଦୀ

ନିର୍ବାଚନ ପାଖେଇ ଆସିଲେ, ରାଜନୈତିକଦଳଗୁଡିକ ଯେଉଁ ଅବାସ୍ତବ ପ୍ରତିଶ୍ରୁତି ଓ ମାଗଣା ଉପହାର ଘୋଷଣା କରୁଛନ୍ତି, ତାହା ଭୋଟରଙ୍କୁ ଅନୁଚିତ ପ୍ରକ୍ରିୟାରେ ପ୍ରଭାବିତ କରି ମୁକ୍ତ , ଅବାଧ ନିର୍ବାଚନର ଭିତ୍ତିଭୂମିକୁ ଦୋହଲାଇ ଦେଉଛି ।..... ସମାନ କାମ ପାଇଁ ସମାନ ବେତନ, ସ୍ୱଚ୍ଛ ପାନୀୟ ଜଳ, ଉନ୍ନତମାନର ସମାନ ଶିକ୍ଷା, ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା, ସୁଦୃଢ଼ ଭିତ୍ତିଭୂମି, ତ୍ୱରିତ ନ୍ୟାୟ ପ୍ରକ୍ରିୟା, ଦକ୍ଷ ପୋଲିସ କାର୍ଯ୍ୟଧାରା, ପ୍ରଭାବଶାଳୀ ଆଇନ ଆଧାରିତ ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା – ସମାଜ ଓ ଜୀବନର ମାନ ବୃଦ୍ଧି ନିମନ୍ତେ ଅପରିହାର୍ଯ୍ୟ ଏହି ସମସ୍ତ ବିଧିବ୍ୟବସ୍ଥା ଘୋଷଣା କରିବା ପରିବର୍ତ୍ତେ ରାଜନୈତିକ ଦଳଗୁଡିକ ନିର୍ବାଚନ ପରିପ୍ରେକ୍ଷୀରେ ରାଜକୋଷରୁ ମନୋମୁଖୀ ଉପହାର ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି । କର୍ମନିଯୁକ୍ତି କିମ୍ବା ସାମଗ୍ରିକ ବିକାଶ ସହିତ ଏହି ପ୍ରତିଶ୍ରୁତିର ଆଦୌ ସଂପର୍କ ନାହିଁ । .... ଯଦିଓ ରାଜ୍ୟର ବିଜୁଳି ଉତ୍ପାଦନ ୧୬ ଘଣ୍ଟା ବିତରଣ ନିମନ୍ତେ ଯଥେଷ୍ଟ ନୁହେଁ, ତଥାପି ନିର୍ବାଚନୀ ପରିପ୍ରେକ୍ଷୀରେ ମାଗଣା ବିଜୁଳି ଘୋଷଣା ସଉକରେ ପରିଣତ ହୋଇଯାଇଛି । .... ....ଆଉ କିଛି ବର୍ଷ ପରେ ପରିସ୍ଥିତି ଏପରି ସୃଷ୍ଟି ହୋଇପାରେ, ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯଦି କୌଣସି ପକ୍ଷ ଘୋଷଣା କରନ୍ତି, ଆମେ ଆପଣଙ୍କ ଘରେ ଖାଦ୍ୟ ରାନ୍ଧି ଦେବୁ ଅନ୍ୟ ପକ୍ଷ ଆଉ ପାଦେ ଆଗକୁ ଯାଇ ଘୋଷଣା କରିବେ ଆମେ କେବଳ ଘରେ ଖାଦ୍ୟ ରାନ୍ଧି ଦେବୁ ନାହିଁ, ଆପଣଙ୍କୁ ଖୁଆଇ ଦେବୁ ।

ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡିକ ଭ୍ରଷ୍ଟ ପନ୍ଥା ଅବଲମ୍ବନ କରି ସମ୍ବିଧାନର ଧାରା ୧୪,୧୬୨,୨୬୩(୩) ଏବଂ ୨୮୨ର ଉଲ୍ଲଂଘନ କରୁଛନ୍ତି । ଆମର ନିବେଦନ, ଯେଉଁ ରାଜନୈତିକ ଦଳ ନିର୍ବାଚନ ପରିପ୍ରେକ୍ଷୀରେ ଏହିଭଳି ଅବାସ୍ତବ ପ୍ରତିଶ୍ରୁତି ପ୍ରଦାନ କରୁଛନ୍ତି, ସେମାନଙ୍କ ପଞ୍ଜୀକରଣ ପ୍ରତ୍ୟାହାର କରିବା ସହିତ ନିର୍ବାଚନୀ ଚିହ୍ନ ଜବତ କରିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଉ । ୨୦୨୨ ମସିହା ଜାନୁୟାରୀ ୨୨ ତାରିଖରେ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲାର ଏହା ହେଉଛି ଅଂଶବିଶେଷ ।

ସୁପ୍ରିମକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ଏନ୍.ଭି.ରମନ୍ନା, ଜଷ୍ଟିସ୍ ଏ.ଏସ୍.ବୋପାନା ଏବଂ ହିମା କୋହଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକୁ ଗୁରୁତର ସହିତ ଗ୍ରହଣ କରି କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ ଉଭୟଙ୍କୁ ଚାରି ସପ୍ତାହ ମଧ୍ୟରେ ପକ୍ଷ ରଖିବା ପାଇଁ ଜାନୁଆରୀ ୨୫ ତାରିଖରେ ନୋଟିସ ଜାରି କରିଥିଲେ । ଆବେଦନର ଶୁଣାଣୀ ସମୟରେ ସୁପ୍ରିମକୋର୍ଟ ମତ ରଖିଥିଲେ– ଅନେକ ସମୟରେ ରାଜ୍ୟ ସରକାରଙ୍କ ମାଗଣା ଉପହାର ବଜେଟ , ନିୟମିତ ବଜେଟ ପରିମାଣଠାରୁ ଅଧିକ ହେଉଛି । ତେଣୁ ଏହା ଏକ ଗମ୍ଭୀର ପ୍ରସଙ୍ଗ । ପରବର୍ତ୍ତୀ ସମୟରେ ରାଜନୈତିକ ଦଳଙ୍କୁ ମଧ୍ୟ ପକ୍ଷଭୁକ୍ତ କରାଯିବ । ଶପଥ ପତ୍ର ମାଧ୍ୟମରେ ନିର୍ବାଚନ କମିଶନ ଦର୍ଶାଇଛନ୍ତି–ନିର୍ବାଚନ ପୂର୍ବରୁ କିମ୍ବା ପରେ ମାଗଣା ଉପହାର ବଣ୍ଟନ, ରାଜନୈତିକ ଦଳର ନିଷ୍ପତ୍ତି ଉପରେ ନିର୍ଭର କରେ । ତାହାର ନିୟନ୍ତ୍ରଣ ଏବଂ ରାଜନୈତିକଦଳର ପଞ୍ଜୀକରଣ ପ୍ରତ୍ୟାହର, ନିର୍ବାଚନ କମିଶନଙ୍କ କ୍ଷମତା ବହିର୍ଭୂତ ଅଟେ । ଚଳିତ ବର୍ଷ ୨୦୨୬ ମସିହା ଜାନୁୟାରୀ ମାସରେ ଏହି ମାମଲାର ଶୁଣାଣୀ ସମୟରେ ସୁପ୍ରିମକୋର୍ଟ, ଜନକଲ୍ୟାଣକାରୀ ଯୋଜନା ଏବଂ ମାଗଣା ପ୍ରତିଶ୍ରୁତି ମଧ୍ୟରେ ବିଭାଜନ ରେଖା ଅଙ୍କନ କରି କହିଛନ୍ତି– ପ୍ରତିଟି ରାଜନୈତିକ ଦଳ ଏହି ଲକ୍ଷ୍ମଣରେଖା ସମ୍ପର୍କରେ ଅବଗତ ଥିଲେ ମଧ୍ୟ କ୍ଷମତା ହାସଲ ନିମନ୍ତେ ଭୋଟରମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ମାମଲା ଏବେ ମଧ୍ୟ ବିଚାରାଧୀନ ରହିଛି ।

୨୦୨୬ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ମାଗଣା ରାଜନୀତିର ପ୍ରକୃଷ୍ଟ ଦୃଷ୍ଟାନ୍ତ ହେଉଛି – ତାମିଲନାଡୁ ରାଜ୍ୟ । ବିରୋଧୀ ଏଆଇଡିଏମକେ ଦଳ ରାସନ କାର୍ଡ଼ ଥିବା ପ୍ରତି ଘର ପିଛା ମାଗଣା ରେଫ୍ରିଜିରେଟର ଘୋଷଣା କରିଥିବାବେଳେ ଡିଏମକେ ଦଳ ନିଜ **ଏହା ଦେଶର ପ୍ରଥମ ରାଜ୍ୟ । ନିର୍ବାଚନ ପୂର୍ବରୁ ଆପ୍ ଦଳ ଯେଉଁ ସମସ୍ତ ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିବା ପାଇଁ ମାସକୁ ବାର ହଜାର କୋଟି ଟଙ୍କାର ଆବଶ୍ୟକତା ପଡ଼ିଲା । ରାଜ୍ୟର ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ମହିଳାଙ୍କୁ ମାସିକ ୧୦୦୦ଟଙ୍କା ଭତ୍ତା, ରାଜ୍ୟବାସୀଙ୍କୁ ୨୪ ଘଣ୍ଟା ମାଗଣା ବିଜୁଳି ଆଦି ଏହାର ଅନ୍ତର୍ଗତ । କିନ୍ତୁ ରାଜ୍ୟର ମାସିକ ଜିଏସ୍‌ଟି ଆଦାୟ ପରିମାଣ ମାତ୍ର ଚଉଦ ଶହ କୋଟି ଟଙ୍କା ।**

**ନିର୍ବାଚନ ପ୍ରଚାର ସମୟରେ ଦଳ ତରଫରୁ ଘୋଷଣା କରାଯାଇଥିଲା – ଦୁର୍ନୀତି ପ୍ରକ୍ରିୟାରେ ଯେତିକି ଅର୍ଥ ବାଟମାରଣା ହେଉଛି, ତାହା ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ସହିତ ରାଜ୍ୟର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଯଥେଷ୍ଟ ହେବ । ଭୋଟରମାନଙ୍କ ନିମନ୍ତେ ଏହା ଥିଲା ପ୍ରଚଣ୍ଡ ଆଶ୍ୱାସନା । କିନ୍ତୁ ଶପଥ ନେବାର ଆଠ ଦିନ ପରେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କେନ୍ଦ୍ରରୁ ଦୁଇ ବର୍ଷ ପାଇଁ ବାର୍ଷିକ ପଚାଶ ହଜାର କୋଟି ଟଙ୍କା ସହାୟତା ରାଶି ଦାବୀ କଲେ ଏବଂ ଆବଶ୍ୟକ ଅର୍ଥ ନ ମିଳିବାରୁ ନିର୍ବାଚନୀ**

**ବ୍ୟାଙ୍କରୁ ଯେଉଁମାନେ ଋଣ ନେଉଛନ୍ତି, ତାହା ପରିଶୋଧ କରିବା ପରିବର୍ତ୍ତେ ନିର୍ବାଚନ ସମୟରେ ଋଣ ଛାଡ ପ୍ରତିଶ୍ରୁତିକୁ ଅନେଇ ବସୁଛନ୍ତି । ଫଳରେ ଲୋକଙ୍କର ମାଗଣା ମାନସିକତା ବୃଦ୍ଧି ପାଇବାରେ ଲାଗିଛି, ଯାହା କର୍ମସଂସ୍କୃତିର ପରିପନ୍ଥୀ । ଯଦି ଆମେ ମାଗଣା ଉପହାର ବଦଳରେ ଭୋଟ ଦେବା, ତେବେ ଭଲ ନେତା ପାଇବା କେମିତି? ମାଗଣା ଉପହାର ବାଣ୍ଟିବା ପରିବର୍ତ୍ତେ ସରକାର ସେହି ଅର୍ଥ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ବିନିଯୋଗ କଲେ, ସମାଜର ସାମଗ୍ରୀକ ବିକାଶ ସମ୍ଭବ ହେବ । ବିଡମ୍ବନା, ମାଡ୍ରାସ ହାଇକୋର୍ଟଙ୍କ ଏହି ମନ୍ତବ୍ୟ ଶୂନ୍ୟବାଣୀ ହୋଇ ରହିଯାଇଛି ।**

ଇସ୍ତାହାରରେ ପ୍ରତି ଘର ପିଛା ଆଠ ହଜାର ଟଙ୍କାର କୁପନ ପ୍ରତିଶ୍ରୁତି ଦେଇଛି । ଫଳରେ ଘରଣୀମାନେ ନିଜ ପସନ୍ଦ ମୁତାବକ ରେଫ୍ରିଜିରେଟର, ଅଥବା ୱାଶିଂମେସିନ, ଅଥବା ଟିଭି ଯାହା ଚାହିଁବେ କିଣିପାରିବେ । ଏହା ସେତିକିରେ ସୀମିତ ନାହିଁ । ଡିଏମକେ ଦଳ ପ୍ରତି ଘରଣୀଙ୍କ ମାସିକ ଭତ୍ତା ୧୦୦୦ଟଙ୍କାରୁ ୨୦୦୦ଟଙ୍କା ବୃଦ୍ଧି କରିବା ସହିତ ଘରୋଇ ପେନସନ ୨୦୦୦ଟଙ୍କାକୁ ପ୍ରତି କଲେଜ ଛାତ୍ରଙ୍କୁ ମାଗଣା ଲାପଟପ୍ ଘୋଷଣା କରିଛି । ପ୍ରତିଦ୍ୱନ୍ଦିତାମୂଳକ ଏଆଇଡ଼ିଏମକେ ଦଳ ଘର ପିଛା ଏକକାଳୀନ ଦଶ ହଜାର ଟଙ୍କା ପାରିବାରିକ ରିଲିଫ୍, ପୁରୁଷମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା,ପ୍ରତି ଘରକୁ ତିନୋଟି ମାଗଣା ସିଲିଣ୍ଡର ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଛି ।

ଏହି ପରିପ୍ରେକ୍ଷୀରେ ଗତ ନିର୍ବାଚନ ସମୟରେ ପଞ୍ଜାବର ସ୍ଥିତି ଅନୁଧ୍ୟାନ କରିବା । **୨୦୨୨ ମସିହା ମାର୍ଚ୍ଚ ୧୬ ତାରିଖରେ ଆମ୍ ଆଦମୀ ପାର୍ଟିର ଭଗୱନ୍ତ ମାନ୍ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ସେତେବେଳେ ପଞ୍ଜାବର ସାମଗ୍ରୀକ ଋଣ ଭାର ଥିଲା୨, ୭୩,୦୦୦ କୋଟି ଟଙ୍କା । (୨୦୨୬ ମାର୍ଚ୍ଚ ସୁଦ୍ଧା ଏହା ୪,୧୭,୦୦୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।) ସର୍ବାଧିକ ଋଣ ଭାରରେ ଆକ୍ରାନ୍ତ** **ପ୍ରତିଶ୍ରୁତି ଖିଲାପ ନିମନ୍ତେ ସମସ୍ତ ଦୋଷ କେନ୍ଦ୍ର ଉପରେ ଲଦିଦେଲେ ।**

ଏହି ପରିପ୍ରେକ୍ଷୀରେ ୨୦୧୩ ମସିହା ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଗୁରୁତ୍ୱ ବହନ କରେ । ତାହାର ପୃଷ୍ଠଭୂମି ଏହିଭଳି : ୨୦୦୬ ମସିହା ନିର୍ବାଚନରେ ଜୟଲାଭ କଲେ, ପ୍ରତି ଘରକୁ ରଙ୍ଗୀନ ଟେଲିଭିଜନ ସେଟ୍ ବିତରଣ କରିବା ପାଇଁ ଡିଏମକେ ଦଳ ପ୍ରତିଶ୍ରୁତି ଦେଇଥିଲା । ସେତେବେଳେ ଡିଏମକେ ବିରୋଧୀ ପକ୍ଷରେ ଥାଏ । 'ଡିଏମକେ ଦଳର ଏହି ଘୋଷଣାନାମା କେବଳ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଏହା ସ୍ୱଚ୍ଛ, ଅବାଧ ନିର୍ବାଚନର ପରିପନ୍ଥୀ '– ଏହି ମର୍ମରେ ସୁବ୍ରମନ୍ୟମ ବାଲାଜୀ ନାମକ ଜଣେ ବ୍ୟକ୍ତି ମାଡ୍ରାସ ହାଇକୋର୍ଟରେ ରିଟ୍ ପିଟିସନ୍ ଦାଖଲ କରିବା ସହିତ ନିର୍ବାଚନ କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ୨୦୦୬ ନିର୍ବାଚନରେ ଡିଏମକେ ଦଳ ସରକାର ଗଠନ କରିବା ପରେ ଭୋଟରମାନଙ୍କୁ ୧୪ ଇଞ୍ଚର ରଙ୍ଗୀନ ଟିଭି ବିତରଣ ନିମନ୍ତେ ୭୫୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କଲେ । ୨୦୦୬ ମସିହା ସେପ୍ଟେମ୍ବର ମାସରେ ପ୍ରଥମ ଦଫାରେ ୩୦,୦୦୦ ରଙ୍ଗୀନ ଟିଭି ବିତରଣ କରାଯାଇଥିଲା । ଏଥିରେ କ୍ଷୁବ୍ଧ ହୋଇ ସୁବ୍ରମନ୍ୟମ ବାଲାଜୀ ମାଡ୍ରାସ ହାଇକୋର୍ଟରେ ୨୦୦୭ ମସିହାରେ ଆଉ ଏକ ରିଟ୍ ପିଟିସନ୍ ଦାଖଲ କଲେ । ଉଭୟ ପିଟିସନର ଶୁଣାଣୀ ପରେ ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ –' ନିର୍ବାଚିତ ସରକାରଙ୍କ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଯାଇ ପାରିବ ନାହିଁ ।'

ପାଞ୍ଚ ବର୍ଷ ବିତିଗଲା ପରେ ପୁନଶ୍ଚ ନିର୍ବାଚନ ସମୟ ଆସିଗଲା । ଶାସକ ଡିଏମକେ ଦଳ ମାଗଣା ଘୋଷଣାନାମାର ଲମ୍ବା ତାଲିକା ତିଆରି କରିଥିବାବେଳେ, ବିରୋଧୀ ଏଆଇଡିଏମକେ ଆଉ ପାଦେ ଆଗରେ ଥିଲା – ମାଗଣା ଗ୍ରାଇଣ୍ଡର, ମିକ୍ସି, ଫ୍ୟାନ୍, ଲାପଟପ୍, ୪ ଗ୍ରାମ ସୁନା ଥାଳୀ, ସବୁଜ ଘର,୨୦ କିଲୋ ଚାଉଳ, ଗାଈ, ମେଣ୍ଢା ଓ ଝିଅ ବିବାହ ନିମନ୍ତେ ୫୦,୦୦୦ଟଙ୍କା । ଏହି ମାଗଣା ଲମ୍ବା ତାଲିକାର ପ୍ରଭାବରେ ଏଆଇଡିଏମକେ ଦଳ ୨୦୧୧ ମସିହାରେ ସରକାର ଗଠନ କଲା । ସୁବ୍ରମନ୍ୟମ ବାଲାଜୀଙ୍କ ଅଭିଯୋଗ ସୁପ୍ରିମକୋର୍ଟକୁ ଆସିଗଲା ।

୨୦୧୩ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ ମାମଲାର ଶୁଣାଣୀ କରି ରାୟ ଦେଇଥିଲେ – ଲୋକ ପ୍ରତିନିଧି ଆଇନ ପରିପ୍ରେକ୍ଷୀରେ ନିର୍ବାଚନୀ ପ୍ରତିଶ୍ରୁତି ଭ୍ରଷ୍ଟ ଆଚରଣ ଅନ୍ତର୍ଭୁକ୍ତ ନୁହେଁ । କିନ୍ତୁ ମାଗଣା ଉପହାର ବାଣ୍ଟିବା ପାଇଁ ରାଜନୈତିକ ଦଳ ମଧ୍ୟରେ ଯେଉଁ ପ୍ରତିଦ୍ୱନ୍ଦିତା ଚାଲିଛି, ତାହା ନିର୍ବାଚନ ପ୍ରକ୍ରିୟାର ମୂଳଭିତ୍ତିକୁ ଦୋହଲାଇ ଦେଉଛି । ଅଦାଲତର ସୀମିତ କ୍ଷମତା ଦୃଷ୍ଟିରୁ ଏ ସଂପର୍କରେ ଆଇନ ପ୍ରଣୟନ ନିମନ୍ତେ ଆମେ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରିବୁ ନାହିଁ । କିନ୍ତୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଉଛୁ, ସେ ରାଜନୈତିକ ଦଳ ସହିତ ଆଲୋଚନା କରି ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସୁପ୍ରିମକୋର୍ଟର ଏହି ରାୟ ରାଜନୈତିକଦଳଗୁଡିକୁ ଆହୁରି ପ୍ରୋତ୍ସାହିତ କରିଥିଲା । ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ପ୍ରତିଟି ନିର୍ବାଚନରେ ରାଜନୈତିକଦଳଗୁଡିକ ରାଜକୋଷକୁ ଅଣଦେଖା କରି ମନୋମୁଖୀ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି ।

କିନ୍ତୁ ଏହି ପରିପ୍ରେକ୍ଷୀରେ ମାଡ୍ରାସ ହାଇକୋର୍ଟର ଜଷ୍ଟିସ୍ ଏନ୍.କିରୁବାକରନ୍ ଏବଂ ବି.ପୁଗାଲେନ୍ଧିଙ୍କୁ ନେଇ ଗଠିତ ଖଣ୍ଡପୀଠ, ୨୦୨୧ ମସିହା ମାର୍ଚ୍ଚ ୩୧ ତାରିଖରେ ଭିନ୍ନ ଏକ ମାମଲାର ଶୁଣାଣୀ ସମୟରେ ଯେଉଁ ମନ୍ତବ୍ୟ ଦେଇଥିଲେ, ତାହା ପ୍ରଣିଧାନଯୋଗ୍ୟ – ମହିଳା ସଶକ୍ତିକରଣ ଆଳରେ ଯଦି ଗୋଟିଏ ରାଜନୈତିକ ଦଳ ମହିଳାମାନଙ୍କୁ ମାସିକ ୧୦୦୦ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରୁଛି, ଅନ୍ୟ ଦଳ ପ୍ରତିଦ୍ୱନ୍ଦିତା ସ୍ୱରୂପ ୧୫୦୦ଟଙ୍କା ବୃଦ୍ଧି କରୁଛି । ବ୍ୟାଙ୍କରୁ ଯେଉଁମାନେ ଋଣ ନେଉଛନ୍ତି, ତାହା ପରିଶୋଧ କରିବା ପରିବର୍ତ୍ତେ ନିର୍ବାଚନ ସମୟରେ ଋଣ ଛାଡ ପ୍ରତିଶ୍ରୁତିକୁ ଅନେଇ ବସୁଛନ୍ତି । ଫଳରେ ଲୋକଙ୍କର ମାଗଣା ମାନସିକତା ବୃଦ୍ଧି ପାଇବାରେ ଲାଗିଛି, ଯାହା କର୍ମସଂସ୍କୃତିର ପରିପନ୍ଥୀ । ଯଦି ଆମେ ମାଗଣା ଉପହାର ବଦଳରେ ଭୋଟ ଦେବା, ତେବେ ଭଲ ନେତା ପାଇବା କେମିତି? ମାଗଣା ଉପହାର ବାଣ୍ଟିବା ପରିବର୍ତ୍ତେ ସରକାର ସେହି ଅର୍ଥ ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ବିନିଯୋଗ କଲେ, ସମାଜର ସାମଗ୍ରୀକ ବିକାଶ ସମ୍ଭବ ହେବ । ବିଡମ୍ବନା, ମାଡ୍ରାସ ହାଇକୋର୍ଟଙ୍କ ଏହି ମନ୍ତବ୍ୟ ଶୂନ୍ୟବାଣୀ ହୋଇ ରହିଯାଇଛି ।

**ଭଦ୍ରାଣୀ, ସାଲନ୍ଦୀ ନଗର,**
**ଭଦ୍ରକ-୭୫୬୧୦୦**
**ମୋ-୯୪୩୭୧ ୯୧୩୫୦**

# ସମସ୍ୟାର ସମାଧାନ



ରାକେଶ ପଣ୍ଡା

ଘଟଣା ବହୁଳ ମଣିଷ ଜୀବନ । ପ୍ରତିଟି ଘଟଣା ମଧ୍ୟରେ ସର୍ବଦା କିଛି ନା' କିଛି ସମସ୍ୟା ଲୁଚି ରହିଥାଏ, ଯାହାକି' ଏକ ସ୍ୱାଭାବିକ ବିଷୟ ଅଟେ । କିନ୍ତୁ, ବିଭିନ୍ନ ସମୟରେ ଅନେକ ବ୍ୟକ୍ତି ଉକ୍ତ ସମସ୍ୟାର ପ୍ରାଥମିକ ସ୍ତରରେ ସମାଧାନ ବାଟ ଖୋଜିବା ପରିବର୍ତ୍ତେ, ଏହାକୁ ଅବହେଳା ଓ ହେୟ ଜ୍ଞାନ କରିଥାନ୍ତି ।

ଯେଉଁ କାର୍ଯ୍ୟକଳାପ ଯୋଗୁଁ ଘଟଣାଟିରେ ଉପୁଜିଥିବା ସମସ୍ୟାର ସମାଧାନ ଘଟିବା ପରିବର୍ତ୍ତେ, ତାହା ଆଉ ଏକ ନୂଆ ସମସ୍ୟା ଓ ଅସୁବିଧାକୁ ସୃଷ୍ଟି କରିଥାଏ, ଯାହାଦ୍ୱାରା ଘଟଣାଟିରେ ଜଡିତ ବ୍ୟକ୍ତି ଜଣଙ୍କ ଅଧିକ ମାତ୍ରାରେ ବିଚଳିତ ହୁଅନ୍ତି ଏବଂ ସର୍ବଶେଷରେ ଅସୁବିଧାଟି ବଡ ରୂପରେ ତାଙ୍କ ଆଗରେ ଉଭା ହୋଇଥାଏ ।

ଫଳସ୍ୱରୂପ, ବିଭିନ୍ନ ଦିଗ ଓ କ୍ଷେତ୍ରରେ ସେ କ୍ଷତିଗ୍ରସ୍ତ ହୋଇଥାନ୍ତି । ତେବେ ଅପରପକ୍ଷରେ,ଏହା ଏକ ଆଶ୍ଚର୍ଯ୍ୟର କଥା ଯେ, ଜଣେ ବ୍ୟକ୍ତିର ଅସୁବିଧା ସମୟରେ ତାଙ୍କ ନିକଟରେ ତଥା ଚାରିପାଖ ଉପସ୍ଥିତ ଥିବା ଅନ୍ୟ ମଣିଷମାନେ ନୀରବ ଦ୍ରଷ୍ଟା ତଥା ଜଣେ ଜଣେ ଭଲ ଦର୍ଶକ ସାଜିଥାନ୍ତି !

ମାନବିକତାକୁ ଭୁଲି, ବ୍ୟକ୍ତି ଜଣଙ୍କ ଉକ୍ତ ସମସ୍ୟାରୁ କିଭଳି ମୁକୁଳିବେ ସେଥି ନିମନ୍ତେ ଆବଶ୍ୟକୀୟ ସହଯୋଗ ଓ ସାହାଯ୍ୟ ପ୍ରଦାନ କରିବାକୁ ସେମାନେ କୁଣ୍ଠାବୋଧ ପ୍ରକାଶ କରିଥାନ୍ତି ।

ଫଳସ୍ୱରୂପ,ପରବର୍ତ୍ତୀ ସମୟରେ,ଉକ୍ତ ଅସୁବିଧାଟି ସେମାନଙ୍କ ସମ୍ମୁଖରେ ହିଁ ବଡ ରୂପ ନେଇଥାଏ ଏବଂ ପ୍ରଥମ ବ୍ୟକ୍ତି ଜଣଙ୍କ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି ।

କିଛି ଦିନ ତଳେ,ପୁରୁଣା ରାଜଧାନୀରୁ ବସ୍ ଯୋଗେ କାର୍ଯ୍ୟାଳୟକୁ ଯାତ୍ରା ସମୟରେ,ଗାଡି ମଧ୍ୟକୁ ପ୍ରବେଶ କରୁ କରୁ, ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଉଚ୍ଚ ସ୍ୱରରେ କିଛି ବଚସା ଚାଲିଥିବାର କର୍ଣ୍ଣଗୋଚର ହେଲା । ଜାଣିବାକୁ ମିଳିଲା ବସ୍‌ର କଣ୍ଡକ୍ଟର ଏବଂ ଜଣେ ଭଦ୍ର ମହିଳା ଯୁକ୍ତିତର୍କରେ ବ୍ୟସ୍ତ ଅଛନ୍ତି । ମହିଳା ଜଣଙ୍କ ଗୋଟିଏ ୫୦୦ ଟଙ୍କିଆ ନୋଟ୍ ଧରି କଣ୍ଡକ୍ଟରଙ୍କୁ କହୁଛନ୍ତି, ମୋ' ନିକଟରେ ଖୁଚୁରା ଟଙ୍କା ନାହିଁ । କଣ୍ଡକ୍ଟର ଜଣଙ୍କ ମଧ୍ୟ ପ୍ରତିଉତ୍ତରରେ କହୁଥାନ୍ତି, ୨୦ ଟଙ୍କାର ଟିକେଟ ପାଇଁ ମୁଁ କେଉଁଠାରୁ ୫୦୦ ଟଙ୍କାର ଖୁଚୁରା ଆଣିବି ? ବସ୍‌ରେ ଯାତ୍ରୀ ଆଜି କମ୍ ଅଛନ୍ତି ।

ବର୍ତ୍ତମାନ ସୁଦ୍ଧା, ସମୁଦାୟ ୫୦୦ ଟଙ୍କାର ବସ୍ ଭଡାମଧ୍ୟ ଆଦାୟ ହୋଇ ନାହିଁ । ଆପଣ ଘରୁ ସାଙ୍ଗରେ ଖୁଚୁରା ଧରି ଆସିବା ଉଚିତ । ତାହାଶୁଣି, ମହିଳା ଜଣଙ୍କ ଉଚ୍ଚ ଗଳାରେ କହି ଉଠିଲେ, ଖୁଚୁରା କ'ଣ ମୁଁ ଚୋରି କରି ଆଣିବି ? ମୋ' ପାଖରେ ନାହିଁ । ଏହି ୫୦୦ ଟଙ୍କା ନେଇ ମୋତେ ବାକିଟଙ୍କା ଫେରାଅ, ନ'ହେଲେ ଚୁପ୍ ରୁହ ।

ଏହାପରେ, କଣ୍ଡକ୍ଟର ଜଣଙ୍କ ବସ୍ ମଧ୍ୟରେ ଉପସ୍ଥିତ ଅନ୍ୟ ସମସ୍ତ ଯାତ୍ରୀଙ୍କୁ ଜଣାଇବା ଉଦ୍ଦେଶ୍ୟରେ କହି ଉଠିଲେ, ଦେଖନ୍ତୁ ଆଜ୍ଞା, ଟଙ୍କା ଆଦାୟ ମେସିନରେ ମୁଁ ୨୦ ଟଙ୍କାର ଟିକେଟ କାଟି ସାରିଛି ।

ଏବେ ସେ ଭଡାକୁ କ'ଣ ମୋ' ହାତରୁ ଦେବି? ଏହା କହି , ସେ ବସ୍ ଡ୍ରାଇଭରଙ୍କୁ ଗାଡି ରଖିବା ପାଇଁ ଡାକ ଛାଡିଲେ ଏବଂ ଉକ୍ତ ମହିଳାଙ୍କୁ ଅଧା ରାସ୍ତାରେ ଓହ୍ଲେଇ ଯିବାପାଇଁ ଅନୁରୋଧ କଲେ । ତାହା ଶୁଣି, ମହିଳା ଜଣଙ୍କ ବସିଥିବା ସ୍ଥାନରୁ ଉଠିପଡି ଚିତ୍କାର କରିବାକୁ ଲାଗିଲେ ଏବଂ ନିକଟସ୍ଥ ଥାନାକୁ ଯିବା ପାଇଁ କହିଲେ ।

ହେଲେ ଆଶ୍ଚର୍ଯ୍ୟର କଥା ଯେ,ଏତେ ସବୁ ଘଟଣା ପରେ ବି', ସେଠାରେ ଉପସ୍ଥିତ କେହି ଜଣେ ହେଲେ ଯାତ୍ରୀ ଉକ୍ତ ଘଟଣାରେ ହସ୍ତକ୍ଷେପ କରି'ନଥିଲେ କିମ୍ବା ସମାଧାନର କୌଣସି ଏକ ରାସ୍ତା ବାହାର କରିବାକୁ ଚେଷ୍ଟା ମଧ୍ୟ କରି ନ'ଥିଲେ ! କେବଳ ଜଣେ ଜଣେ ନୀରବ ଦ୍ରଷ୍ଟା ସାଜିଥିଲେ !

ଏସବୁ ଦେଖି,ଉକ୍ତ ସମସ୍ୟାର ଏକ ସମାଧାନ ଆଣିବା ଉଦ୍ଦେଶ୍ୟରେ, ଜଣେ ଅଚିହ୍ନା ବୟସ୍କ ବ୍ୟକ୍ତି କଣ୍ଡକ୍ଟରଙ୍କୁ ନିଜ ନିକଟକୁ ଡାକି ୨୦ ଟଙ୍କିଆ ନୋଟ୍‌ଟିଏ ତାଙ୍କ ହାତକୁ ବଢେଇ ଦେଲେ ଏବଂ ତାଙ୍କଠାରୁ ଟିକେଟଟିକୁ ଆଣି ଉକ୍ତ ମହିଳା ଜଣଙ୍କୁ ଦେଲେ ।

ଏହାପରେ, ଘଟଣାଟି ତତ୍କ୍ଷଣାତ ଥଣ୍ଡା ପଡିଗଲା । ଅବଶ୍ୟମ୍ଭାବୀ ଝଡର ଅବସାନ ଘଟି, ଉଭୟଙ୍କ ମନ ଆକାଶ ଯେପରି ନୀଳ ଓ ସ୍ୱଚ୍ଛ ଭଳି ପ୍ରତୀୟମାନ ହେଉଥାଏ । ଏକ ନୀରବ ପରିବେଶ ମଧ୍ୟରେ ବସ୍‌ଟି ନିଜର ଗନ୍ତବ୍ୟ ସ୍ଥଳ ଆଡକୁ ପୁନଃ ଗଡିବାକୁ ଲାଗିଲା । କିଛି ସମୟ ଅନ୍ତରରେ,ନିଜର ଠିକଣା ସ୍ଥଳରେ ମହିଳା ଜଣଙ୍କ ଗାଡି ମଧ୍ୟରୁ ଓହ୍ଲେଇବା ସମୟରେ,ତାଙ୍କୁ ସାହାଯ୍ୟ କରିଥିବା ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ସେ ହାତଯୋଡି ଧନ୍ୟବାଦ ଅର୍ପଣ ସହ ପରବର୍ତ୍ତୀ ଦେଖାରେ ୨୦ ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଲେ ।

ପ୍ରତିଉତ୍ତରରେ,ବ୍ୟକ୍ତି ଜଣଙ୍କକହି ଉଠିଲେ, ଜୀବନର ଚଲା ରାସ୍ତାରେ, ପ୍ରତିଟି କ୍ଷଣରେ ସମସ୍ୟା ଆସିବା ସ୍ୱାଭାବିକ ବିଷୟ ଅଟେ । କିନ୍ତୁ, ସମସ୍ୟା ପୂର୍ବରୁ କିମ୍ବା ଆରମ୍ଭରୁ ହିଁ ଏହାର ପ୍ରତିକାର ସମ୍ବନ୍ଧରେ ଭାବିବା ଉଚିତ । ତତ୍କ୍ଷଣାତ ପଦକ୍ଷେପ ମାଧ୍ୟମରେ ତା'ର ସମ୍ଭାବ୍ୟ ସମାଧାନ ନିମନ୍ତେ ପ୍ରୟାସ କରିବା ଜରୁରୀ, ଯାହାଦ୍ୱାରା ସମସ୍ୟାଟି ଆଗକୁ ବଡ ରୂପ ଧାରଣ ନ'କରି ତୃଣମୂଳ ସ୍ତର ତଥା ପ୍ରାଥମିକ ପର୍ଯ୍ୟାୟରେ ହିଁ ଆମ ଠାରୁ ଦୂରକୁ ଚାଲିଯିବ ଏବଂ ନିଜର ଅସ୍ତିତ୍ୱ ହରାଇବ ।

**ପ୍ରତିଉତ୍ତରରେ,ବ୍ୟକ୍ତି ଜଣଙ୍କକହି ଉଠିଲେ, ଜୀବନର ଚଲା ରାସ୍ତାରେ, ପ୍ରତିଟି କ୍ଷଣରେ ସମସ୍ୟା ଆସିବା ସ୍ୱାଭାବିକ ବିଷୟ ଅଟେ । କିନ୍ତୁ, ସମସ୍ୟା ପୂର୍ବରୁ କିମ୍ବା ଆରମ୍ଭରୁ ହିଁ ଏହାର ପ୍ରତିକାର ସମ୍ବନ୍ଧରେ ଭାବିବା ଉଚିତ ।......ଯାହାଦ୍ୱାରା ସମସ୍ୟାଟି ଆଗକୁ ବଡ ରୂପ ଧାରଣ ନ'କରି ତୃଣମୂଳ ସ୍ତର ତଥା ପ୍ରାଥମିକ ପର୍ଯ୍ୟାୟରେ ହିଁ ଆମ ଠାରୁ ଦୂରକୁ ଚାଲିଯିବ ଏବଂ ନିଜର ଅସ୍ତିତ୍ୱ ହରାଇବ ।**

**ବନ୍ଦାଲୋ, ଟାଙ୍ଗୀ, କଟକ-୭୫୪୦୨୨**
**ମୋ-୯୩୩୭୮୯୭୬୫୦**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଡି ଲିମିଟେସନକୁ ନେଇ ନବୀନଙ୍କ ଚିଠି ଉପରେ

# ବିଜେପି ପ୍ରତିକ୍ରିୟାର ଜବାବ ଦେଲା ବିଜେଡି

**ସଂସଦରେ ରାଜ୍ୟର ପ୍ରତିନିଧିତ୍ୱ ହ୍ରାସ ଆଶଙ୍କା ଉପରେ ନବୀନଙ୍କ ପ୍ରସ୍ତାବ ଗ୍ରହଣ କର: ବିଜେଡି**

ଭୁବନେଶ୍ୱର, (ସବ୍ୟୁ) : ଡିଲିମିଟେସନ ପରେ ଦେଶର ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଓଡ଼ିଶାର ଏମପିମାନଙ୍କୁ ଲେଖିଥିବା ଚିଠି ଉପରେ ବିଜେପି ନେତୃବୃନ୍ଦମାନେ ଦେଇଥିବା ପ୍ରତିକ୍ରିୟା ଉପରେ ବିଜେଡି ପାଲଟା ଜବାବ ରଖିଛି । ନବୀନ ଉଠାଇଥିବା ପ୍ରସଙ୍ଗ ରାଜ୍ୟର ହିତ ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ହୋଇଥିବା ବେଳେ, ବିଜେପି ନେତୃବୃନ୍ଦଙ୍କ ପ୍ରତିକ୍ରିୟା କେବଳ ତାଙ୍କର ହୀନମନ୍ୟତାର ପରିଚୟ ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଦଳର ମୁଖପାତ୍ର ମିହିର ରାୟ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ରାଜ୍ୟ ବିଜେପି ସରକାର ବାରମ୍ବାର ବିଫଳ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ, ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ନବୀନ ପଟ୍ଟନାୟକ ଉଠାଇଥିବା ପ୍ରସଙ୍ଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ, ପ୍ରସଙ୍ଗ ଉପରେ ମନ୍ତବ୍ୟ ନରଖି ନବୀନଙ୍କ ଚିଠି ଉପରେ ଟିପ୍ପଣୀ ଦେବା, ତାଙ୍କର ଦାୟିତ୍ୱହୀନତା ଓ ହୀନମନ୍ୟତାର ପରିଚୟ ଦେଇଛି । ଡ. ଲେନିନ ମହାନ୍ତି ଆହୁରି ମଧ୍ୟ କହିଛନ୍ତି, ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସଂରକ୍ଷଣ ପ୍ରଦାନ କ୍ଷେତ୍ରରେ, ସମଗ୍ର ଦେଶରେ ପ୍ରଥମେ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ । ମହିଳା ମାନଙ୍କୁ ସଂସଦ ଓ ବିଧାନସଭା କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ ପାଇଁ ଦେଶରେ ପ୍ରୟାସ ଆରମ୍ଭ ହେବାବେଳେ, ୨୦୧୮ ମସିହାରେ ରାଜ୍ୟ ବିଧାନସଭାରେ ଏକ ସଙ୍କଳ୍ପ ପାରିତ କରିବା ସହିତ ଦେଶର ୨୨ଟି ରାଜନୈତିକ ଦଳର ନେତୃତ୍ୱଙ୍କୁ ବିଜେଡିର ପ୍ରତିନିଧି ମଣ୍ଡଳୀ ଭେଟି, ଏହାକୁ ସମର୍ଥନ କରିବା ପାଇଁ ପ୍ରବର୍ତ୍ତାଇଥିଲେ । ଡ଼ ମହାନ୍ତି କହିଥିଲେ, ଡିଲିମିଟେସନ ମାଧ୍ୟମରେ ସଂସଦର ଆସନ ସଂଖ୍ୟା ବୃଦ୍ଧି ପ୍ରସ୍ତାବ ପ୍ରସଙ୍ଗରେ, ନବୀନ ପଟ୍ଟନାୟକ ପ୍ରାୟ ଏକ ବର୍ଷ ତଳୁ ଜନସଂଖ୍ୟା ଆଧାରରେ ଆସନ ବୃଦ୍ଧି ହେଲେ ଓଡ଼ିଶାର ପ୍ରତିନିଧିତ୍ୱ କମିବାର ଆଶଙ୍କା ରହିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ । ତେଣୁ, ନବୀନ ପଟ୍ଟନାୟକ ତାଙ୍କ ଚିଠିରେ ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ୫୪୩ରୁ ୨୧ ସାଂସଦ ଥିଲା ବେଳେ ଏହା ୩.୯ପ୍ରତିଶତ ଥିଲା ବେଳେ ନୂତନ ପ୍ରସ୍ତାବ ଅନୁଯାୟୀ ସାଂସଦ ସଂଖ୍ୟା ୮୫୦କୁ ବୃଦ୍ଧି ପାଇବାକୁ ଯାଉଥିବା ବେଳେ ଓଡ଼ିଶାର ସାଂସଦ ସଂଖ୍ୟା ୨୯କୁ ବୃଦ୍ଧି ପାଇବ, ଯାହା ସମୁଦାୟ ସାଂସଦର ୩.୪ ପ୍ରତିଶତ । ଏଥିରୁ ଓଡ଼ିଶାର ପ୍ରତିନିଧିତ୍ୱ ୦.୫ ପ୍ରତିଶତ କ୍ଷତି ହେଉଥିବା ସ୍ପଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ, ରାଜ୍ୟର ହିତ ଦୃଷ୍ଟିରୁ ପଦକ୍ଷେପ ନେବା ପରିବର୍ତ୍ତେ, ବିଜେପି ନେତୃବୃନ୍ଦଙ୍କ ମୂଳ ପ୍ରସଙ୍ଗ ଉପରେ ନିରବ କେବଳ ଟୀକା ଟିପ୍ପଣୀରେ ସୀମିତ ରଖିଛନ୍ତି, ଯାହାକୁ ଆମେ ନିନ୍ଦା କରୁଛୁ । ତେଣୁ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ମାନେ ଏକତ୍ରିତ ହୋଇ ଓଡ଼ିଶାର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସମ୍ମିଳିତ ପ୍ରୟାସ କରିବା ନିମନ୍ତେ ନବୀନଙ୍କ ଆହ୍ୱାନକୁ ସ୍ୱାକାର କରି ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଶ୍ରୀ ମିହିର ରାୟ କହିଥିଲେ ।

## ସିବିଏସ୍‌ଇ ମାଟ୍ରିକ୍ ପରୀକ୍ଷା

# ଗାଇଡାନସ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର: ଢ଼ୁମ୍ ଢ଼ୁମାସ୍ଥିତ ଗାଇଡାନସ୍ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚଳିତ ବର୍ଷ ସିବିଏସଇ ମାଟ୍ରିକ ପରୀକ୍ଷାରେ




ଶତ ପ୍ରତିଶତ ସଫଳତା ହାସଲ କରିଛି । ବିଦ୍ୟାଳୟର ଛାତ୍ର ଆୟୁଷ ଦୋରା ସର୍ବୋଚ୍ଚ ୯୯% ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ସହ ରାଜ୍ୟର ଗୌରବ ବଢ଼ାଇଛନ୍ତି । ମୋଟ ୩୯ ପରିକ୍ଷାର୍ଥୀ ୯୦% ପ୍ରତିଶତରୁ ଅଧିକ ମାର୍କ ରଖି ବିଦ୍ୟାଳୟର ଗାରିମାକୁ ଆଗକୁ ନେଇଛନ୍ତି । ଛାତ୍ର ଛାତ୍ରୀମାନଙ୍କ ଏହି କୃତକାର୍ଯ୍ୟକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟତ୍ରୀ ଏବଂ ବିଦ୍ୟାଳୟର କର୍ତ୍ତୃପକ୍ଷ ଛାତ୍ର ଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ କାମନା କରିଛନ୍ତି ।

## ଟ୍ରକ ପଛରେ ଟ୍ରକ ଧକ୍କା, ଚାଳକ, ଖଲାସୀ ଗୁରୁତର

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶରଧା ହୋଟେଲ ନିକଟରେ ଗୁରୁବାର ଭୋର ସମୟରେ ଟ୍ରକ ପଛରେ ଟ୍ରକ ଧକ୍କା ହେବାରୁ ପଛ ଗାଡିର ଚାଳକ ଓ ଖଲାସୀ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ( ଓଡି୨୯ ଆର ୭୧୧୭) ପଛରେ ଏକ ଲଙ୍କା ବୋଝେଇ ଟ୍ରକ( ଏପି୦୭ଟିଇ ୬୫୩୭) ଭାରସାମ୍ୟ ହରାଇ ଦ୍ରୁତ ଗତିରେ ଧକ୍କା ହୋଇଥିଲା। ଫଳରେ ଚାଳକ ଓ ଖଲାସୀ ଉଭୟ ଗାଡି ମଧ୍ୟରେ ଚାପି ହୋଇ ରହିଥିଲେ। ଖବରପାଇ ପାଣିକୋଇଲି ପୁଲିସ ଘଟଣାସ୍ଥଳେ ପହଂଚି ଗୁରୁତର ଚାଳକ ଓ ଖଲାସୀକୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ ମାତ୍ର ୭୭୨ ଗ୍ରାମ ଓଜନର

# ଶିଶୁକୁ ନୂଆ ଜୀବନ ଦେଲା ସମ୍ ନବଜାତ ଶିଶୁରୋଗ ବିଭାଗ

ଭୁବନେଶ୍ୱର, (ସବ୍ୟୁ) : ଜନ୍ମ ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ୨୬ ସପ୍ତାହରେ ଜନ୍ମିତ ମାତ୍ର ୭୭୨ ଗ୍ରାମ ଓଜନର ଶିଶୁ କନ୍ୟାର ଜୀବନ ବଂଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ଡାକ୍ତରୀ ଟିମ୍ । ଶିଶୁକନ୍ୟା ଜନ୍ମ ହେବା ପରେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଭିଷଣ କଷ୍ଟ ଅନୁଭବ କରିବାରୁ ତାକୁ



ତୁରନ୍ତ ନବଜାତ ଶିଶୁରୋଗ ବିଭାଗର ଆଇସିୟୁରେ ଭର୍ତି କରାଯାଇଥିଲା । ଶିଶୁଟିକୁ ମେକାନିକାଲ୍ ଭେନ୍‌ଟିଲେସନ୍ ଏବଂ ଆଡଭାନ୍ସ ଲାଇଫ ସପୋର୍ଟରେ ରଖାଯାଇ ଚିକିତ୍ସା କରାଯାଇଥିଲା । ଚିକିତ୍ସାରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ଉନ୍ନତି ଘଟିଥିଲା ଏବଂ ତା' ଶରୀରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ କାରଣରୁ ଯେଉଁ ସବୁ ସମସ୍ୟା ଓ ଜଟିଳତା ଥିଲା ତାହା ଦୂର ହେବା ଆରମ୍ଭ ହୋଇଥିଲା । ଯଦିଓ ତା'ର ଜୀବନ ପ୍ରତି ବିପଦ ଥିଲା ଉପଯୁକ୍ତ ଚିକିତ୍ସା ଓ ଯତ୍ନ ଏବଂ ମେଡିକାଲ୍ ଟିମ୍‌ର ସାହାଯ୍ୟ ଓ ସହଯୋଗ ବଳରେ ଶିଶୁଟି ୩ ମାସ ହସ୍ପିଟାଲ୍‌ର ଏନ୍‌ଆଇସିୟୁରେ ରହି ସୁସ୍ଥ ହୋଇପାରିଥିଲା । ଶିଶୁଟି ସୁସ୍ଥ ହେବା ପରେ ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ନନ୍ଦ ଖୁସି ବ୍ୟକ୍ତ କରିବା ସହ ଡାକ୍ତରୀ ଟିମ୍‌ର ନିରନ୍ତର ପ୍ରଚେଷ୍ଟା ଏବଂ ଶିଶୁର ବାପା-ମା'ଙ୍କର ଧୈର୍ଯ୍ୟ ଓ ସହଯୋଗକୁ ପ୍ରଶଂସା କରିଥିଲେ ।

## ସାରଳା ଦାସ ସ୍ମୃତି ସଂସଦର ପ୍ରସ୍ତାବ

# ଓଡିଆ ବିଶ୍ୱବିଦ୍ୟାଳୟକୁ ସାରଳା ଦାସଙ୍କ ନାଁରେ ନାମିତ କରାଯାଉ

ଭୁବନେଶ୍ୱର (ସବ୍ୟୁ) : ସାରଳାଦାସ ଏ ମାଟି, ଏ ଜାତିର ମହାକବି ଏବଂ ଓଡିଆ ଅସ୍ମିତାର କିମ୍ବଦନ୍ତୀ ପୁରୁଷ। ସାରଳା ଦାସ ନ ଥିଲେ ଓଡିଆ ଭାଷା ନ ଥାଆନ୍ତା କି ଓଡିଆ ଜାତି ନ ଥାଆନ୍ତା। ତେଣୁ ମାଟିର ମହାକବିଙ୍କ ନାମରେ ସତ୍ୟବାଦୀ ସ୍ଥିତ ଓଡିଆ ବିଶ୍ୱବିଦ୍ୟାଳୟକୁ ନାମିତ କରାଯିବା ସହିତ, ଭୁବନେଶ୍ୱର, ସୈନିକସ୍କୁଲ ନିକଟସ୍ଥ ନିର୍ମାଣାଧୀନ କଳାମଣ୍ଡପକୁ ସାରଳାଦାସଙ୍କ (ସାରଳା ମଣ୍ଡପ) ନାମରେ ନାମିତ କରାଯାଉ ଏବଂ ଆଦିକବିଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉ ବୋଲି ସାରଳା ଦାସ ସ୍ମୃତି ସଂସଦ, ଓଡିଶା, ଭୁବନେଶ୍ୱର



ପକ୍ଷରୁ ମଙ୍ଗଳବାର ପାଳିତ ହୋଇଥିବା ଓଡିଆ ନବବର୍ଷ ଉତ୍ସବରେ ଅତଥିଗଣ ପ୍ରସ୍ତାବ ରଖିଛନ୍ତି। ସ୍ଥାନୀୟ ରେଡ୍‌କ୍ରସ ଭବନ ସଭାଗୃହରେ ଓଡିଆ ନବବର୍ଷ ଉତ୍ସବରେ ପ୍ରାକ୍ତନ ଉନ୍ନୟନ କମିଶନର ତଥା ସାରଳାଦାସ ସ୍ମୃତିସଂସଦର ସଭାପତି ଡଃ ରବିନାରାୟଣ ସେନାପତିଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଜାନକୀଶ ବଡପଣ୍ଡା ମହାବିଷୁବ ସଂକ୍ରାନ୍ତିକୁ କାହିଁକି ଓଡିଆମାନେ ନବବର୍ଷ ଭାବେ ପାଳନ କରନ୍ତି ତାର ତାତ୍ତ୍ୱିକ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ମହେନ୍ଦ୍ର କୁମାର ମଲ୍ଲିକ୍ କହିଲେ ପ୍ରତ୍ୟେକ ନୂଆବର୍ଷରେ କିଛି ନୂଆ ସଂକଳ୍ପ ନେଇ ସନାତନ ସଂସ୍କୃତିକୁ ସୁରକ୍ଷା ଦେବା ଆମର ଦାୟିତ୍ୱ ହେବା ଉଚିତ। ମୁଖ୍ୟ ଅତିଥି ଅର୍ଥବିଭାଗର କବି ପ୍ରଦୀପ କୁମାର ବିଶ୍ୱାଳ କହିଲେ ମାତୃଭାଷା ଓଡଆକୁ ନେଇ ପ୍ରତିଟି ଓଡିଆ ଗର୍ବ କରିବା ଉଚିତ। ଦୀର୍ଘ ୧୧ବର୍ଷ ଧରି ପ୍ରକାଶ ପାଇ ଆସୁଥିବା 'ଶାରଳା ପଞ୍ଜିକା ୨୦୨୬-୨୭' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦର ସଂପାଦକ ଓ ପଞ୍ଜିକା ଗଣନାକାର ପ୍ରଦୀପ୍ତ କୁମାର ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ । ସମିର ରଂଜନ ଗଛାୟତ ଧନବାଦ ଅପଣ କରିଥିଲେ।

## ହିଣ୍ଡାଲକୋ ପକ୍ଷରୁ ହୀରାକୁଦ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ "ଜ୍ଞାନାର୍ଜନ କେନ୍ଦ୍ର ଉଦ୍‌ଘାଟିତ

ହୀରାକୁଦ, (ସବ୍ୟୁ) : ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ ଉନ୍ନୟନ ପଦକ୍ଷେପ ଅନୁସାରେ ହୀରାକୁଦ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ଗୁଣମାନ ବୃଦ୍ଧି ଏବଂ ଉଚ୍ଚ ଶିକ୍ଷା ପାଇଁ "ଜ୍ଞାନାର୍ଜନ କେନ୍ଦ୍ରର ଉଦଘାଟନ କରାଯାଇଛି। ଏହି କେନ୍ଦ୍ରଟି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନ କ୍ରମେ ସ୍ଥାପନା କରାଯାଇଛି। ଏହି ଅବସରରେ ବ୍ଲକ୍ ଶିକ୍ଷା ଅଧିକାରୀ କରଣ ଶର୍ମା, ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡ଼. କୃଷ୍ଣା ପାଢ଼ୀ ଓ ଏଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର ଦୀପ ପ୍ରଜ୍ୱଳନ କରି କେନ୍ଦ୍ରଟିର ଉଦଘାଟନ



କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସପ୍ତଶ୍ରୀ ମହାପାତ୍ର, ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ହିଣ୍ଡାଲକୋ ସ୍ମେଲ୍ଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ସିଏସଆର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର ଉପସ୍ଥିତ ଥିଲେ।

## ବିବାହିତା ମହିଳା ନିଖୋଜ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ଥାନା ଡାହାଣହତା ପଞ୍ଚାୟତ ବଉଳାଙ୍ଗ ଗ୍ରାମର ଜୈନିକା ମହିଳା ସପ୍ତାହରୁ ଅଧିକ ଦିନ ହେବ ନିଜ ଘରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଦଶରଥପୁର ଥାନରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ବଉଳାଙ୍ଗ ଗ୍ରାମର ମୀର ଅସଲାମ ଅଲ୍ଲୀଙ୍କ ସାନ ବୋହୂ ପ୍ୟାରୀ ବେଗମ(୨୮) ଚଳିତ ମାସ ୫ ତାରିଖ ରାତିରେ ପରିବାରର ସମସ୍ତେ ଖାଇପିଇ ଶୋଇବା ପରେ ନିଜ ୨ଛୋଟ ପୁଅ, ଝିଅଙ୍କୁ ଛାଡି କେଉଁ ଆଡେ ନିଖୋଜ ହୋଇଯାଇଥିଲେ । ରାତିରେ ଛୋଟ ପିଲା ୨ଜଣ ମାଆକୁ ନପାଇ ପ୍ୟାରୀ ବେଗମ ଘରେ ନଥିବା ଜଣାପଡିଥିଲା । ପ୍ୟାରୀ ବେଗମଙ୍କୁ ଠାବ କରିବାକୁ ପରିବାର ଲୋକେ ବନ୍ଧୁବାନ୍ଧବଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସେ‰ ତାଙ୍କର ପତ୍ତା ମିଳିନଥିଲା । ଖୋଜା ଖୋଜି କରି ନିରାଶ ହେବାପରେ ତାଙ୍କ ଶ୍ୱଶୁର ଦଶରଥପୁର ଥାନାରେ ବୋହୂ ପ୍ୟାରୀ ବେଗମ ନିଖୋଜ ଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରି ତାଙ୍କୁ ଠାବ କରିବାକୁ ନିବେଦନ କରିଛନ୍ତି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଦ୍ୱିତୀୟ ଜାତୀୟ କରାଟେ ଚାମ୍ପିଅନସିପ୍

## ୭ଟି ରାଜ୍ୟର ୨୮୦ ଖେଳାଳିଙ୍କ ଅଂଶଗ୍ରହଣ

ଝାରସୁଗୁଡା, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ମାଧ୍ୟମରେ ଝାରସୁଗୁଡାରେ ଦ୍ୱିତୀୟ ଅଖିଳ ଭାରତୀୟ ବେଦାନ୍ତ ଓପନ ଜାତୀୟ କରାଟେ ଚାମ୍ପିଅନସିପ୍ ଆୟୋଜନ କରିଥିଲା। ଏହି ଚାମ୍ପିଅନସିପ୍ ଭାରତର ସାତଟି ରାଜ୍ୟରୁ ୨୮୦ ଯୁବ ଖେଳାଳିଙ୍କୁ ଏକତ୍ର କରିଥିଲା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଶୃଙ୍ଖଳା, ଶାରୀରିକ ସୁସ୍ଥତା ଏବଂ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରତିଯୋଗିତାମୂଳକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ଏହି ଇଭେଣ୍ଟରେ ବ୍ୟକ୍ତିଗତ କାଟା, କୁମିତେ, ଟିମ କାଟା ଏବଂ ଓପନ କୁମିତେ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଏବଂ ମହିଳା ଆତ୍ମରକ୍ଷା ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଛାତ୍ରୀମାନେ ଚାମ୍ପିଅନସିପ୍ ସମୟରେ ବିଭିନ୍ନ




ବର୍ଗରେ ଅନେକ ପଦକ ହାସଲ କରିଥିଲେ। ସେମାନଙ୍କର ପ୍ରଦର୍ଶନ ପ୍ରକଳ୍ପ ଅଧୀନରେ ପ୍ରଦାନ କରାଯାଉଥିବା ସଂରଚିତ ତାଲିମ ଏବଂ ନିୟମିତ ପ୍ରଶିକ୍ଷଣକୁ ପ୍ରତିଫଳିତ କରେ। ଏହି ଅବସରରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, କ୍ରୀଡା ଯୁବପିଢ଼ିଙ୍କ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଦୀର୍ଘକାଳୀନ ବିକାଶର ଏକ ସହାୟକ। ଝାରସୁଗୁଡାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ମାଧ୍ୟମରେ, ଆମେ ଯୁବକମାନଙ୍କ ପାଇଁ ସଂରଚିତ ତାଲିମ ଏବଂ ପ୍ରତିଯୋଗିତାମୂଳକ ପ୍ରଦର୍ଶନ ପାଇବା ପାଇଁ ସୁଯୋଗ ସୃଷ୍ଟି କରୁଛୁ।

# ୩୩% ମହିଳା ଆରକ୍ଷଣ ପାଇଁ ଏକତ୍ର ସ୍ୱର ଉଠାଇବା ଆବଶ୍ୟକ : ଡ. ଚାନ୍ଦ

ଭୁନେଶ୍ୱର, (ସବ୍ୟୁ) : ସମାଜରେ ସଠିକ୍ ସ୍ଥାନ ଓ ଅଧିକାର ପାଇବା ପାଇଁ ମହିଳାମାନଙ୍କର ଶତାବ୍ଦୀ ଧରି ଚାଲିଥିବା ସଂଘର୍ଷର ପରିଣାମ ହେଉଛି ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩। ଏହି ଆଇନଟି ୩୦ ବର୍ଷ ପୂର୍ବରୁ ପାସ୍ ହେବା ଉଚିତ ଥିଲା, କିନ୍ତୁ ସଠିକ୍ ସମୟ ୨୦୨୩ ମସିହାରେ ଆସିଲା ଓ ସମସ୍ତ ରାଜନୈତିକ ଦଳଙ୍କ ସମର୍ଥନରେ ଏହା ପାସ୍ ହେଲା। ଲୋକସଭାରେ ଏହି ବିଲ୍ ୪୫୪ ଟି ମତ ସମର୍ଥନରେ ଓ କେବଳ ୨ ଟି ମତ ବିରୋଧରେ ପାସ୍ ହେଲା ଏବଂ ରାଜ୍ୟସଭାରେ ୨୧୪ ଟି ମତ ସମର୍ଥନରେ ଏକମତରେ ପାସ୍ ହେଲା। ଏହାର କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ରାଜନୈତିକ ମତାମତ ଏକତ୍ର ଅଛି। ଏହି ଐତିହାସିକ ସୁଯୋଗକୁ କୌଣସି ପ୍ରକ୍ରିୟାଗତ କିମ୍ବା ପ୍ରାୟୋଗିକ କାରଣରେ ଅପଚୟ ହେବାକୁ ଆମେ ଦେବା ଉଚିତ୍ ନୁହେଁ ବୋଲି କହିଛନ୍ତି ବିଶିଷ୍ଟ ଶିଳ୍ପ ବିଶେଷଜ୍ଞ ତଥା ବିଜେପିର ବରିଷ୍ଠ ମୁଖପାତ୍ର ଡ. ତପନ କୁମାର ଚାନ୍ଦ। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ସ୍ୱୟଂ ଆଶ୍ୱାସନ ଦେଇଛନ୍ତି ଯେ କୌଣସି ରାଜ୍ୟ କିମ୍ବା ଅଞ୍ଚଳ ସହ ଭେଦଭାବ ହେବ ନାହିଁ । ସମସ୍ତ ଦଳ ମିଶି ଏକ ନିର୍ଦ୍ଦିଷ୍ଟ ବାହାର କରିବା ଉଚିତ, ଯେଉଁଥିରେ କେବଳ ଜନସଂଖ୍ୟା ମାତ୍ର ମାନଦଣ୍ଡ ହେବ ନାହିଁ। ରାଜ୍ୟ ଓ କେନ୍ଦ୍ର ସରକାର



ଏପର୍ଯ୍ୟନ୍ତ ତାଙ୍କର କର ଆୟକୁ ନିର୍ଦ୍ଧାରିତ ସୂତ୍ର ଅନୁସାରେ ବଣ୍ଟନ କରୁଛନ୍ତି ଓ ସେଠାରେ ମଧ୍ୟ କେବଳ ଜନସଂଖ୍ୟାକୁ ଏକମାତ୍ର ମାନଦଣ୍ଡ ଭାବେ ନିଆ ଯାଏ ନାହିଁ। ଏହି ପୂର୍ବଦୃଷ୍ଟାନ୍ତକୁ ଧ୍ୟାନରେ ରଖିବା ଆବଶ୍ୟକ।ଆସନ୍ତୁ ଆମେ ସମସ୍ତେ ମିଶି ୫୦% ଜନସଂଖ୍ୟା ଥିବା ନାରୀ ଶକ୍ତିଙ୍କ ପୁନରୁତ୍ଥାନ ପାଇଁ ଏକ ଶକ୍ତିଶାଳୀ ସ୍ୱର ଉଠାଇବା । ପୂର୍ବରୁ ମହିଳା ସଶକ୍ତିକରଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହା ମହିଳାମାନଙ୍କୁ ରାଜ୍ୟ ବିଧାନସଭା ଓ ସଂସଦରେ ତାଙ୍କର ଯୋଗ୍ୟ ସ୍ଥାନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିଛି। ମୋଟ ଆସନ ସଂଖ୍ୟା ୫୪୩ ରୁ ୮୫୦ (୮୧୫ ଟି ରାଜ୍ୟ ପାଇଁ ଓ ୩୫ ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ) କୁ ବୃଦ୍ଧି ପାଇଲେ ସମସ୍ତ ରାଜ୍ୟ ନିଶ୍ଚିତ ଭାବେ ଲାଭାନ୍ୱିତ ହେବେ। ଓଡିଶାର ମାମଲାରେ ବର୍ତ୍ତମାନର ୨୧ ଟି ଆସନ ସଂଖ୍ୟା ସୂତ୍ର ଆଧାରିତ ଭାବେ ପ୍ରାୟ ୩୧ କୁ ବଢ଼ିପାରେ। ଅନ୍ୟ ରାଜ୍ୟ ସହ ତୁଳନାରେ ପ୍ରତିନିଧିତ୍ୱର ପ୍ରତିଶତ କିଛି କମିବା ନେଇ ଆମେ ଅତିରିକ୍ତ ଚିନ୍ତିତ ହେବା ଉଚିତ୍ ନୁହେଁ। କୌଣସି ରାଜ୍ୟର ସ୍ୱର ଶକ୍ତିଶାଳୀ ହେବାର ମୂଳ କାରଣ ହେଉଛି ବିଶ୍ୱସନୀୟତା, ବ୍ୟକ୍ତିତ୍ୱ ଓ ସଠିକ୍ ଭାବେ ବିଷୟ ପ୍ରସ୍ତୁତ କରିବାର କ୍ଷମତା। ପ୍ରତିନିଧିତ୍ୱର ବିଷୟରେ ସମସ୍ତଙ୍କୁ ଗ୍ରହଣଯୋଗ୍ୟ ଏକ ସମାଧାନ ଖୋଜିବା ଆବଶ୍ୟକ। ବିଭେଦମୂଳକ ରାଜନୀତି ୩୩% ମହିଳା ଆରକ୍ଷଣର ଉଚ୍ଚ ଆଦର୍ଶକୁ ଆଚ୍ଛାଦିତ କରିବା ଉଚିତ୍ ନୁହେଁ। ସମଗ୍ର ଦେଶ ମହିଳା ପ୍ରତିନିଧିତ୍ୱକୁ ସ୍ୱାଗତ କରିବାକୁ ଉତାହିତ ଅଛନ୍ତି।ଆମେ ଏକ ଐତିହାସିକ ପଦକ୍ଷେପ ନେଇଛୁ, ଏବଂ ଏହାକୁ ତାହାର ଯୁକ୍ତିସଙ୍ଗତ ଶେଷ ପର୍ଯ୍ୟନ୍ତ ନେବା ପାଇଁ ଏଭଳି ପଦକ୍ଷେପ ଜାରି ରଖିବା ଆବଶ୍ୟକ। ଏହି ପଦକ୍ଷେପ ମହିଳା ପ୍ରତିନିଧିତ୍ୱରେ ଭାରତକୁ ଜାପାନ, ରୁଷ, ଆମେରିକା, କାନାଡା ପରି ଅନେକ ବିକଶିତ ଦେଶ ଠାରୁ ଆଗକୁ ନେବ। ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଭାବେ ଭାରତର ଗଣତାନ୍ତ୍ରିକ ମର୍ଯ୍ୟାଦା ଆହୁରି ବଢ଼ିବ ଏବଂ ଅନ୍ୟ ଦେଶମାନଙ୍କ ପାଇଁ ଏକ ଆଦର୍ଶ ହେବ। ବିକଶିତ ଭାରତ ଦୃଷ୍ଟିକୋଣ ସାକାର କରିବା ପାଇଁ, ବିଶେଷକରି ମହିଳାମାନଙ୍କ ସମେତ ସମସ୍ତ ଶ୍ରେଣୀର ଉନ୍ନତି ନିମନ୍ତେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଅତ୍ୟାବଶ୍ୟକ।

## ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଷ୍ଟୋର ଉଦ୍‌ଘାଟିତ

ରାଉରକେଲା, (ସବ୍ୟୁ) :ଅକ୍ଷୟ ତୃତୀୟା ପୂର୍ବରୁ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ରାଉର୍କେଲାରେ ଏକ ନୂତନ ଷ୍ଟୋର ଉଦ୍‌ଘାଟିତ ହୋଇଛି। ସୂକ୍ଷ୍ମ ଅଳଙ୍କାର କାରିଗରୀରେ ୮୭ ବର୍ଷର ଏକ ପରମ୍ପରା ସହିତ ଏହି ବ୍ରାଣ୍ଡ ରାଉରକେଲାକୁ କେବଳ ଡିଜାଇନର ଏକ ବୃହତ ଚୟନ ନୁହେଁ, ବରଂ ସ୍ଥାୟୀ ବିଶ୍ୱାସ, ସାଧୁତା ଏବଂ ଡିଜାଇନର ଶ୍ରେଷ୍ଠତାର ଆଶ୍ୱାସନା ମଧ୍ୟ ଆଣିଛି। ଏହି ଶୁଭାରମ୍ଭ ଉତ୍ସବଟି ବହୁତ ଶୈଳୀରେ ପାଳିତ ହୋଇଥିଲା ଯେଉଁଥିରେ ପରିଚାଳନା ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ଶ୍ରୀ ଶୁଭଙ୍କର ସେନ ଏବଂ ଅଭିନେତ୍ରୀ ଭୂମି ପେଡନେକର ଉପସ୍ଥିତ ଥିଲେ ।

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ

# କ୍ରୀଷ୍ଣା ବିକାଶ ଗ୍ରୁପ ଛାତ୍ରଛାତ୍ରୀଙ୍କ ଅସାଧାରଣ ସଫଳତା

ବରଗଡ଼, (ସବ୍ୟୁ) : ଚଳିତ ବର୍ଷ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ସିବିଏସ୍‌ଇ ଦଶମ ଶ୍ରେଣୀ ବୋଡର୍ ପରୀକ୍ଷାରେ ୨୯ ଜଣ ଛାତ୍ରଛାତ୍ରୀଙ୍କ ୯୫% ଏବଂ ୮୮ ଜଣ ଛାତ୍ରଛାତ୍ରୀଙ୍କ ୯୦% ରୁ ଉର୍ଦ୍ଧ୍ୱ ମାର୍କ ଏବଂ ୧୭୩ ଜଣ ଛାତ୍ରଛାତ୍ରୀ ୮୦ ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖି ସ୍କୁଲ୍‌କୁ ଓଡ଼ିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିଛନ୍ତି ବୋଲି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର୍ ବିବେକ ଦାଶରୀ ପ୍ରକାଶ କରିଛନ୍ତି। ଜାତୀୟସ୍ତରରେ


ସମୃଦ୍ଧି ପାଣିଗ୍ରାହୀ


ଦିବ୍ୟମ ଶାହ


ଅଳକା ଅଗ୍ରୱାଲ

୯୦% ରୁ ଉର୍ଦ୍ଧ୍ୱ ମାର୍କ୍ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ଠାରୁ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ର ୯୦%ରୁ ଉଦ୍ଧ୍ୱର୍ ମାର୍କ୍ ରଖିଥିବା ଛାତ୍ରଛାତ୍ରୀଙ୍କ ହାର ବହୁ ଉର୍ଦ୍ଧ୍ୱ ଥିବା ସହ ଦଶମ ଶ୍ରେଣୀ ଫଳାଫଳରେ ସ୍କୁଲର ୧୦୦% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି କହିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପର ଅନ୍ୟ ଶାଖା ମାନଙ୍କରେ ମଧ୍ୟ ଦଶମ ଶ୍ରେଣୀ ଫଳାଫଳ ଉତ୍କୃଷ୍ଟ ମାନର ବୋଲି କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ଼. ସମରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି।

# ମହାବୀର ଜୟନ୍ତୀ ଉଦ୍‌ଯାପିତ

କଟକ, (ସ୍ୱପ୍ର) : ଜୟ ବୁଢ଼ା ମହାବୀର ସମିତି ପକ୍ଷରୁ ଚାଉଳିଆଗଞ୍ଜ ତଳସାହିସ୍ଥିତ ମନ୍ଦିର ପ୍ରାଙ୍ଗଣରେ ମହାବୀରଙ୍କ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ଓ ଯଜ୍ଞ ସହିତ ସଂଖ୍ୟାଧିକ ବନାଟି ଓ ଆଖଡ଼ା ଖେଳ ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାରେ ତିନି ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ବୁଢ଼ା ମହାବୀର ସେବା ସମିତିର ସଭାପତି ସୁକାନ୍ତ ସାହାଣୀଙ୍କ ତତ୍ତ୍ୱାବଧାନରେ



ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡା, ଲକ୍ଷ୍ମୀଧର ସାହୁ, ଚତୁର୍ଭୁଜ ସାହାଣୀ, ଜଗନ୍ନାଥ ମହାରଣା, ମହେଶ ପାଟରା, କର୍ପୋରେଟର ସନ୍ତୋଷ ଭୋଳ, କାମେଶ ରାଓ, ସୁବାଶିଷ ପଟ୍ଟନାୟକ, ଗଗନ ଓଝା, ମିନତୀ ସାହୁ, ନଗର କଂଗ୍ରେସ ସଭାପତି ସନ୍ତାୟନ ମିଶ୍ର, ଅଜୟ ଗୋଛାୟତ, ପ୍ରତାପ ପରିଡା, ମାନସ ପରିଡା, ସିପୁ ସାହୁ, ଲତିକା ପାତ୍ର, ଅମ୍ରିତା ସାହୁ, ବେବିନା ବେହେରା, ଜଗନ ସାହୁ, ମନୋଜ ମହାନ୍ତି, ଦୀପକ ସାହୁଙ୍କ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଅକ୍ଷୟ ତୃତୀୟାରେ ଅରୁନ୍ଧତୀ ଜୁଏଲର୍ସର ସର୍ବଶ୍ରେଷ୍ଠ ଅଫର

## ସର୍ବୋତ୍ତମ ଡିଜାଇନ୍ ଉପରେ ସର୍ବନିମ୍ନ ଗଢ଼ା ମଜୁରି ପ୍ରତିଶ୍ରୁତି

ଭୁବନେଶ୍ୱର, (ସବ୍ୟୁ) : ଅରୁନ୍ଧତୀ ଜୁଏଲର୍ସ ପ୍ରତ୍ୟେକ ଉତ୍ସବରେ ଓଡିଶାବାସୀଙ୍କ ପାଇଁ ନୂଆ ନୂଆ ଅଫର ଓ ଆକର୍ଷଣୀୟ ଉପହାର ଭେଟି ଦେଇ ଆସିଛି। ତେବେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଓଡିଶାବାସୀଙ୍କ ଖୁସିକୁ ଦୁଇଗୁଣିତ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସ ନେଇ ଆସିଛି ସ୍ୱର୍ଣ୍ଣ ଅକ୍ଷୟ ଅଫର। ଯେଉଁଠି ଓଡିଶାବାସୀଙ୍କୁ ମିଳିବ ଓଡିଶା ବଜାରର ସର୍ବୋତ୍ତମ ଡିଜାଇନ ଉପରେ ସର୍ବନିମ୍ନ ଗଢା ମଜୁରୀର ସୁନିଶ୍ଚିତ ପ୍ରତିଶ୍ରୁତି। ସମସ୍ତ ସୁନା ଓ ରୂପା ଅଳଙ୍କାରର ଗଢା ମଜୁରୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଡ ରିହାତି ସହ ପ୍ରତ୍ୟେକ ହିରା ଗହଣାର ହିରା ମୂଲ୍ୟ ଉପରେ ୨୫ ପ୍ରତିଶତ ପର୍ଯ୍ୟନ୍ତ ମହାବଚତ । ତାହା ସହିତ ଅରୁନ୍ଧତି ବାନ୍ଧକଳା ପ୍ରିମିୟମ ସମ୍ବଲପୁରୀ ଶାଢୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ




ଆକର୍ଷଣୀୟ ରିହାତି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ଅକ୍ଷୟ ତୃତୀୟା କେବଳ ଏକ ତିଥି ନୁହେଁ ଏହା ହେଉଛି ଆମ ପରମ୍ପରାରେ ଅତୁଟ ବିଶ୍ୱାସ, ସୁଖ ଏବଂ ଅକ୍ଷୟ ସମୃଦ୍ଧିର ପ୍ରତିକ। ଏହି ଅବସରରେ ସର୍ବୋତ୍ତମ ଡିଜାଇନ ଉପରେ ସର୍ବଶ୍ରେଷ୍ଠ ଅଫର ସହ ସୁନା ଗହଣା କିଣିପାରିବେ। ଏହା ହିଁ ଆମର ମୂଳ ଲକ୍ଷ୍ୟ। ଓଡିଶାବାସୀଙ୍କ ବିଶ୍ୱାସକୁ ଆମେ ସବୁବେଳେ ପ୍ରାଥମିକତା ଦେଇ ଆସିଛୁ ଓ ସେହି ବିଶ୍ୱାସକୁ ବଜାୟ ରଖି ଅରୁନ୍ଧତିରେ ଏହି ଅନନ୍ୟ ଅଫର ବୋଲି ସେ କହିଛନ୍ତି।

# ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଲା ପଞ୍ଜାବ କିଙ୍ଗ୍ସ

## ଆଇପିଏଲ ମହାସମର

ମୁମ୍ବାଇ,୧୬।୪(ଏଜେନ୍ସି): ଆଇପିଏଲର ୨୪ତମ ମ୍ୟାଚରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସକୁ ୭ ୱିକେଟରେ ଧରାଶାୟୀ କରିଛି ପଞ୍ଜାବକିଙ୍ଗ୍ସ। ୫ ମ୍ୟାଚରୁ ୪ଟି ବିଜୟ ସହ ୯ ପଏଣ୍ଟ ହାସଲ କରି ପଞ୍ଜାବ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ମୁମ୍ବାଇର ପିଛା ଛାଡୁନି ପରାଜୟ। ଦଳ ୫ ମ୍ୟାଚରୁ ଗୋଟିଏ ବିଜୟ ଓ ୪ଟି ପରାଜୟ ସହ ୨ ପଏଣ୍ଟ ହାସଲ କରି ଟେବୁଲର ନବମ ସ୍ଥାନରେ ରହିଛି। ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୫ ରନ କରିଥିଲା। ଜବାବରେ ପଞ୍ଜାବକିଙ୍ଗ୍ସ ୧୬.୩ ଓଭରରେ ୧୯୮/୩ ରନ କରି ଜମାଣିଆ ବିଜୟ ହାସଲ କରିଥିଲା।

ୱାଙ୍ଖେଡେରେ ମୁମ୍ବାଇ ଇଣ୍ଡିଆନ୍ସ ଟସ ହାରି ବ୍ୟାଟି କରିବାକୁ ଆମନ୍ତ୍ରଣ ପାଇଥିଲା। ପଞ୍ଜାବର ଏହି ରଣକୌଶଳ ଆରମ୍ଭରୁ ସଠିକ ମନେ ହେଉଥିଲା। କାରଣ ଦଳୀୟ ସ୍କୋର ୧୨ ରନ୍ ବେଳେ ମୁମ୍ବାଇ ଓପନର ରିଆନ ରିକେଲଟନ ଓ ସୂର୍ଯ୍ୟ କୁମାର ଯାଦବ ପାଭିଲିୟନ୍ ଫେରିଯାଇଥିଲେ। ଅର୍ଶଦୀପ ସିଂଙ୍କ ଦ୍ୱିତୀୟ ଓଭରର ପ୍ରଥମ ଓ ଦ୍ୱିତୀୟ ବଲରେ କ୍ରମାଗତ ୱିକେଟ୍ ସଫଳତା ମୁମ୍ବାଇକୁ ବ୍ୟାକଫୁଟକୁ ଠେଲି ଦେଇଥିଲା। କିନ୍ତୁ କ୍ୱିଣ୍ଟନ ଡିକକ୍ ତଥା ନମନଧୀରଙ୍କ ବିସ୍ଫୋରକ ଇନିଂସ ଯୋଗୁଁ ମୁମ୍ବାଇ ସମ୍ମାନଜନକ ସ୍ଥିତିରେ ପହଞ୍ଚି ପାରିଥିଲା। କ୍ୱିଣ୍ଟନଡିକକ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୬୦ ବଲରୁ ୮ଟି ଚୌକା ଓ ୭ ଛକା ସହାୟତାରେ ୧୧୨ ରନର ଶତକୀୟ ଇନିଂସ ଖେଳିଥିଲେ। ତାଙ୍କୁ ଭରପୂର ସହଯୋଗ କରିଥିଲେ ନମନ ଧୀର। ନମନ ୩୧ ବଲର ସମ୍ମୁଖୀନ ହୋଇ ୩ଟି ଲେଖାଏଁ ଚୌକା ଓ ଛକା ସହାୟତାରେ ୫୦ ରନ କରିଥିଲେ। ଏକଦା ମୁମ୍ବାଇ ୨୨୦ରୁ ଊର୍ଦ୍ଧ୍ୱ ରନ୍ କରିବ ବୋଲି ଆକଳନ କରାଯାଉଥିଲା। କ୍ୱିଣ୍ଟନ ଡିକକଙ୍କ ଶତକୀୟ ଇନିଂସ ସତ୍ତ୍ୱେ ମୁମ୍ବାଇ ୨୦ ଓଭରରେ ୧୯୫/୬ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୪, ସେରଫାନେ ରଦରଫୋର୍ଡ ୧, ତିଲକ ବର୍ମା ୮ ରନ୍ କରିଥିଲେ। ପଞ୍ଜାବର ଅର୍ଶଦୀପ ସିଂ ୩ଟି, ମାର୍କୋ ଜନସେନ ଓ ଶଶାଙ୍କ ସିଂ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

୧୯୬ ରନର ବିଜୟଲକ୍ଷ୍ୟକୁ ପଞ୍ଜାବକିଙ୍ଗ୍ସ ପିଛା କରିଥିଲା। ଦଳ ୧୬.୩ ଓଭରରେ ୩ ୱିକେଟ୍ ହରାଇ ୧୯୮ ରନ କରି ଲକ୍ଷ୍ୟ ହାସଲ କରି ନେଇଥିଲା। ଏହି ମ୍ୟାଚରେ ପ୍ରଭସିମରନ ସିଂ ୮୦ ରନ ଓ ଶ୍ରେୟାସ ଆୟର ୬୬ ରନ୍ କରି ଦଳର ବିଜୟ ସହଜ କରିଥିଲେ। ଓପନର ପ୍ରିୟନ୍ସ ଆର୍ଯ୍ୟ ୧୫ ରନ୍ କରିଥିଲେ। ପ୍ରଭସିମରନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୩୯ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୨ଟି ଛକା ସହାୟତାରେ ୮୦ ରନ୍ କରିଥିଲେ। ତାଙ୍କର ଏହି ସ୍କୋର ଦଳ ପାଇଁ ସଞ୍ଜୀବନୀ ସାବ୍ୟସ୍ତ ହୋଇଥିଲା। କୁପର କୋନୋଲି ୧୨ ବଲରୁ ୧୭ ରନ୍ ତଥା ଅଧିନାୟକ ଶ୍ରେୟାସ ଆୟର ୩୫ ବଲରୁ ୫ଟି ଚୌକା ଓ ୪ଟି ଛକା ସହାୟତାରେ ୬୬ ରନ କରିବାରୁ ପଞ୍ଜାବ ବିଜୟର ନିକଟତର ହୋଇଥିଲା। ଆୟର ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୧୫.୩ ଓଭରରେ ୧୮୪ ରନରେ ପହଞ୍ଚିଥିଲା। ଶେଷ ଭାଗରେ ମାର୍କସ ଷ୍ଟୋଇନିସ ୫ ବଲରୁ ୧୦ ରନ୍ କରି ଶେଷ କରିଥିଲେ। ମୁମ୍ବାଇ ଦଳରେ ଦୀପକ ଚହର, ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, ଘଜନଫର, ସାର୍ଦ୍ଦୁଲ ଠାକୁରଙ୍କ ଭଳି ଘାତକ ବୋଲର ଥିବା ସତ୍ତ୍ୱେ ପଞ୍ଜାବକୁ ଲକ୍ଷ୍ୟ ହାସଲ ପୂର୍ବରୁ ଅଟକାଇ ପାରିନଥିଲେ।




### ଆଜିର ମ୍ୟାଚ

* ଗୁଜରାଟ-କୋଲକାତା
* ସ୍ଥାନ - ଅହମ୍ମଦାବାଦ
* ସମୟ - ରାତି ୭.୩୦

▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ଦୋଷା-ଇଟଲୀ ବିବାଦ

# ଆର୍‌ସିବି ବିରୋଧରେ ସିଏସକେର ଅଭିଯୋଗ

ନୂଆଦିଲ୍ଲୀ,୧୬।୪(ଏଜେନ୍ସି): ଚଳିତ ଆଇପିଏଲରେ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଆରସିବି ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛି ଚେନ୍ନାଇସୁପରକିଙ୍ଗ୍ସ। ଗତ ୫ ତାରିଖରେ ଖେଳାଯାଇଥିବା ମ୍ୟାଚ ସମୟରେ ଘଟିଥିଲା। ଏପ୍ରିଲ ୫ରେ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଉଥିବା ମ୍ୟାଚ ସମୟରେ ଏମିତି ଏକ ଘଟଣା ଘଟିଥିଲା ଯାହା ଚେନ୍ନାଇ ସୁପରକିଙ୍ଗ୍ସକୁ ଅଭିଯୋଗ କରିବା ଲାଗି ବାଧ୍ୟ କରିଥିଲା। ସିଏସକେ ଅଭିଯୋଗ କରିଥିଲା ଯେ, ସେମାନଙ୍କ ଇନିଂସ ଆରମ୍ଭ ହେବାକୁଯାଉଥିବା ସମୟରେ ଷ୍ଟାଡିୟମରେ ଡିଜେ ବାଜିଥିଲା। ଷ୍ଟାଡିୟମ ଡିଜେରେ ଦୋଷା, ଇଟିଲି, ସାମ୍ବର, ଚଟଣୀ ଚଟଣୀ ଗୀତ ବଜାଯାଇଥିଲା। ଏହି ଟ୍ରାକ୍ ପ୍ରାୟତଃ ସୋସିଆଲ ମିଡ଼ିଆରେ ଦକ୍ଷିଣ ଭାରତୀୟଙ୍କ ବିରୋଧରେ ଷ୍ଟେରିଓ ଟାଇପଙ୍କୁ ସଂଗୀତ ଭାବେ ବ୍ୟବହାର କରାଯାଉଛି। ସିଏସ୍‌କେ ଅନୁଭବ କରିଛି ଯେ, ଏହା ସେମାନଙ୍କ ଖେଳାଳିଙ୍କୁ ଅପମାନିତ କରିବା ପାଇଁ ଜାଣିଶୁଣି ପ୍ରୟାସ ଥିଲା। ଆଇପିଏଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସିଏସକେର ଅଭିଯୋଗ ମିଳିଛି। ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଘଟଣା ତଦନ୍ତ କରିବ। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସିଏସକେ ପରିଚାଳନା ନିର୍ଦ୍ଦେଶକ କାଶୀ ବିଶ୍ୱନାଥ କହିଛନ୍ତି ଡିଜେର ଭୂମିକା ହେଉଛି ନିଜ ଦଳକୁ ସମର୍ଥନ କରିବା କିନ୍ତୁ ଏହି ଘଟଣାରେ ଆମ ଖେଳାଳିମାନଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦିଆଯାଇଥିଲା। ସେଥିପାଇଁ ଆମେ ବିସିସିଆଇକୁ ଚିଠି ଲେଖିଛୁ। ଏତଦ୍ ବ୍ୟତୀତ ସିଏସକେ ଅସନ୍ତୋଷ ପ୍ରକାଶ କରିଛି ଯେ ଯେତେ ବେଳେ ସିଏସକେ ଖେଳାଳି ଆହତ ହେଉଥିଲେ ସେତେବେଳେ ଡିଜେରେ ଦୋଷା, ଇଟିଲି, ସାମ୍ବର ଗୀତା ବଜାଯାଉଥିଲା।

ଚଳିତ ସଂସ୍କରଣରେ ଆର୍‌ସିବି ଚେନ୍ନାଇ ଉପରେ ନିଜର ଦବଦବା ଜାହିର କରିଛି। ଏହି ମ୍ୟାଚରେ ମଧ୍ୟ ଚେନ୍ନାଇକୁ ୪୩ ରନରେ ପରାଜିତ କରିଥିଲା ଆର୍‌ସିବି। ଧୋନୀଙ୍କ ଅନୁପସ୍ଥିତି ଆଇପିଏଲ-୨୦୨୬ର ଆରମ୍ଭ ସିଏସକେ ପାଇଁ ଭଲ ସାବ୍ୟସ୍ତ ହୋଇନାହିଁ। ଦଳର ଏହାର ପ୍ରଥମ ୫ଟି ମ୍ୟାଚରୁ ୩ଟିରେ ହାରିଛି। ଶେଷ ଦୁଇଟି ମ୍ୟାଚ ଯଥା ଦିଲ୍ଲୀ ଓ କୋଲକାତା ବିପକ୍ଷରେ ଚେନ୍ନାଇ ବିଜୟଲାଭ କରିଛି।

# ଜାତୀୟ କ୍ରିକେଟ୍ ଏକାଡେମୀ ନାଁ ଡାକ୍ତରଖାନା !

ନୂଆଦିଲ୍ଲୀ,୧୬।୪(ଏଜେନ୍ସି): ଜାତୀୟ କ୍ରିକେଟ୍ ଏକାଡେମୀ (ଏନସିଏ)କୁ ନେଇ ବଡ଼ କଥା ସାମ୍ନାକୁ ଆସିଛି। ସାଧାରଣତଃ ଏନସିଏ ଟ୍ରେନିଂ ସେଣ୍ଟର, କୋଚିଂ କୋର୍ଷ, ଫିଟ୍‌ନେସ ଆସେଟମେଣ୍ଟ ରିହାବିଟେସନ ଏବଂ ଇଞ୍ଜୁରୀ ମ୍ୟାନେଜମେଣ୍ଟ ପାଇଁ ଜଣାଶୁଣା। ବର୍ତ୍ତମାନ ସ୍ଥିତିରେ ଏହା ଖେଳାଳିଙ୍କ ବିକାଶ ସେଣ୍ଟର ନହୋଇ ଡାକ୍ତରଖାନା ପାଲଟି ଯାଇଛି ବୋଲି ପୂର୍ବତନ କ୍ରିକେଟର ମୁନାଫ ପଟେଲ କହିଛନ୍ତି। ଯାହାପରି ଆଲୋଚନା ଜୋର ଧରିଛି । ଏନସିଏକୁ କେବଳ ଆହତ ସମସ୍ୟାରୁ ମୁକୁଳିବା ପାଇଁ ଖେଳାଳିମାନେ ଭୟରେ ମୁହଁ ଖେଲୁନାହାନ୍ତି । କ୍ୟାରିୟର ପାଇଁ ସେମାନେ ଭୟରେ ଏନସିଏ ଯାଉଛନ୍ତି ।

ଥରେ ଏନସିଏ ଭିତରକୁ ଗଲେ ସବୁ ଜାଣିପାରିବେ ବୋଲି ପଟେଲ କହିଛନ୍ତି। ବଡ଼ ଧରଣର ପରିବର୍ତ୍ତନର ଆବଶ୍ୟକତା ରହିଛି। ୨୦୦୦-୦୧ରେ ଅଷ୍ଟ୍ରେଲିଆର ସେଣ୍ଟର ଅଫ୍ ଏକ୍ସିଲେନ୍ସି ମଡ଼େଲକୁ ଆଖି ଆଗରେ ରଖାଯାଇ ଭାରତରେ ଜାତୀୟ କ୍ରିକେଟ୍ ଏକାଡେମୀର ସ୍ଥାପନା କରାଯାଇଥିଲା। ଜଣେ ଖେଳାଳି ଆହତ ହେବାପରେ ବାଧ୍ୟ ହୋଇ ଏନସିଏକୁ ଆସୁଛନ୍ତି ଏହାର ମୁଖ୍ୟ କାରଣ ହେଲା ଏନସିଏ ଫିଟନେସ ସାର୍ଟିଫିକେଟ ବଳରେ ସେମାନେ ପୁଣି ଦଳକୁ ଫେରିପାରିବେ। ଏନସିଏରେ ଫିଟ୍ ହେବା ସହ ଖେଳାଳିଙ୍କ ସ୍କିଲ ସୁଧାରିବା ଜରୁରୀ ବୋଲି ପଟେଲ କହିଛନ୍ତି।

## ରେଳ ମଣ୍ଡଳସ୍ତରୀୟ ଆନ୍ତଃ ବିଭାଗୀୟ ଟି-୨୦ କ୍ରିକେଟ

# ଫାଇନାଲରେ ଆରପିଏଫ

ଜଟଣୀ,୧୬।୪(ସବ୍ୟୁ): ଖୋର୍ଦ୍ଧାରୋଡ ରେଳ ଷ୍ଟାଡିୟମରେ ଚାଲିଥିବା ମଣ୍ଡଳସ୍ତରୀୟ ଆନ୍ତଃବିଭାଗୀୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ବୁଧବାର ସନ୍ଧ୍ୟାରେ ପ୍ରଥମ ସେମିଫାଇନାଲ ଆରପିଏଫ ଓ ଇଂଜିନିୟରିଙ୍ଗ ବିଭାଗ ମଧ୍ୟରେ ମ୍ୟାଚ ହୋଇଥିଲା । ଆରପିଏଫ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୧ ରନ କରିଥିଲା । ଜବାବରେ ଇଂଜିନିୟରିଙ୍ଗ ଟିମ ୭ ୱିକେଟ ହରାଇ ୧୪୬ ରନ କରି ୨୫ ରନ ବ୍ୟବଧାନରେ ହାରିଯାଇଥିଲେ । ଓମପ୍ରକାଶ ଯାଦବ ୨୨ ବଲରୁ ୫୨ ଓ ଦୁଇଟି ୱିକେଟ ପାଇଁ ମ୍ୟାନ ଅଫ ମ୍ୟାଚ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଓସିଏ କୋଚ କୁଳମଣି ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦେଇଥିଲେ । ଆରପିଏଫ ଆସିଷ୍ଟାଣ୍ଟ ସିକୁରିଟି କମିଶନର ପ୍ରେମ କୁମାର ସଞ୍ଜୟ, ଶ୍ରମିକ କଂଗ୍ରେସର ଶାଖା ସମ୍ପାଦକ ଏଲ ଡି ମହାନ୍ତି, କେ ଭି ଏସ ରାଓ , ମଣ୍ଡଳ ସହସଂଯୋଜକ ନିରଞ୍ଜନ ମିଶ୍ର, ତ୍ରିଲୋଚନ ମହାନ୍ତି ଓ କ୍ରୀଡା ସଚିବ ମହମଦ ଜାକିରୁଦ୍ଧୀନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖବର ଲେଖାହେବା ପର୍ଯ୍ୟନ୍ତ ଦ୍ୱିତୀୟ ସେମିଫାଇନାଲ ଅପେରଟିଙ୍ଗ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭର ଖେଳି ୨ ୱିକେଟ ବିନିମୟରେ ୪୦ ରନ କରି ଖେଳ ଜାରିରଖିଥିଲେ । ଦ୍ୱିତୀୟ ସେମିଫାଇନାଲ ବିଜେତା ଆରପିଏଫ ସହିତ ଆସନ୍ତା ୧୭ ତାରିଖରେ ଫାଇନାଲ ମ୍ୟାଚ ଖେଳିବେ ବୋଲି ରମେଶ ଚନ୍ଦ୍ର ପାଇକରାୟ ସୂଚନା ଦେଇଛନ୍ତି ।




ନିକଟରେ ଶ୍ରୀଲଙ୍କା ଠାରେ ଅନୁଷ୍ଠିତ ହୋଇଥିବା ସାଉଥ ଏସିଆ ଜୁ ଜିତଷୁ ପ୍ରତିଯୋଗିତାରେ ୪ ଟି ସ୍ୱର୍ଣ୍ଣ ଓ ତିନୋଟି ରୌପ୍ୟ ପଦକ ହାସଲ କରିଥିବା ଓଡିଶାର ଖେଳାଳି ମାନଙ୍କୁ ଆଜି ରାଜ୍ୟ କ୍ରିଡା ଓ ଯୁବ ସେବା ବିଭାଗ ର ସଚିବ ଶ୍ରୀ ଭୂପେନ୍ଦ୍ର ସିଂ ପୁନିଆ ଓ ନିର୍ଦ୍ଦେଶକ ଡ. ଯାଦୁଲା ବିଜୟ ସମ୍ବର୍ଦ୍ଧିତ କରିଛନ୍ତି ।

# କରାଟେରେ ଯାଜପୁରର ସଫଳତା

ଧର୍ମଶାଳା,୧୬।୪(ସବ୍ୟୁ): ଖୋର୍ଦ୍ଧାରେ ଅନୁଷ୍ଠିତ ଇଣ୍ଟରଷ୍ଟେଟ କାନିନଜୁକୁ ଜାପାନ କରାଟେ ଶୋଟକାଇର ପ୍ରତିଯୋଗୀତାରେ ଯାଜପୁର ପ୍ରତିଯୋଗୀଙ୍କୁ ସଫଳତା ମିଳିଛି । ଖୋର୍ଦ୍ଧାର ଜଟଣୀସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଇଣ୍ଟରଷ୍ଟେଟ କାନିନଜୁକୁ କରାଟେ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ୧୫ଜଣ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ । ଏଥିରେ କାଟା ଓ କୁମିତେ ଦୁଇଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । କାଟା ବିଭାଗରେ ରାଜଶ୍ରୀ ଦାଶ, ଦେବସ୍ମିତା ଦାଶ ଓ ସୂର୍ଯ୍ୟକାନ୍ତ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସଂକେତ ବିଶ୍ୱାଳ, ସ୍ନେହା ମଲିକ, ଆଦିତ୍ୟ ଧନରାଜ, ପ୍ରକୃତି ପ୍ରିୟଦର୍ଶିନୀ ମଲିକ ଦିତୀୟ ସ୍ଥାନ ଓ ରିୟା ସେଠୀ, ସାଇ ସୂରିୟାଂଶ ସାହୁ, କାଜଲ କୁମାରୀ, ଉଦୟ କୁମାର ସିଂ, ବିବେକିଶାଲ ବେହେରା, ସାହିଲ ଦାଶ ଓ ରାଜଶ୍ରୀ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କୁମିତେ ବିଭାଗରେ ସାଇ ସୂରିୟାଂଶ ସାହୁ, ସଂକେତ ବିଶ୍ୱାଳ, ଉଦୟ କୁମାର ସିଂ, ଆଦିତ୍ୟ ଧନରାଜ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କାଜଲ କୁମାରୀ, ରାଜଶ୍ରୀ ଦାଶ, ସୂର୍ଯ୍ୟକାନ୍ତ ଦାସ ଦିତୀୟ ସ୍ଥାନ ଓ ରିୟା ସେଠୀ, ବିବେକିଶାଲ ବେହେରା, ସାହିଲ ଦାଶ, ରାଜଶ୍ରୀ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ସଫଳତା ପାଇବା ପରେ ଯାଜପୁରର କ୍ରୀଡ଼ାବିତଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

## ▸▸ ରାଜ୍ୟ ସିଏମ ଟ୍ରଫି ସପ୍ତମ ଦିବସ

# ଟିଏସଏଫ ମୁର୍ଗା ଓ ଜେଏସଡବ୍ଲୁଏଫ ବିଜୟୀ

କେନ୍ଦୁଝର,(ସବ୍ୟୁ): ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିଏମ ଫୁଟବଲ ପ୍ରତିଯୋଗିତାର ଲିଗ କମ ନକଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜି ସପ୍ତମ ଦିବସର ପ୍ରଥମ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ମା' ଟାଙ୍ଗରାଣୀପାଟ ଏଫସି ଗୋଲର ବୃଷ୍ଟି କରି ୧୪-୦ ଗୋଲରେ ବିଜୟୀ ହେବା ସହ ପୁରା ପଏଣ୍ଟ ହାସଲ କରିଛି । ଟିଏସଏଫ, ମୁର୍ଗା ପକ୍ଷରୁ ଡ଼କଫର ମୁଣ୍ଡା ୫ଟି, ବିଶ୍ୱଜିତ ମୁଣ୍ଡା ୪ଟି, ରାଜ ବେଣ୍ଟକାର ୩ଟି ଏବଂ ସୁନିଆ ମୁଣ୍ଡା ୨ଟି ଗୋଲ ସ୍କୋର କରିଥିଲେ ।ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଜେଏସଡବ୍ଲୁ ଫାଉଣ୍ଡେସନ ପିକେ ସ୍ପୋର୍ଟିଂ, ଆନନ୍ଦପୁର ବିପକ୍ଷରେ ୨-୦ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳରେ ଜେଏସ ଡବ୍ଲୁ ପକ୍ଷରୁ ଅଭିମନ୍ୟୁ ଓରାମ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୧୦ ନମ୍ବର ଖେଳାଳୀ ଆକାଶ ଓଡ଼ିଆ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୨-୦କୁ ବୃଦ୍ଧି କରିଥିଲେ । ଗୁରୁବାରି ପୂର୍ବାହ୍ନରେ ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକଙ୍କ ସହ ଉଭୟ ଦଳର ଖେଳାଳୀ ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା । ଆଜିର ପ୍ରଥମ ଖେଳରେ ରାଇମୋହନ ମୁର୍ମୁ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ।

# ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡ୍ସରେ ଖେଳିବେ ଓଡ଼ିଆ ପୁଅ ସୁବ୍ରତ

ଭୁବନେଶ୍ୱର,୧୬।୪(ଏଜେନ୍ସି): ଓଡ଼ିଶାର କ୍ୟୁସ୍ପୋର୍ଟ୍ସ ଖେଳାଳି ସୁବ୍ରତ ଦାସ ଆଗାମୀ ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡ୍ସ ପ୍ରତିଯୋଗିତାରେ ଭାଗନେବେ। ଆୟର୍ଲାଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ସେ ସ୍ଥାନ ପାଇଛନ୍ତି। ଶୁକ୍ରବାରଠାରୁ ଇରିସ୍ ଓପନ୍ ବିଲିୟାର୍ଡ୍ସରେ ଖେଳି ତାଙ୍କର ଅଭିଯାନ ଆରମ୍ଭ କରିବେ। ଏହି ପ୍ରତିଯୋଗିତାରେ ପରେ ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମକାଉ ବିଶ୍ୱ ମ୍ୟାଚ୍ପ୍ଲେ ବିଲିୟାର୍ଡ୍ସ ପ୍ରତିଯୋଗିତାରେ ଭାଗନେବେ। ଏହି ଦୁଇ ପ୍ରତିଯୋଗିତା ପରେ ସୁବ୍ରତ ଚଳିତ ଏପ୍ରିଲ ମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଟାଇମ୍ ଫର୍ମାଟ୍ରେ ଖେଳାଯିବାକୁ ଥିବା ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ତାଙ୍କ ସହ ଭାରତର ଅନ୍ୟ ତାରକା ଖେଳାଳି ପଙ୍କଜ ଆଡଭାନୀ, ସୌରଭ କୋଠାରୀ, ଧ୍ରୁବ ସିତ୍ୱାଲ, ସିଦ୍ଧାର୍ଥ ପାରିଖ, ଆଲୋକ କୁମାର, ରୟାନ ରାଜ୍ମି, ରୁପେଶ ଶାହ ଓ ଧ୍ୱଜ ହରିଆ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିବେ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୯୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୯୪ରେ ଯୋଗାଯୋଗ କରନ୍ତୁ ।

# ରଗବୀ ଚାମ୍ପିଅନ ଟିମରେ ଠାକୁରମୁଣ୍ଡାର ବେଲ ହୋ



ଠାକୁରମୁଣ୍ଡା,୧୬।୪(ସବ୍ୟୁ): ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ୧୭/୧୪ ବର୍ଷରୁ କମ ବାଳକ / ବାଳିକା ରଗବୀ ଚାମ୍ପିଅନ୍ସରେ ଓଡିଶା ଦଳ ବିହାରକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଓଡିଶା ଟିମରେ ସ୍ଥାନ ପାଇଥିବା ଚମ୍ପାଝର ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ବେଲ ହୋ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଓଡିଶା ଦଳ ଚାମ୍ପିଅନ ହେବାରେ ବେଲ ହୋଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଥିଲା ବୋଲି ଜଣାପଡିଛି । ୬୯ ତମ ଜାତୀୟ ସ୍କୁଲ ରଗବି ବାଳକ ଓ ବାଳିକା ଚାମ୍ପିଅନ୍ସରେ ବାଳିକାମାନେ ଏହି ସଫଳତା ଲାଭ କରି ଗଣଶିକ୍ଷା ମନ୍ତ୍ରୀଙ୍କ ହାତରୁ ଟ୍ରଫି ହାସଲ କରିଥିଲେ । ଚମ୍ପାଝର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ଦ୍ଦିକ ପଣ୍ଡା ବହୁ ପୂର୍ବରୁ ବେଲ ହୋଙ୍କୁ ପ୍ରଶିକ୍ଷିତ କରିଥିବା ଜଣାପଡିଛି । ଜାତୀୟ ରଗବୀ ରେଫରୀ ଦିବ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବେଲ ପ୍ରଶିକ୍ଷଣ ପାଇଥିଲେ । ବେଲଙ୍କ ଏହି ଅନନ୍ୟ ସଫଳତା ପାଇଁ ତାଙ୍କୁ ଓ ଚମ୍ପାଝର ଆଶ୍ରମ ବିଦ୍ୟାଳୟକୁ ସବୁ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

# ଭଲ ନାହିଁ କାମ୍ବ୍ଲିଙ୍କ ସ୍ୱାସ୍ଥ୍ୟାବସ୍ଥା



ନୂଆଦିଲ୍ଲୀ,୧୬।୪(ଏଜେନ୍ସି): ଭାରତୀୟ ଦଳର ପୂର୍ବତନ ଖେଳାଳି ବିନୋଦ କାମ୍ବ୍ଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକୁଳି ପାରିନାହାନ୍ତି। ଏପରି ଏକ ସମୟରେ କାମ୍ବ୍ଲେଙ୍କୁ ଆର୍ଥିକ ଓ ମାନସିକ ସହାୟତା ଯୋଗାଇ ଦେବା ପାଇଁ ତିଆରି ହୋଇଥିବା ହ୍ୱାଟ୍ସଅପ ଗ୍ରୁପରେ ସଚିନ ତେନ୍ଦୁଲକର ଯୋଡି ହୋଇଛନ୍ତି। ଏହି ହ୍ୱାଟ୍ସଅପ୍ ଗ୍ରୁପ୍ କାମ୍ବ୍ଲେଙ୍କ ବନ୍ଧୁ ମାର୍କସ କରିଛନ୍ତି। ଏଥିରେ ସେ ଅନେକ ପୂର୍ବତନ କ୍ରିକେଟର ଓ କାମ୍ବ୍ଲେଙ୍କ ଶୁଭେଚ୍ଛୁଙ୍କୁ ଯୋଡିଛନ୍ତି। ଏବେ କାମ୍ବ୍ଲେଙ୍କ ସ୍ୱାସ୍ଥ୍ୟବସ୍ଥା କେମିତି ରହିଛି ସେ କଥା ମା କହିଛନ୍ତି। ଏହି ହ୍ୱାର୍ଟ୍ସଅପ୍ ଗ୍ରୁପ୍ ଜରିଆରେ ଅନେକ ଆର୍ଥିକ ସହାୟତା କରୁଛନ୍ତି। ଏବେ କାମ୍ବ୍ଲେଙ୍କ ଅବସ୍ଥା ଭଲ ନାହିଁ। ସେ ସ୍ମୃତିଶକ୍ତି ହରାଉଛନ୍ତି ଯଦିଓ ୬ ମଧ୍ୟରେ ଏହା ହ୍ରାସ ପାଇନାହିଁ। ସେ ଠିକ୍ ଭାବେ କିଛି ବି ମନେ ରଖିପାରୁନାହାନ୍ତି। କିଛି କଥା ଯଦି ତାଙ୍କ ମୁଣ୍ଡରେ ପଶିଯାଉଛି ତାହାକୁ ସେ ବାରମ୍ବାର ଦୋହରାଉଛନ୍ତି। ପୂର୍ବର ଅନେକ କଥା ସେ ଆଦୌ ମନେ ପକାଉପାରୁନାହାନ୍ତି।

କାମ୍ବ୍ଲିଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତାଜନକ ରହିଛି। ଡାକ୍ତର ସମ୍ଭାବ୍ୟ ଜଟିଳତାର ଚେତାବନୀ ଦେଇଛନ୍ତି। ତଥାପି ତାଙ୍କର ଚଳାବୁଲା କ୍ଷମତାରେ ଧୀରେ ଧୀରେ ସୁଧାର ଆସୁଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେ ବ୍ରେନ ଷ୍ଟୋକର ସମ୍ମୁଖୀନ ହୋଇପାରନ୍ତି। ସେ ମଦ ପିଇବା ବନ୍ଦ କରିଦେଇଛନ୍ତି। କିନ୍ତୁ ସେ ବେଳେ ବେଳେ ସିଗାରେଟ୍ ଟାଣୁଛନ୍ତି। ଅଟୋ ଡ୍ରାଇଭରଙ୍କ ସହ ମିଶି ସିଗାରେଟ୍ ଟାଣୁଥିବା ଦେଖାଦେଇଛି। ତାଙ୍କର ହାର୍ଟ, ଲିଭର, କିଡନୀ ଏବେ ଖରାପ ହୋଇଛି। ଆଗକୁ ମସ୍ତିଷ୍କ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅନେକ କିଛି ଚ୍ୟାଲେଞ୍ଜ ଭିତରେ କାମ୍ବ୍ଲେ ଧୀରେ ଧୀରେ ଚାଲୁଛନ୍ତି। ଏପରିକି ସେ ନିକଟରେ ଏକ ବିଜ୍ଞାପନ ସୁଟିଂ ମଧ୍ୟ କରିଥିଲେ। ଅଧିକାଂଶ ସମୟରେ ସେ ପରିବାର ଲୋକଙ୍କ ସହ ଘରେ ସମୟ ବିତାଉଛନ୍ତି। ବେଳେ ବେଳେ ଥାନେରେ ଥିବା କେୟାର ସେଣ୍ଟରକୁ ଯାଉଛନ୍ତି। ଭାରତ ପାଇଁ ୧୦୪ଟି ଦିନିକିଆ, ୧୭ଟି ଟେଷ୍ଟ ଖେଳିଥିବା କାମ୍ବ୍ଲି ଏବେ ଏକାଧିକ ରୋଗ ସହ ସଂଘର୍ଷ କରୁଛନ୍ତି। ୨୦୨୪ ଡିସେମ୍ବର ୨୧ରେ ମୂତ୍ରାଶୟ ସଂକ୍ରମଣ ଯୋଗୁଁ ଆକୃତି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି